ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV — Follow us:

ବର୍ଷ-୬ | ସଂଖ୍ୟା-୯୮ | ସୋମବାର | ୩୦ ଜୁନ୍ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-98 | Monday | 30 June 2025 | Bhubaneswar | Pages-8 | Rs. 2.00


# ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି





ପୁରୀ, ୨୯।୬ (ଡିକେ ନ୍ୟୁଜ): ନବଦିନ ଯାତ୍ରାରେ ବାହାରିଥିବା ରଥାରୁଢ଼ ଦାରୁ ବିଗ୍ରହମାନେ ରବିବାର ଗୋଟିପହଣ୍ଡିରେ ଆଡ଼ପ ମଣ୍ଡପରେ ବିଜେ କରିଛନ୍ତି। ଦାରୁ ବିଗ୍ରହମାନଙ୍କ ଧାଡ଼ି ପହଣ୍ଡି ଦେଖିବାକୁ ଶରଧାବାଲି ଅଞ୍ଚଳ ହୋଇଥିଲା ଲୋକାରଣ୍ୟ। ସୋମବାର ଠାରୁ ଆଡ଼ପ ମଣ୍ଡପରେ ପୂଜା ପାଇବେ ଚତୁର୍ଦ୍ଧାମୂର୍ତ୍ତି। ଉପଲବ୍ଧ ହେବ ଆଡ଼ପ ଅଭଡ଼ା। ଶନିବାର ରାତିରେ ରଥାରୁଢ଼ ଶ୍ରୀଜିଉମାନଙ୍କର ନୀତିକାନ୍ତି ପରେ ରାତି ୧୨ଟା ୧୫ ସୁଦ୍ଧା ହୋଇଥିଲା ରାତ୍ର ପହୁଡ଼। ରବିବାର ସକାଳୁ ୬ଟା ୨୫ ମଧ୍ୟରେ ରଥାରୁଢ଼ ଶ୍ରୀଜିଉମାନଙ୍କର ମଙ୍ଗଳ ଆଳତି ହୋଇଥିଲା। ପରେ ପରେ ତଡପଲାଗି, ମାଇଲମ, ଅବକାଶ, ବେଶ ଓ ଗୋପାଳବଲ୍ଲଭ ଆଦି ନୀତି କରାଯାଇଥିଲା। ସକାଳ ସାଢେ ୧୦ଟା ସୁଦ୍ଧା ହୋଇଥିଲା

## ଆଜିଠୁ ଉପଲବ୍ଧ ହେବ ଆଡ଼ପ ଅଭଡ଼ା

ଗୋପାଳବଲ୍ଲଭ। ସାଢ଼େ ୧୧ଟା ସୁଦ୍ଧା ଯାତ୍ରାଙ୍ଗୀ ମହାସ୍ନାନ ଓ ମଧ୍ୟାହ୍ନ ଧୂପ ୧୨ଟା ୫୦ ସୁଦ୍ଧା କରାଯାଇଥିଲା। ପରେ ପରେ ତିନି ରଥରୁ ଘୋଡା ଫିଟିଯାଇ ଚାରମାଳ ବନ୍ଧା ଶେଷ ହୋଇଥିଲା। ପୁଷ୍ପାଞ୍ଜଳି ପରେ ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ଆଡ଼ପ ପହଣ୍ଡି ପ୍ରସ୍ତୁତି। ରାମକୃଷ୍ଣ ଓ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ ଆଡ଼ପ ମଣ୍ଡପକୁ ବିଜେ କରିଥିଲେ। ଏହାପରେ ପ୍ରଥମେ ଚକ୍ରରାଜ ସୁଦର୍ଶନ ପହଣ୍ଡି ବିଜେ ହୋଇ ଆଡ଼ପ ମଣ୍ଡପରେ ବିଜେକରିଥିଲେ। ଏହାପରେ ଟାହିଆର ଦୋଳନମଧ୍ୟରେ ପ୍ରଭୁ ବଳଭଦ୍ର ପରେ ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଗୋଟି ପହଣ୍ଡିରେ ଆଡ଼ପ ମଣ୍ଡପକୁ ବିଜେ କରିଥିଲେ। ପହଣ୍ଡି ସମୟରେ ଶ୍ରାଦ୍ଧକୁମାନଙ୍କ ଜୟ ଜଗନ୍ନାଥ ଧ୍ୱନି, ଘଣ୍ଟ ଘଣ୍ଟା କାହାଳୀର ନିନାଦ ସାଙ୍ଗକୁ ବାନଟି, ଗୋଟି ପୁଅ ଓ ଓଡିଶୀନୃତ୍ୟ ସୃଷ୍ଟି କରିଥିଲା ଭାବ ଉଦ୍ଦୀପକ ପରିବେଶ। ବାହୁଡ଼ା ପହଣ୍ଡି ଦେଖିବାକୁ ଶରଧାବାଲି ଅଞ୍ଚଳ ଜନସମୁଦ୍ରରେ ପରିଣତ ହୋଇଥିଲା। ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟ ବର୍ତ୍ତି ଅଞ୍ଚଳ। ରାଜ୍ୟ ତଥା ରାଜ୍ୟ ବାହାରର ଲକ୍ଷ ଲକ୍ଷ ଭକ୍ତ ଶ୍ରଦ୍ଧାଳୁ ଆଡ଼ପ ପହଣ୍ଡି ଦର୍ଶନ କରିଥିଲେ। ପୂର୍ବରୁ ରଥାରୁଢ଼ ଶ୍ରୀ ଜିଉମାନଙ୍କୁ ଦର୍ଶନ କରିବା ପାଇଁ ଦିନ ତମାମ ଦର୍ଶନାର୍ଥୀଙ୍କ ଭିଡ଼ ଲାଗିରହିଥିଲା। ଚଳିତବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ନବଦିନ ଯାତ୍ରାରେ ବାହାରିଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କ ଏହି ବିଶ୍ୱପ୍ରସିଦ୍ଧ ରଥଯାତ୍ରରେ ଦୁଇଦିନ ରଥ ଟଣାଯାଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ଶୃଙ୍ଖଳିତ ନୀତି ପରିଚାଳନାର ତଦାରଖ କରୁଥିବା ଦେଖାଯାଇଥିଲା। ସେହିପରି ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜିଲ୍ଲାପାଳ ଚଞ୍ଚଳା ରଣା ଓ ନୂତନ ଦାୟିତ୍ୱ ଗ୍ରହଣ କରିଥିବା ଏସପି ପିନକ ମିଶ୍ର ପ୍ରମୁଖ ମହାପ୍ରଭୁଙ୍କ ନୀତି କାନ୍ତି ତ୍ୱରାନିତ ପାଇଁ ତତ୍ପର ହୋଇ ଲାଗି ପଡ଼ିଥିବା ଦେଖାଯାଇଥିଲା। ନିୟନ୍ତ୍ରଣ, ଟ୍ରାଫିକ ନିୟନ୍ତ୍ରଣ ଓ ଯୋଗାଯୋଗ ପାଇଁ ପୃଥକ ବ୍ୟବସ୍ଥା ହୋଇଥିଲା। ଜନସମାଗମକୁ ଦୃଷ୍ଟିରେ ରଖି ଗତକାଲି ଭଳି ଯାନବାହାନ ଚଳାଚଳ ଏବଂ ପାର୍କିଂ ପାଇଁ ଟ୍ରାଫିକ ସ୍ୱତନ୍ତ୍ର କଟକଣା କରାଯାଇଥିଲା। ଆଣ୍ଟି ଡ୍ରୋନ୍, ଆଣ୍ଟି ସାବୋଡେଜ • ପୃଷ୍ଠା ୭ ଦେଖନ୍ତୁ...

# ରାଜ୍ୟର ଶିଶୁବାଟିକାରେ ନିଯୁକ୍ତ ହେବେ 'ଶିଶୁ ସେବିକା'



ଭୁବନେଶ୍ୱର, ୨୯।୬ (ହି.ସ): ରାଜ୍ୟର ଶିଶୁବାଟିକା ଗୁଡ଼ିକରେ 'ଶିଶୁ ସେବିକା' ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୀତିଗତ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ଶିଶୁ ସେବିକାମାନେ ଶିଶୁବାଟିକାର ଛୋଟ ପିଲାମାନଙ୍କୁ ସହାୟତା ଯୋଗାଇଦେବା ସହିତ ଶିକ୍ଷକମାନଙ୍କ ଉପରେ ରହୁଥିବା ଅଣଶିକ୍ଷା କାର୍ଯ୍ୟର ବୋଝ ହାଲ୍‌କା କରିବାରେ ସହାୟକ ହେବେ। ତେଣୁ ଶିକ୍ଷକମାନେ କେବଳ ଶିକ୍ଷା ଉପରେ ଦୃଷ୍ଟି କେନ୍ଦ୍ରୀତ କରିପାରିବେ। ଏହାଦ୍ୱାରା ପ୍ରାକ୍-ପ୍ରାଥମିକ ଶ୍ରେଣୀରେ ପିଲାଙ୍କ ଗୁଣାତ୍ମକ ଶିକ୍ଷାର ବିକାଶ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ନୂତନ ଜାତୀୟ ଶିକ୍ଷାନୀତି ଅନୁଯାୟୀ ରାଜ୍ୟର ୪୫ ହଜାର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷ ଠାରୁ ଶିଶୁବାଟିକା ଖୋଲାଯାଇଛି। ଏଥିରେ ୫ରୁ ୬ ବର୍ଷ ବୟସର ପିଲାମାନଙ୍କୁ ପ୍ରାକ୍-ପ୍ରାଥମିକ ଶିକ୍ଷା ପ୍ରଦାନ କରାଯାଉଛି। ଶିଶୁବାଟିକାରେ ପିଲାଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଆବଶ୍ୟକତା ଅନୁଯାୟୀ ଶିଶୁ ସେବିକା ନିଯୁକ୍ତି ନିଷ୍ପତ୍ତି ନିଆଯିବ। ଛୋଟ ପିଲାମାନଙ୍କୁ ଶ୍ରେଣୀଗୃହରେ ପରିଚାଳନା କରିବା, ସେମାନଙ୍କ ଯତ୍ନ ନେବା ଗୁରୁଙ୍କ ଦାୟିତ୍ୱ। ଶିକ୍ଷକମାନଙ୍କ ଉପରେ ଏହି ଦାୟିତ୍ୱ ରହିଲେ ଶିକ୍ଷା କାର୍ଯ୍ୟ ବ୍ୟାହତ ହେବ। ସାରା ରାଜ୍ୟରେ ବିଭିନ୍ନ ଶିଶୁ ବାଟିକାରେ ଏ ସମ୍ପର୍କିତ ଏକ ଅଧ୍ୟୟନରୁ ଜଣାଯାଇଛି ଯେ, ଶିକ୍ଷକମାନଙ୍କୁ ଅଣଶିକ୍ଷା କାର୍ଯ୍ୟରେ ସହାୟତା କରିବା ପାଇଁ ଶିଶୁବାଟିକାମାନଙ୍କରେ ଶିଶୁ ସେବିକାମାନଙ୍କର ଆବଶ୍ୟକତା ରହିଛି। ନିଷ୍ପତ୍ତି ଅନୁଯାୟୀ, ସରକାରୀ ବିଦ୍ୟାଳୟରେ ନିଯୁକ୍ତ ପାଚିକାମାନଙ୍କୁ ଯେଉଁ ହାରରେ ଦରମା ଦିଆଯାଉଛି, ଶିଶୁ ସେବିକାମାନଙ୍କୁ ସେହି ହାରରେ ଦରମା ଦିଆଯିବ। ସମଗ୍ର ଶିକ୍ଷାର ବଜେଟରୁ ଏହି ଅର୍ଥ ପ୍ରଦାନ କରାଯିବ। ପିଲାମାନେ ଯେପରି ଇଆଡ଼େ ସେଆଡେ ବୁଲିବେ ନାହିଁ, ଶ୍ରେଣୀଗୃହ ଭିତରେ ସୁରକ୍ଷିତ ଭାବେ ରହିବେ, ତା'ଉପରେ ନଜର ରଖିବେ। ପିଲାଙ୍କ ହାତଧୂଆ, ଖାଇବା, ଶୌଚାଳୟ ଯିବା ଏବଂ ଶ୍ରେଣୀଗୃହରେ ବସିବା ଆଦି କାର୍ଯ୍ୟରେ ସହାୟତା କରିବା ପିଲା କାନ୍ଦିଲେ କିମ୍ବା ଅଝଟ ହେଲେ ସେମାନଙ୍କୁ ବୁଝେଇ ସୁଝେଇ ଶାନ୍ତ କରିବା ଶିଶୁ ସେବିକାମାନଙ୍କ ଦାୟିତ୍ୱ। କେବଳ ସେତିକି ନୁହେଁ, ପିଲାଙ୍କୁ ବହି, ଖେଳନା ଆଦି ବିଭିନ୍ନ ଶିକ୍ଷା ସହାୟକ ଜିନିଷ ଯୋଗାଇ ଦେବା ପିଲା ଯଦି ବାହାରକୁ ଯିବେ କିମ୍ବା ଶୌଚାଳୟ ଯିବେ, ତେବେ ସେବିକାମାନେ ପିଲାଙ୍କ ସହିତ ରହି ସେମାନଙ୍କୁ ସାହାଯ୍ୟ କରିବେ। ପିଲା ଯଦି କୌଣସି କାରଣରୁ ଅସୁସ୍ଥ ଥିବ, ମନଦୁଃଖରେ ଥିବ କିମ୍ବା ଅବୁଝା ହେଉଥିବ ତେବେ ସେ ବିଷୟରେ ଶିକ୍ଷକଙ୍କୁ ଜଣାଇବ। ପ୍ରତ୍ୟେକ ପିଲାଙ୍କ ଦିନ କେମିତି କଟିଲା ସେ ସମ୍ପର୍କରେ ଗୋଟିଏ ଛୋଟ ନୋଟ ପ୍ରସ୍ତୁତ କରିବା। କୌଣସି ପରିସ୍ଥିତିରେ ଶିଶୁ ସେବିକାମାନେ ପିଲାଙ୍କ ପାଠପଢ଼ା ଦାୟିତ୍ୱ ନେବେ ନାହିଁ, ପିଲାମାନଙ୍କୁ ଗାଳି କିମ୍ବା ଦଣ୍ଡ ଦେଇ ପାରିବେନାହିଁ। ପିଲା ଅସୁସ୍ଥ ଥିଲେ ଶିକ୍ଷକଙ୍କୁ ଜଣାଇବେ, କିନ୍ତୁ ଔଷଧ ଦେବା ବା କୌଣସି ଚିକିତ୍ସା କରିପାରିବେ ନାହିଁ।

## ପ୍ରଧାନମନ୍ତ୍ରୀଙ୍କ ରେଡ଼ିଓ ଅଭିଭାଷଣ 'ମନ୍ କି ବାତ'

# ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ସମ୍ପର୍କରେ ଉଲ୍ଲେଖ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୨୯।୬ (ପିଆଇବି): ମୋର ପ୍ରିୟ ଦେଶବାସୀଗଣ, ନମସ୍କାର। 'ମନ୍ କି ବାତ'ରେ ଆପଣ ସମସ୍ତଙ୍କୁ ସ୍ୱାଗତ, ଅଭିନନ୍ଦନ। ଆପଣମାନେ ଏବେ ଯୋଗର ଶକ୍ତି ଏବଂ 'ଆନ୍ତର୍ଜାତିକ ଯୋଗଦିବସ'ର ସ୍ମୃତିରେ ପରିପୂର୍ଣ୍ଣ ଥିବ। ଏଥର ମଧ୍ୟ ଜୁନ୍ ୨୧ ତାରିଖ ଦିନ ଦେଶ-ଦୁନିଆର କୋଟି କୋଟି ଲୋକେ 'ଆନ୍ତର୍ଜାତିକ ଯୋଗ ଦିବସ'ରେ ଅଂଶଗ୍ରହଣ କଲେ। ଆପଣମାନଙ୍କର ମନେଥିବ, ୧୦ ବର୍ଷ ପୂର୍ବେ ଏହାର ଶୁଭାରମ୍ଭ ହୋଇଥିଲା। ଏବେ ୧୦ ବର୍ଷରେ ଏହି ପରମ୍ପରା ପୂର୍ବବର୍ଷ ଅପେକ୍ଷା ଅଧିକରୁ ଅଧିକ ଭବ୍ୟ ହୋଇଚାଲିଛି। ଏହା ଏ ଦିଗକୁ ମଧ୍ୟ ସଂକେତ କରୁଛି କି ଅଧିକରୁ ଅଧିକ ଲୋକ ନିଜ ଦୈନନ୍ଦିନ ଜୀବନରେ ଯୋଗକୁ ଆପଣାଉଛନ୍ତି। ଆମେମାନେ ଏଥର ମଧ୍ୟ ଯୋଗ ଦିବସର ଅନେକ ଚିତ୍ତାକର୍ଷକ ଛବି ଦେଖିଛୁ। ବିଶାଖାପାଟନମର ସମୁଦ୍ରକୂଳରେ ୩ ଲକ୍ଷ ଲୋକ ଏକାଠି ଯୋଗାଭ୍ୟାସ କଲେ। ବିଶାଖାପାଟନମଠାରୁ ହିଁ ଆଉ ଏକ ଚମତ୍କାର ଦୃଶ୍ୟ ଦେଖିବାକୁ ମିଳିଲା। ଦୁଇ ହଜାରରୁ ଅଧିକ ଆଦିବାସୀ ଛାତ୍ରମାନେ ୧୦୮ ମିନିଟ୍ ପର୍ଯ୍ୟନ୍ତ ୧୦୮ ଥର ସୂର୍ଯ୍ୟ ନମସ୍କାର କଲେ। ଚିନ୍ତା କରନ୍ତୁ ତ, କେତେ ଶୃଙ୍ଖଳା, କେତେ ସମର୍ପଣ ଭାବ ରହିଥିବ ତାଙ୍କର। ଆମର ନୌବାହିନୀର ଜାହାଜ ଉପରେ ମଧ୍ୟ ଯୋଗର ଭବ୍ୟ ଦୃଶ୍ୟମାନ ଦେଖିବାକୁ ମିଳିଲା। ତେଲଙ୍ଗାନାରେ ୩ ହଜାର ଦିବ୍ୟାଙ୍ଗ ସାଥୀମାନେ ଏକସଙ୍ଗେ ଯୋଗ ଶିବିରରେ ଅଂଶଗ୍ରହଣ କଲେ। ସେମାନେ ଦେଖାଇଦେଲେ ଯେ ଯୋଗ କେଉଁଭଳି ଭାବରେ ସଶକ୍ତିକରଣର ମଧ୍ୟ ଗୋଟିଏ ମାଧ୍ୟମ। ଦିଲ୍ଲୀର ଜନସାଧାରଣ ଯୋଗକୁ ସ୍ୱଚ୍ଛ ଯମୁନା ସଂକଳ୍ପ ସହ ସଂଯୁକ୍ତ କଲେ ଏବଂ ଯମୁନା କୂଳରେ ଯାଇ ଯୋଗାଭ୍ୟାସ କଲେ। ଜମ୍ମୁ କାଶ୍ମୀରରେ ଚେନ୍ନାବ ପୋଲ ଯାହା ବିଶ୍ୱର ସବୁଠାରୁ ଉଚ୍ଚତା ବିଶିଷ୍ଟ ରେଳପୋଲ, ସେଠାରେ ମଧ୍ୟ ଲୋକେ ଯୋଗାଭ୍ୟାସ କଲେ। ହିମାଳୟର ବରଫାବୃତ ଶିଖର ଏବଂ ଆଇଟିବିପିର ଯବାନ, ସେଠାରେ ମଧ୍ୟ ଯୋଗାଭ୍ୟାସ ଦେଖିବାକୁ ମିଳିଲା, ସାହାସ ଏବଂ ସାଧନା ଏକାଠି ଦେଖିବାକୁ ମିଳିଲା। ଗୁଜୁରାଟର ଜନସାଧାରଣ ମଧ୍ୟ ଏକ ନୂତନ ଇତିହାସ ସୃଷ୍ଟି କଲେ। ଓ୍ୱଡନଗରରେ ୨୧୨୧ (ଦୁଇହଜାର ଶହେ ଏକୋଇଶ) ଜଣ ଏକସଙ୍ଗେ ଭୁଜଙ୍ଗାସନ କଲେ ଏବଂ ନୂତନ ରେକର୍ଡ ସୃଷ୍ଟି କଲେ। ନ୍ୟୁୟର୍କ, ଲଣ୍ଡନ, ଟୋକିଓ, ପ୍ୟାରିସ୍, ବିଶ୍ୱର ପ୍ରତ୍ୟେକ ବଡ଼ ସହରରୁ ଯୋଗର ଛବି ଆସିଲା ଏବଂ ପ୍ରତ୍ୟେକ ଛବିରେ ଗୋଟିଏ ବିଶେଷ କଥା ଦେଖିବାକୁ ମିଳିଲା ତାହା ହେଉଛି ଶାନ୍ତି, ସ୍ଥିରତା ଏବଂ ସନ୍ତୁଳନ। ଏଥରର ଥିମ୍ ମଧ୍ୟ ବହୁତ ସ୍ୱତନ୍ତ୍ର ଥିଲା, 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ'। ଏହା କେବଳ ଏକ ସ୍ଲୋଗାନ ନୁହେଁ, ଏହା ଏକ ଦିଗ ଯାହା ଆମକୁ 'ବସୁଧୈବ କୁଟୁମ୍ବକମ୍'ର ଅନୁଭୂତି ପ୍ରଦାନ କରୁଛି। ଏଥରର ଯୋଗ ଦିବସର ଭବ୍ୟତା ଅଧିକରୁ ଅଧିକ ଲୋକଙ୍କ ଦ୍ୱାରା ଯୋଗକୁ ଆପଣାଇବାକୁ ନିଶ୍ଚୟ ପ୍ରେରଣା ଯୋଗାଇବ ବୋଲି ମୋର ବିଶ୍ୱାସ। ମୋର ପ୍ରିୟ ଦେଶବାସୀଗଣ, ଯେବେ କେହି ତୀର୍ଥଯାତ୍ରା ପାଇଁ ବାହାରେ, ସେତେବେଳେ ପ୍ରଥମେ ଗୋଟିଏ ହିଁ ଭାବନା ମନକୁ ଆସିଥାଏ, ଚଲୋ ବୁଲାଓ୍ୱା ଆୟା ହେ। ଏହି ଭାବନା ଆମର ଧାର୍ମିକ ଯାତ୍ରା ଗୁଡ଼ିକର ଆତ୍ମା। ଏହି ଯାତ୍ରାଗୁଡ଼ିକ ଶରୀରର ଅନୁଶାସନର, ମନର ପବିତ୍ରତାର, ପାରସ୍ପରିକ ପ୍ରେମ ଏବଂ ଭାଇଚାରାର, ଭଗବାନଙ୍କ ସହିତ ଯୋଡ଼ି ହେବାର ମାଧ୍ୟମ ଅଟେ। ଏମାନଙ୍କ ବ୍ୟତୀତ, ଏହି ଯାତ୍ରାଗୁଡ଼ିକର ଆଉ ଗୋଟିଏ ବଡ଼ ବିଶେଷତ୍ୱ ରହିଛି। ଏହି ଧାର୍ମିକ ଯାତ୍ରାଗୁଡ଼ିକ ସେବା କରିବାର ସୁଯୋଗର ଏକ ମହାଅନୁଷ୍ଠାନ ମଧ୍ୟ ହୋଇଥାଏ। ଯେକୌଣସି ଯାତ୍ରା ଅନୁଷ୍ଠିତ ହେବା ସମୟରେ ଯେତେ ଲୋକ ଏହି ଯାତ୍ରାରେ ସାମିଲ ହୁଅନ୍ତି ତା'ଠାରୁ ଅଧିକ ଲୋକ ତୀର୍ଥଯାତ୍ରୀମାନଙ୍କ ସେବା କାର୍ଯ୍ୟରେ ଲାଗିଥାନ୍ତି। ଅନେକ ସ୍ଥାନରେ ଅନ୍ନଛତ୍ର ଖୋଲା ଯାଇଥାଏ। ଲୋକେ ରାସ୍ତାକଡ଼ରେ ଜଳଛତ୍ର ମଧ୍ୟ ଖୋଲିଥାନ୍ତି। ସେବା ଭାବନା ଦ୍ୱାରା ହିଁ ସ୍ୱାସ୍ଥ୍ୟ ଶିବିର ଏବଂ ସୁବିଧାଗୁଡ଼ିକର ବ୍ୟବସ୍ଥା କରାଯାଇଥାଏ। ଅନେକ ଲୋକ ନିଜ ଖର୍ଚ୍ଚରେ ତୀର୍ଥଯାତ୍ରୀମାନଙ୍କ ପାଇଁ ଧର୍ମଶାଳା ଏବଂ ରହିବା ପାଇଁ ବ୍ୟବସ୍ଥା କରିଥାନ୍ତି। ବନ୍ଧୁଗଣ, ଦୀର୍ଘ ସମୟ ପରେ କୈଳାସ ମାନସରୋବର ଯାତ୍ରାର ପୁଣିଥରେ ଶୁଭାରମ୍ଭ ହୋଇଛି। କୈଳାସ ମାନସରୋବର ଅର୍ଥାତ ଭଗବାନ ଶିବଙ୍କ ଧାମ। ହିନ୍ଦୁ, ବୌଦ୍ଧ, ଜୈନ, ପ୍ରତ୍ୟେକ ପରମ୍ପରାରେ କୈଳାସକୁ ଶ୍ରଦ୍ଧା ଏବଂ ଭକ୍ତିଭାବର କେନ୍ଦ୍ର ରୂପେ ଗ୍ରହଣ କରାଯାଇଛି। ବନ୍ଧୁଗଣ, ଜୁଲାଇ ୩ ତାରିଖଠାରୁ ପବିତ୍ର ଅମରନାଥ ଯାତ୍ରା ଆରମ୍ଭ ହେବାକୁ ଯାଉଛି ଏବଂ ପବିତ୍ର ଶ୍ରାବଣ ମାସ ମଧ୍ୟ ପାଖେଇ ଆସିଲାଣି। ଏଇ ଦିନେ ପୂର୍ବରୁ ଆମେ ଭଗବାନ ଜଗନ୍ନାଥଙ୍କର ରଥଯାତ୍ରାର ମଧ୍ୟ ଅବଲୋକନ କଲୁ। ଓଡ଼ିଶା ହେଉ, ଗୁଜରାଟ ହେଉ କିମ୍ବା ଦେଶର କୌଣସି ଅନ୍ୟ ଭାଗ, ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏହି ଯାତ୍ରାରେ ସାମିଲ ହୋଇଥିଲେ। ଉତ୍ତରରୁ ଦକ୍ଷିଣ, ପୂର୍ବରୁ ପଶ୍ଚିମ, ଏହି ଯାତ୍ରାଗୁଡ଼ିକ 'ଏକ ଭାରତ - ଶ୍ରେଷ୍ଠ ଭାରତ'ର ଭାବନାର ପ୍ରତିବିମ୍ବ ଅଟେ। ଆମେ ଯେତେବେଳେ ଶ୍ରଦ୍ଧାଭାବ ସହ, ପୂର୍ଣ୍ଣ ସମର୍ପଣ ଏବଂ ପୂର୍ଣ୍ଣ ଶୃଙ୍ଖଳା ସହିତ ଆମର ଧାର୍ମିକ ଯାତ୍ରା ଶେଷ କରିଥାଉ ସେତେବେଳେ ଏହାର ଫଳପ୍ରାପ୍ତି ମଧ୍ୟ ହୋଇଥାଏ। ମୁଁ ଯାତ୍ରାଗୁଡ଼ିକରେ ଅଂଶଗ୍ରହଣ କରୁଥିବା ସମସ୍ତ ଭାଗ୍ୟବାନ ଶ୍ରଦ୍ଧାଳୁମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି। ଯେଉଁମାନେ ସେବାଭାବନା ସହ ଏହି ଯାତ୍ରାଗୁଡ଼ିକୁ ସଫଳ ଏବଂ ସୁରକ୍ଷିତ କରିବାରେ ଲାଗିଛନ୍ତି ସେମାନଙ୍କୁ ମଧ୍ୟ ମୁଁ ସାଧୁବାଦ ଜଣାଉଛି। ମୋର ପ୍ରିୟ ଦେଶବାସୀଗଣ, ଏବେ ମୁଁ ଆପଣମାନଙ୍କୁ ଦେଶର ଦୁଇଟି ଏଭଳି ଉପଲବ୍ଧି ବିଷୟରେ ଜଣାଇବାକୁ ଚାହୁଁଛି, ଯାହା ଆପଣଙ୍କୁ ଗର୍ବରେ ପରିପୂର୍ଣ୍ଣ • ପୃଷ୍ଠା ୭ ଦେଖନ୍ତୁ...

# ବିଜେପି ରାଜ୍ୟ ସଭାପତି ସହ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ସ୍ଥଗିତ

ଭୁବନେଶ୍ୱର, ୨୯।୬ (ହି.ସ): ଆସନ୍ତା ୧ ତାରିଖରେ ଭାରତୀୟ ଜନତା ପାର୍ଟି (ବିଜେପି)କୁ ନୂଆ ସଭାପତି ମିଳିବ ନାହିଁ। ବିଜେପି ରାଜ୍ୟ ସଭାପତି ନିର୍ବାଚନ ସ୍ଥଗିତ ରଖାଯାଇଛି। ବିଜେପି ରାଜ୍ୟ ସଭାପତି ସହ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନକୁ ମଧ୍ୟ ସ୍ଥଗିତ ରଖାଯାଇଛି। ନିର୍ବାଚନ ଅଧିକାରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ରବିବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଆସନ୍ତା ଜୁଲାଇ ୧ରେ ରାଜ୍ୟ ବିଜେପିକୁ ନୂଆ ସଭାପତି ମିଳିବ ବୋଲି ଦଳ ପକ୍ଷରୁ ଘୋଷଣା କରାଯାଇଥିଲା। ବିଜେପି ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଷଡ଼ଙ୍ଗୀ ପୂର୍ବରୁ ଏହି ସୂଚନା ଦେଇଥିଲେ। ସେ କହିଥିଲେ, ବିଜେପି ସଂଗଠନ ନିର୍ବାଚନରେ ବୁଥ, ମଣ୍ଡଳ, ଜିଲ୍ଲା ନିର୍ବାଚନ ସରିଛି। ବିଭିନ୍ନ ସଭାପତି କାରଣରୁ ନିର୍ବାଚନ ବନ୍ଦ ଥିଲା। ଶ୍ରୀ ଷଡ଼ଙ୍ଗୀଙ୍କ କହିବା ଅନୁସାରେ ରବିବାର ମତଦାନ ସୂଚୀ ପ୍ରକାଶ ପାଇବାର ଥିଲା। ୩୦ରେ ନାମାଙ୍କନ ପତ୍ର ଦାଖଲ ହୋବାର ଥିଲା। ଜୁଲାଇ ୧ରେ ମତଦାନ ହୋଇ ଅପରାହ୍ନରେ ଫଳ ପ୍ରକାଶ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ଅନିବାର୍ଯ୍ୟ କାରଣ ପାଇଁ ବର୍ତ୍ତମାନ ପରିସ୍ଥିତିରେ ବିଜେପି ନିର୍ବାଚନକୁ ସ୍ଥଗିତ ରଖିଛି। ଓଡ଼ିଶା ବିଜେପି ରାଜ୍ୟ ନିର୍ବାଚନ ପ୍ରଭାରୀ ସଞ୍ଜୟ ଜୟଶ୍ୱାଲଙ୍କ ଉପସ୍ଥିତିରେ ନାଁ ଘୋଷଣା ହେବାର ଥିଲା। ଉଲ୍ଲେଖ ଥାଉ କି ବିହାର ସାଂସଦ ସଂଜୟ ଜୟସ୍ୱାଲଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ବାସ୍ତବରେ ବିଜେପି ରାଜ୍ୟ ସଭାପତି • ପୃଷ୍ଠା ୭ ଦେଖନ୍ତୁ...









# ରଥ ସମ୍ମୁଖରେ ଦଳାଚକଟା, ଗଲା ତିନି ଜଣ ଜୀବନ

ପୁରୀ, ୨୯।୬ (ଡିକେ ନ୍ୟୁଜ): ଶରଧାବାଲିରେ ରଥ ସମ୍ମୁଖରେ ଠେଲାପେଲା ଓ ଦଳାଚକଟା ଯୋଗୁଁ ରବିବାର ଭୋରରୁ ତିନି ଜଣ ଭକ୍ତଙ୍କ ମୃତ୍ୟୁ ଘଟିଛି। ପହଡ଼ ଖୋଲିବା ପରେ ଦର୍ଶନ ପାଇଁ ଅତ୍ୟଧିକ ଭିଡ଼ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ରବିବାର ଭୋର ପ୍ରାୟ ୪ଟା ୨୦ ସମୟରେ ଏଭଳି ଅଘଟଣ ଘଟିଥିବା ସୂଚନା ମିଳିଛି। ମୃତକମାନେ ହେଲେ ଖୋର୍ଦ୍ଧା ଗୋବର୍ଦ୍ଧନପୁର ଅଞ୍ଚଳର ବାସନ୍ତୀ ସାହୁ (୩୬), ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳର ପ୍ରେମକାନ୍ତ ମହାନ୍ତି (୭୮) ଏବଂ ବାଲିପାଟଣା ଅଠାନ୍ତର ଅଞ୍ଚଳର ପ୍ରଭାତୀ ଦାସ (୪୨)। ଏହି ଅଘଟଣରେ ଅନ୍ୟ ୬ଜଣ ଆହତ ହୋଇଛନ୍ତି। ତେବେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଠେଲାପେଲାରେ ପ୍ରାୟ ୫୦ଜଣ ଆହତ ହୋଇଥିଲେ। ପ୍ରଥମିକ ଚିକିତ୍ସା ପରେ ସେମାନେ ଫେରି ଯାଇଥିବା କୁହାଯାଇଛି। ଭକ୍ତଙ୍କ ଭିଡ଼ ଭିତରେ ଚାରକାଠ ବୋଝେଇ ଟ୍ରକ ପଶିଯିବାରୁ ଏଭଳି ଅଘଟଣ ଘଟିଥିବା କେତେକ ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ଝିପି ଝିପି ବର୍ଷା ଯୋଗୁଁ ପଲିଥିନରେ ଗୋଡ଼ ଖସିବା ଏଭଳି ଅଘଟଣର ଅନ୍ୟତମ କାରଣ ବୋଲି କେତେକ ପ୍ରତ୍ୟେକ୍ଷ ଦର୍ଶୀ କହିଛନ୍ତି। ମୋଟାମୋଟି ଭାବେ ଅଘଟଣ ସମୟରେ ଘଟଣା ସ୍ଥଳରେ କୌଣସି ସୁରକ୍ଷା ବ୍ୟବସ୍ଥା ନଥିବାରୁ ଏଭଳି ପରିସ୍ଥିତି ଉପୁଜିଥିଲା ବୋଲି ବହୁ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏଭଳି ଅଘଟଣ ପାଇଁ ପ୍ରଶାସନିକ ବିଫଳତାକୁ ପଦାରେ ପକାଇଛି। ଅନ୍ୟପକ୍ଷରେ ଶ୍ରଦ୍ଧାଳୁଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଏସପି ବିନୀତ ଅଗ୍ରଓ୍ୱାଲ। ରଥ ଚାରିପାଖରେ ପୋଲିସ କର୍ମୀ ମୁତୟନ ଥିଲେ। ପୋଲିସ ଭିଡ଼ ଭିତରେ ନଥିବା କଥା ଠିକ୍ ନୁହେଁ ବୋଲି ସେ କହିଛନ୍ତି। ତେବେ ଯଦି ସୁରକ୍ଷା କର୍ମୀଥିଲେ ଅଘଟଣ ସମୟରେ ଉପସ୍ଥିତ ଲୋକମାନେ କିପରି ଦେଖିପାରିଲେ ନାହିଁ • ପୃଷ୍ଠା ୭ ଦେଖନ୍ତୁ...

## ବଦଳିଲେ ଜିଲ୍ଲାପାଳ-ଏସପି: ମୃତକଙ୍କ ପରିବାରକୁ ୨୫ ଲକ୍ଷର ସହାୟତା ଘୋଷଣା

ପୁରୀ, ୨୯।୬ (ଡିକେ ନ୍ୟୁଜ): ଦଳାଚକଟା ଘଟଣାରେ ସାମ୍ନାକୁ ଆସିବା ପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ଦଳଚକଟା ଘଟଣାରେ ଅବହେଳା ପାଇଁ ପୁରୀ ଜିଲ୍ଲାପାଳ ଓ ଏସପିଙ୍କୁ ବଦଳି କରାଯାଇଛି। ଏଥିସହିତ ଡିସିପି ବିଷ୍ଣୁ ପତି ଏବଂ କମାଣ୍ଡାଣ୍ଟ ଅଜୟ ପାଢ଼ୀଙ୍କୁ ରଥଯାତ୍ରା ସମୟରେ ଅବହେଳା ଘଟଣାର ତଦନ୍ତ ପର୍ଯ୍ୟନ୍ତ ନିଲମ୍ବିତ କରିଛନ୍ତି। ପୁରୀର ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ବଦଳି କରାଯାଇ ସାଧାରଣ ପ୍ରଶାସନ ବିଭାଗ ଓଏସଡି ନୂତନ ଦାୟିତ୍ୱ ଦିଆଯାଇଛି। ତାଙ୍କ ସ୍ଥାନରେ ଚଞ୍ଚଳ ରାଣାଙ୍କୁ ପୁରୀ ଜିଲ୍ଲାପାଳ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ରଥ ଅଘଟଣ ପାଇଁ ପୁରୀ ଏସପି ବିନିତ ଅଗ୍ରଓ୍ୱାଲଙ୍କୁ ମଧ୍ୟ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ପିନାକ ମିଶ୍ରଙ୍କୁ ପୁରୀ ଏସପି ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ପିନାକ ମିଶ୍ରଙ୍କର ପୁରୀ ଏସପି ଭାବେ ଦାୟିତ୍ୱ ନିର୍ବାହ କାରବାର ଅଭିଜ୍ଞତା ରହିଛି। ମୁଖ୍ୟମନ୍ତ୍ରୀ ଘଟଣାକୁ ଅକ୍ଷମଣୀୟ ଅବହେଳା ବୋଲି କହିବା ସହିତ ସୁରକ୍ଷା ବ୍ୟବସ୍ଥାରେ ସିଧାସଳଖ ଜଡିତ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ବିରୁଦ୍ଧରେ ଏଭଳି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏ ଘଟଣାର • ପୃଷ୍ଠା ୭ ଦେଖନ୍ତୁ...

# ରାଜ୍ୟରେ ହେବ ୮ ମଲ୍ଟି ମୋଡାଲ୍ ଲଜିଷ୍ଟିକ୍ସ ପାର୍କ, ୨୦ଟି ସ୍ଥାନରେ ହେବ ଟ୍ରକ୍ ଟର୍ମିନାଲ



ଭୁବନେଶ୍ୱର,(ଡିକେ ନ୍ୟୁଜ୍): ଏବେ ଉଭୟ ଅନ୍ତଃ ରାଜ୍ୟ ଏବଂ ଆନ୍ତଃ ରାଜ୍ୟ ପରିବହନରେ ଓଡ଼ିଶାର ଅଂଶ ୧୦% । ୨୦୪୭ ବେଳକୁ ଏହାକୁ ୫୦%କୁ ବୃଦ୍ଧି କରିବା ଲକ୍ଷ୍ୟ ରଖାଯାଇଛି। ମାଲ୍ ପରିବହନକୁ ତ୍ୱରାନ୍ୱିତ କରିବାକୁ ବିକଶିତ ହେବ ୮ ମଲ୍ଟି ମୋଡାଲ ଲଜିଷ୍ଟିକ୍ସ ପାର୍କ। ଭିଜନ ଡକ୍ୟୁମେଣ୍ଟ ୨୦୩୬ ଏବଂ ୨୦୪୭ରେ ଏଭଳି ମହତ୍ୱାକାଂକ୍ଷୀ ଯୋଜନା ରଖାଯାଇଛି। ଆନୁଷଙ୍ଗିକ ଶିଳ୍ପ ଭିତ୍ତିଭୂମିକୁ ମଧ୍ୟ ଏହା ସହ ତାଳଦେଇ ଉନ୍ନତୀକରଣ କରାଯିବ। ରାଜ୍ୟର ୨୦ ସ୍ଥାନରେ ହେବ ଟ୍ରକ୍ ଟର୍ମିନାଲ। ଏବେ ରାଜ୍ୟରେ ମଲ୍ଟି ମୋଡାଲ ଲଜିଷ୍ଟିକ୍ସ ପାର୍କର ସୁବିଧା ନ ଥିବାରୁ ଏହା ଖଣି, କୃଷି ଏବଂ ଇ-କମର୍ସ ଶିଳ୍ପକୁ କ୍ଷତିଗ୍ରସ୍ତ କରୁଛି। ଇ-କମର୍ସ କ୍ଷେତ୍ର ବେଶ୍ ବ୍ୟାପକ ହୋଇଛି। ମଲ୍ଟି ମୋଡାଲ ଲଜିଷ୍ଟିକ୍ସ ପାର୍କର ବିକାଶ ଦ୍ୱାରା ରାଜ୍ୟ ଏହାର ଅଭିବୃଦ୍ଧିକୁ ଆହୁରି ତ୍ୱରାନ୍ୱିତ କରିପାରିବ। ପିଏମ୍ ଗତି ଶକ୍ତିରେ ମଲ୍ଟି ମୋଡାଲ କନେକ୍ଟିଭିଟି ନ୍ୟାସ୍ନାଲ ମାଷ୍ଟରପ୍ଲାନ ଆଧାରରେ ରାଜ୍ୟ କାର୍ଯ୍ୟ କରିବ। ଓଡ଼ିଶା ଇକୋନୋମିକ କରିଡର ଯୋଜନାରେ ବନ୍ଦର ଭିତ୍ତିକ ଏବଂ ବିନିର୍ମାଣ କ୍ଷେତ୍ର ଅଭିବୃଦ୍ଧି କରାଯିବ। ଦକ୍ଷ ଲଜିଷ୍ଟିକ୍ସ ଏବଂ ନିରନ୍ତର ପରିବହନ ଯୋଗାଯୋଗ ବ୍ୟବସ୍ଥା ଲାଗି ସଡ଼କ, ରେଳ, ବିମାନ ବନ୍ଦର ଏବଂ ବନ୍ଦର ଗୁଡ଼ିକ ସମନ୍ୱିତ କରିବା ଉପରେ ଫୋକସ କରାଯିବ। ଏହାକୁ ନଜରରେ ରଖି ଷ୍ଟକୟାର୍ଡ, ୱେୟାରହାଉସ୍, କୋଲ୍ଡ ଷ୍ଟୋରେଜ ଏବଂ ୟୁଟିଲିଟି କରିଡର ବିକଶିତ ହେବ। ପୂର୍ବରୁ ଏଭଳି ବ୍ୟବସ୍ଥା ଗୋପାଳପୁରରେ ହୋଇଛି। ୫୭୫ କିମି ଉପକୂଳ ଥିବାରୁ ଓଡ଼ିଶାକୁ ପୂର୍ବ ଏସିଆର ପ୍ରମୁଖ କାର୍ଗୋସିପମେଣ୍ଟ ହବ୍, ୩୪୬ କିମିର ଉପକୂଳ ରାଜପଥ କାମ ତ୍ୱରାନ୍ୱିତ କରିବା, ସ୍ଲରି ପାଇପ୍ଲାଇନ ନେଟୱର୍କ ବିକାଶକୁ ଧ୍ୟାନରେ ରଖାଯିବ। ୨୦୩୬ ସୁଦ୍ଧା ଏହି କ୍ଷେତ୍ରଗୁଡ଼ିକରେ ଘରୋଇ ନିବେଶ ୫୦%କୁ ବୃଦ୍ଧି ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ମଲ୍ଟି ମୋଡାଲ ଟ୍ରାନ୍ସପୋର୍ଟ ଷ୍ଟ୍ରାଟେଜିକୁ ଡିଜାଇନ ଏବଂ ନୂଆକୌଶଳ ଲାଗି ଗଠନ ହେବ ଉଚ୍ଚ-କ୍ଷମତା ସମ୍ପନ୍ନ ଗ୍ରୁପ୍। ରାଜ୍ୟ ଭିତରେ ଏବଂ ଆନ୍ତଃରାଜ୍ୟ ସାମଗ୍ରୀ ଏବଂ ଲୋକଙ୍କ ଯାତାୟତ ଧାରା ଜାଣିବା ଲାଗି ଏକ ଓରିଜିନ ଡେଷ୍ଟିନେସନ୍ ଷ୍ଟଡି କରିବେ ରାଜ୍ୟ ସରକାର। ଏହି ଧାରାକୁ ତ୍ୱରାନ୍ୱିତ କରିବ ଲାଗି ରାଜ୍ୟ ସରକାର ୨୦୩୦ ସୁଦ୍ଧା ୭୫ ହଜାର କିମିର ସଡ଼କ ନେଟୱର୍କ ବିଛାଇବେ।ଏହା ମଧ୍ୟରେ ଗ୍ରାମାଞ୍ଚଳରେ ୩୦ ହଜାର କିମିର ସଡ଼କ କାର୍ଯ୍ୟକୁ ଶେଷ କରାଯିବ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସ୍ୱାଇ) ୩ରେ ହାତକୁ ନିଆଯାଇଥିବା ସବୁ ସଡ଼କ ପ୍ରକଳ୍ପର କାର୍ଯ୍ୟକୁ ଆଗାମୀ ୨୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ। ଏହା ଦ୍ୱାରା ଅନ୍ତତଃ ପକ୍ଷେ ୧୫ ହଜାର କିମି ସଡ଼କ ପଥର ବିକାଶ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖାଯାଇଛି। ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ (ଏସଡ଼ିଜି)୧୧.୩କୁ ସଡ଼କପଥ ବିକାଶ କରିବାକୁ ଅଗ୍ରସର ହୋଇଛନ୍ତି ରାଜ୍ୟ ସରକାର। ଆର୍ଥିକ ବର୍ଷ ୨୦୨୫-୨୬ ବଜେଟରେ ସରକାର ସଡ଼କ, ବ୍ରିଜ ଏବଂ ବିମାନବନ୍ଦର ଗୁଡ଼ିକର ଉନ୍ନତୀକରଣ ଲାଗି ୧୫, ୮୬୫ କୋଟିର ବ୍ୟୟ ବରାଦ କରିଛନ୍ତି। ୨୦୨୬-୨୭ ସୁଦ୍ଧା ପ୍ରତି ଗ୍ରାମ ପଞ୍ଚାୟତକୁ ସମନ୍ୱିତ ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବସ୍ଥା କରାଯିବ। ମୁଖ୍ୟମନ୍ତ୍ରୀ ବସ୍ ସେବା ସ୍କିମ୍ ଦ୍ୱାରା ୩ ହଜାର କୋଟି ଟଙ୍କାର ନିବେଶକୁ ମିଳିଛି ମଞ୍ଜୁରି। ପବ୍ଲିକ ଟ୍ରାନ୍ସପୋର୍ଟ ଭିତ୍ତିଭୂମି ଦୃଢ଼ୀକରଣ ଲାଗି ଅଟଳ ବସ୍‌ଷ୍ଟାଣ୍ଡ ସ୍କିମ୍‌ରେ ୬ ହଜାର କୋଟି ଟଙ୍କା ବିନିଯୋଗ ହେବ। ଏବେ ରାଜ୍ୟର ପରିବହନ ଜିଏସଡିଏରେ ସଡକ ପଥର ଅଂଶ ୬୦% ରହିଛି। ରାଜ୍ୟରେ ନ୍ୟାସ୍ନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍ଏଚ୍ଏଆଇ) ୧୨୦୪ କିମିର ୪୯ ପ୍ରକଳ୍ପ କାର୍ଯ୍ୟକାରୀ କରାଇଥିବା ବେଳେ ୭୭୧ କିମି ସମ୍ପୂର୍ଣ୍ଣ ହୋଇସାରିଛି। ପଶ୍ଚିମାଞ୍ଚଳ ବିକାଶ ଲାଗି ରାଜ୍ୟ ୱେଷ୍ଟର୍ଣ୍ଣ ଏକ୍ସପ୍ରେସୱେ ସ୍ଥାପନ କରିଛି। ସେହିଭଳି ବିଶାଖାପାଟଣା-ଚେନ୍ନାଇ ଇଣ୍ଡଷ୍ଟ୍ରିଆଲ କରିଡରକୁ ଲାଗି ଓଡ଼ିଶା ଇକୋନୋମିକ କରିଡରକୁ ବିକଶିତ କରିବା ଲକ୍ଷ୍ୟ ରଖାଯାଇଛି।

# ୟୁପିଆଇ କାରବାର ଫେଲ୍ ହେଲେ ତୁରନ୍ତ ଅର୍ଥ ଫେରସ୍ତ ପାଇବେ ଉପଭୋକ୍ତା




ନୂଆଦିଲ୍ଲୀ,(ହି.ସ.): ଏଣିକି ୟୁପିଆଇ କାରବାର ଫେଲ ହେଲେ ଉପଭୋକ୍ତା ତୁରନ୍ତ ଟଙ୍କା ଫେରସ୍ତ ପାଇବେ। ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ (ଏନ୍ପିସିଆଇ) ଜୁଲାଇ ୧୫ରୁ ଏକ ନୂତନ ନିୟମ ଲାଗୁ କରିବାକୁ ଯାଉଛି। ଏଡି ଅନୁଯାୟୀ, ଯଦି ଗ୍ରାହକଙ୍କ ଆକାଉଣ୍ଟରୁ ଟଙ୍କା କଟିଯାଏ କିନ୍ତୁ ପେମେଣ୍ଟ ହୁଏ ନାହିଁ, ତେବେ ଉପଭୋକ୍ତା ତୁରନ୍ତ ଟଙ୍କା ଫେରସ୍ତ ପାଇବେ। କେବଳ ଏତିକି ନୁହେଁ, ଭୁଲ ୟୁପିଆଇ ନମ୍ବରକୁ ଟଙ୍କା ପଠାଇବା କ୍ଷେତ୍ରରେ ଉପଭୋକ୍ତା ତାଙ୍କ ବ୍ୟାଙ୍କରୁ ଟଙ୍କା ଫେରସ୍ତ ପାଇଁ ମାଗିପାରିବେ। ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ବ୍ୟାଙ୍କଗୁଡ଼ିକ ଏବେ ଏନପିସିଆଇଠାରୁ ପୂର୍ବ ଅନୁମୋଦନ ଆବଶ୍ୟକ ନ କରି କିଛି ପ୍ରତ୍ୟାଖ୍ୟାନ କରାଯାଇଥିବା ଋଣ ବ୍ୟାକ୍ ନିଜେ ଉଠାଇ ପାରିବେ। ଆଇଏନପିସିଆଇ ଦ୍ୱାରା ପ୍ରଚଳିତ ନୂତନ ୟୁପିଆଇ ଋଣବ୍ୟାକ୍ ସିଷ୍ଟମ୍ ସେହି ଗ୍ରାହକମାନଙ୍କୁ ମଧ୍ୟ ଆଶ୍ୱସ୍ତି ପ୍ରଦାନ କରିବ। ଯେଉଁମାନଙ୍କର ରିଫଣ୍ଡ ଦାବି ପୂର୍ବରୁ ପ୍ରତ୍ୟାଖ୍ୟାନ କରାଯାଇଥିଲା। ନୂତନ ନିୟମ ବ୍ୟାଙ୍କଗୁଡ଼ିକୁ ପୁରୁଣା ପ୍ରତ୍ୟାଖ୍ୟାନ ମାମଲାଗୁଡ଼ିକୁ ପୁନଃପରୀକ୍ଷଣ ଏବଂ ସମାଧାନ କରିବାକୁ ଅନୁମତି ଦେବ।

# ବଜାଜ ଫିନସର୍ଭ ଏମସି ପକ୍ଷରୁ ସ୍ମଲ କ୍ୟାପ୍ ଫଣ୍ଡର ଶୁଭାରମ୍ଭ

ଭୁବନେଶ୍ୱର,(ଡିକେ ନ୍ୟୁଜ୍): ବଜାଜ ଫିନସର୍ଭ ଏଏମସି ପକ୍ଷରୁ ବଜାଜ ଫିନସର୍ଭ ସ୍ମଲ କ୍ୟାପ ଫଣ୍ଡର ଶୁଭାରମ୍ଭ କରାଯାଇଛି । ଏହା ଏକ ଓପନ-ଏଣ୍ଡେଡ୍ ଇକ୍ୱିଟି ଯୋଜନା ଯାହା ମୁଖ୍ୟତଃ ସ୍ମଲ-କ୍ୟାପ ଷ୍ଟକ୍‌ରେ ନିବେଶ କରେ, ଯାହା ଗୁଣବତା, ଅଭିବୃଦ୍ଧି ଏବଂ ମୂଲ୍ୟ ପ୍ରଦାନ କରେ। ଏହି ଫଣ୍ଡ ୨୭ ଜୁନ ୨୦୨୫ ରେ ସବସ୍କ୍ରିପସନ୍ ପାଇଁ ଖୋଲିବ ଏବଂ ୧୧ ଜୁଲାଇ ୨୦୨୫ ରେ ବନ୍ଦ ହେବ। ସ୍ମଲ କ୍ୟାପରେ ସାମ୍ପ୍ରତିକ ସଂଶୋଧନ ଦୀର୍ଘକାଳୀନ ନିବେଶକଙ୍କ ପାଇଁ ଏକ ଆକର୍ଷଣୀୟ ପ୍ରବେଶ ବିନ୍ଦୁ ଉପସ୍ଥାପନ କରୁଛି। ୮୦%ରୁ ଅଧିକ ସ୍ମଲ-କ୍ୟାପ୍ କମ୍ପାନୀ ୩୮% ର ଦୃଢ଼ ଲାଭ ବୃଦ୍ଧି ଏବଂ ଦୃଢ଼ ରିଟର୍ଣ୍ଣ ଅନୁପାତ ଦେଖାଇଥିବା ବେଳେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଏବେ ବି ସେମାନଙ୍କ ୧୫-ସପ୍ତାର ସର୍ବୋଚ୍ଚସ୍ତର ତଳେ ୪୫-୫୨% କାରବାର କରୁଛନ୍ତି। ସ୍ମଲ କ୍ୟାପ କମ୍ପାନୀଗୁଡ଼ିକ ପରବର୍ତ୍ତୀ ଅଭିବୃଦ୍ଧି ଚକ୍ରରେ ଅସମାନ ଭାବରେ ଲାଭ ପାଇବା ପାଇଁ ଭଲ ସ୍ଥିତିରେ ଅଛନ୍ତି, ଯାହା ଏହାକୁ ଏକ ଆକର୍ଷଣୀୟ ନିବେଶ ସୁଯୋଗ କରୁଛି। ବଜାଜ ଫିନସର୍ଭ ସ୍ମଲ କ୍ୟାପ୍ ଫଣ୍ଡ୍ ନିବେଶକମାନଙ୍କ ପାଇଁ ଡିଜାଇନ୍ କରାଯାଇଛି ଯାହାର ଉଦ୍ଦେଶ୍ୟ ହେଉଛି ସ୍ମଲ-କ୍ୟାପ୍ କମ୍ପାନୀଗୁଡ଼ିକର ଇକ୍ୱିଟି ଏବଂ ଇକ୍ୱିଟି-ସମ୍ବନ୍ଧୀୟ ଉପକରଣ ଗୁଡ଼ିକରେ ମୁଖ୍ୟତଃ ନିବେଶ କରି ଦୀର୍ଘକାଳୀନ ସମ୍ପତି ନିର୍ମାଣ କରିବା। ଏହି ଶୁଭାରମ୍ଭ ଅବସରରେ ବଜାଜ ଫିନସର୍ଭ ଏଏମସିର ପରିଚାଳନା ନିର୍ଦ୍ଦେଶକ ଗଣେଶ ମୋହନ କହିଛନ୍ତି, "ସ୍ମଲ୍ କ୍ୟାପ୍ ଫଣ୍ଡର ଶୁଭାରମ୍ଭ ଭାରତର ଗତିଶୀଳ ସ୍ମଲ୍ କ୍ୟାପ୍ ଜଗତର ଦୀର୍ଘକାଳୀନ ସମ୍ଭାବନା ପ୍ରତି ଆମର ଗଭୀର ବିଶ୍ୱାସକୁ ପ୍ରତିଫଳିତ କରେ। ସ୍ମଲ୍ କ୍ୟାପ୍ ସାଧାରଣତଃ ବ୍ୟାପକ ସୂଚକାଙ୍କ ତୁଳନାରେ ଅଧିକ ଅସ୍ଥିରତା ପ୍ରଦର୍ଶନ କରେ, ଯାହା ବଜାରର ଉଥାନ-ପତନକୁ ନେଭିଗେଟ୍ କରିବାରେ ଏବଂ ଗୁଣାତ୍ମକ ସୁଯୋଗ ଚିହ୍ନଟ କରିବାରେ ସକ୍ରିୟ ପରିଚାଳନାର ଗୁରୁତ୍ୱକୁ ଗୁରୁତ୍ୱ ଦିଏ। ଏହି ରଣନୀତି ଅଭିବୃଦ୍ଧିର ପ୍ରାରମ୍ଭିକ ପର୍ଯ୍ୟାୟରେ ଉଚ୍ଚ-ଗୁଣବତା କମ୍ପାନୀଗୁଡ଼ିକୁ ଆବିଷ୍କାର କରିବା ଉପରେ ନିର୍ଭର କରି ନିର୍ମିତ ହୋଇଛି ଯାହା ସମୟ ସହିତ ଭଲ ପ୍ରଦର୍ଶନ କରିବା ପାଇଁ ସ୍ଥିତିରେ ଅଛି। ଏହି ଫଣ୍ଡଟି ବିଏସ୍ଇ ୨୫୦ ସ୍ମଲ୍ କ୍ୟାପ୍ ଇଣ୍ଡେକ୍ସ ଟିଆରଆଇ ସହିତ ବେଂମାର୍କ କରାଯାଇଛି। ବଜାଜ ଫିନସର୍ଭ ଏଏମସିର ମୁଖ୍ୟ ନିବେଶ ଅଧିକାରୀ ନିମେଶ ଚନ୍ଦନ ଆହୁରି କହିଛନ୍ତି, ଆମର ନୂତନ ସ୍ମଲ୍-କ୍ୟାପ୍ ଫଣ୍ଡ ହେଉଛି ଗୁଣାତ୍ମକ ବ୍ୟବସାୟଗୁଡ଼ିକର ଏକ ପୋର୍ଟଫୋଲିଓ ଯାହାର ସ୍କେଲେବିଲିଟି ସେମାନଙ୍କ ଆନ୍ତରିକ ମୂଲ୍ୟ ତଳେ ବାଣିଜ୍ୟ କରିବ। ଅନେକ ଶିଳ୍ପ ଏବଂ ଉପ-କ୍ଷେତ୍ର କେବଳ ସ୍ମଲ୍-କ୍ୟାପ୍ ସେଗମେଣ୍ଟରେ ଦେଖିବାକୁ ମିଳେ। ସଂକ୍ଷେପରେ, ଏହି ସ୍ମଲ୍-କ୍ୟାପ୍ ସ୍ଥାନରୁ ଉଦୀୟମାନ ବ୍ୟବସାୟରେ ନେତା ଏବଂ ପ୍ରତିଯୋଗୀମାନଙ୍କୁ ବାଛିବାର ସୁଯୋଗ ଅଛି। ପାଣ୍ଠିର ଇକ୍ୱିଟି ଅଂଶ ସିଆଇଓ ଶ୍ରୀ ନିମେଶ ଚନ୍ଦନ ଏବଂ ଇକ୍ୱିଟି ମୁଖ୍ୟ ଶ୍ରୀ ସୋରଭ ଗୁପ୍ତାଙ୍କ ଦ୍ୱାରା ଏବଂ ଋଣ ଅଂଶ ଫିକ୍ସଡ ଇନକମ ମୁଖ୍ୟ ସିଦ୍ଧାର୍ଥ ଚୌଧୁରୀଙ୍କ ଦ୍ୱାରା ପରିଚାଳିତ ହେବ। ସର୍ବନିମ୍ନ ଆବେଦନ ପରିମାଣ ୫୦୦ଟଙ୍କା, ସର୍ବନିମ୍ନ ଅତିରିକ୍ତ ଆବେଦନ ୧୦୦ଟଙ୍କା (ଯୋଗୋକ୍ତ ୧ ଟଙ୍କାର ଗୁଣକ)। ଆବଣ୍ଟନ ତାରିଖର ଛଅ ମାସ ମଧ୍ୟରେ ନିବେଶ ରିଡିମ୍ ହେଲେ ୧% ଏକଜିଟ୍ ଲୋଡ୍ ପ୍ରଯୁଜ୍ୟ। ପାଣ୍ଠି ବୃଦ୍ଧି ଏବଂ ଆଇଡିସିଡବ୍ଲ୍ୟୁ (ପୁଞ୍ଜି ଉଠାଣ ସହିତ ଆୟ ବଣ୍ଟନ) ବିକଳ୍ପ ଉଭୟ ପ୍ରଦାନ କରେ।

# କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ୩୦ତମ ସାଧାରଣ ସଭା

କେନ୍ଦ୍ରାପଡ଼ା,(ଡିକେ ନ୍ୟୁଜ୍): କେନ୍ଦ୍ରପଡା ଅର୍ବାନ କୋଅପରେଟିଭ ବ୍ୟାଙ୍କର ୩୦ ତମ ସାଧାରଣ ସଭା ଉଦୟନଗର ସ୍ଥିତ ସଂସ୍କୃତି ଭବନ ପରିସରରେ ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭା ପ୍ରାରମ୍ଭରେ କେନ୍ଦ୍ରାପଡାର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ବଳଦେବଜୀୟୁ, ସମବାୟର ଆନ୍ଦୋଳନର ମୁଖ୍ୟ ପୁରଧା ମଧୁବାବୁ ଏବଂ ବ୍ୟାଙ୍କର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତି ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ସଭା ଆରମ୍ଭ କରାଯାଇଥିଲା । ଏହି ଅବସରରେ ବ୍ୟାଙ୍କର ପ୍ରତିଷ୍ଠତା ନିର୍ଦ୍ଦେଶକ ଓ ପୂର୍ବତନ ନିର୍ଦ୍ଦେଶକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବ୍ୟାଙ୍କର ପ୍ରଥମ ୧୦ଜଣ ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଭାଗ୍ୟଲକ୍ଷ୍ମୀ ପଣ୍ଡା ବିଗତ ବର୍ଷର ବିବରଣୀ ପାଠ କରିଥିଲେ ଏବଂ ତାହା ଗୃହୀତ ହୋଇଥିଲା । ସଭାପତି ବ୍ୟାଙ୍କର ପ୍ରଗତି ଉପରେ ଆଲୋକପାତ କରି କହିଥିଲେ ଯେ ବ୍ୟାଙ୍କର ଆର୍ଥିକ ସ୍ଥିତି ଯଥା ଜମା ଗ୍ରହଣ, ଋଣ ଲଗାଣ ଓ ଅନାଦେୟ ଋଣ ଆଦାୟରେ ଯଥେଷ୍ଟ ଉନ୍ନତି ଘଟିଛି । ଜମା ପରିମାଣ ୧୮୬କୋଟିରୁ ୧୯୯କୋଟିରେ ପହଞ୍ଚିଥିବା ବେଳେ ଋଣ ଲଗାଣ ମଧ୍ୟ ୧୧୬ କୋଟିରୁ ୧୨୯କୋଟିରେ ପହଞ୍ଚିପାରିଛି । ବ୍ୟାଙ୍କର ନେଟ ଲାଭ ଟଙ୍କା ୨୭ଲକ୍ଷ୍ୟରୁ ବୃଦ୍ଧି ପାଇ ଟଙ୍କା ୭୬ଲକ୍ଷ୍ୟରେ ପହଞ୍ଚିପାରିଛି । ସେହିଭଳି ଅନାଦାୟ ଋଣ ପରିମାଣ୧୮.୪୨ କୋଟିରୁ ହ୍ରାସ ପାଇ ୧୬.୩୪ କୋଟିରେ ପହଞ୍ଚିପାରିଁଛି ଏବଂ ନେଟ ଏନପିଏ ମଧ୍ୟ ଶୁନ ପ୍ରତିଶତରେ ପହଞ୍ଚି ପାରିଛି । ବ୍ୟାଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି ଘଟିଥିବାରୁ ନିକଟ ଅତୀତରେ ଆରବିଆଇ ବ୍ୟାଙ୍କ ଉପରେ ଦୀର୍ଘ ୧୦ବର୍ଷ ଧରି ଲଗାଇଥିବା ସମସ୍ତ କଟକଣାକୁ ପ୍ରତ୍ୟାହାର କରିନେଇଛନ୍ତି । ଯାହାଦ୍ୱାରା କି ବ୍ୟାଙ୍କ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଶତକଡା ୬ ପ୍ରତିଶତ ଲାଭାଂଶ ବଣ୍ଟନ କରିବାକୁ ସମର୍ଥ ହୋଇଛି। ଏଥି ସହିତ ବ୍ୟାଙ୍କ ଆରବିଆଇର ଆଉ ଏକ ମାନଦଣ୍ଡକୁ ଛୁଇଁ ପାରିଛି । ତାହାହେଲା ବ୍ୟାଙ୍କ ବର୍ତ୍ତମାନ ଫାଇନାନସିଆଲ ସାଉଣ୍ଡ ଆଣ୍ଡ ୱେଲ ମ୍ୟାନେଜମେଣ୍ଟ (ଏଫ.ଏସ.ଡବ୍ଲୁ.ଏମ.) ବ୍ୟାଙ୍କ ହିସାବରେ ଆରବିଆଇଠାରୁ ସ୍ୱୀକୃତି ପାଇବାକୁ ଯାଉଛି । ଯାହାକି ସମଗ୍ର ଓଡିଶାରେ ଏ ଗୌରବ କେବଳ ଏହି ବ୍ୟାଙ୍କକୁ ମିଳିବାକୁ ଯାଉଛି । ଏହାକୁ ଉପସ୍ଥିତ ସମସ୍ତ ସଭ୍ୟ ସଭ୍ୟା କରତାଳି ଦେଇ ସ୍ୱାଗତ କରିଥିଲେ । ଏହାପରେ ଏ ବର୍ଷ କେନ୍ଦ୍ରାପଡା ଜିଲ୍ଲାରେ ମ୍ୟାଟ୍ରିକ ଟପ୍ପର ହୋଇଥିବା ଛାତ୍ର ଶୁଭମଜ୍ୟୋତି ରାଉତଙ୍କୁ ବ୍ୟାଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିୟମିତ ଋଣ ନେଇ ସଠିକ ସମୟରେ ପରିଶୋଧ କରିଥିବା ସେକ ଅବ୍ଦୁଲ କରିମଙ୍କୁ ବ୍ୟାଙ୍କ ସମ୍ବର୍ଦ୍ଧିତ କରିଥିଲା । ବ୍ୟାଙ୍କର ସଭ୍ୟସଭ୍ୟାମାନେ ବ୍ୟାଙ୍କ ଉନ୍ନତି ପାଇଁ ସୁଚିନ୍ତିତ ମତାମତ ଦେଇଥିଲେ । କେନ୍ଦ୍ରାପଡାର ବିଧାୟକ ଗଣେଶ୍ୱର ବେହେରା ବ୍ୟାଙ୍କର ଉନ୍ନତି ପାଇଁ ପରିଚାଳନା ପରିଷଦକୁ ଧନ୍ୟବାଦ ଦେବା ସହ ଆଗାମୀ ଦିନରେ ନୂତନ ଶାଖା ସଂପ୍ରସାରଣ ପାଇଁ ପରାମର୍ଶ ଦେଇଥିଲେ । ଅନାନ୍ୟ ସଭ୍ୟସଭ୍ୟାମାନେ ଯଥା ଡା. ବିଶ୍ୱପ୍ରକାଶ କାନୁନଗୋ, ଡ. ସିପ୍ରା ମଲ୍ଲିକ, ହଳଧର ସେଠୀ, ଆକବର ଅଲ୍ଲୀ, ପ୍ରଫୁଲ୍ଲକୁମାର ସାହୁ, ପ୍ରଦୀପ କୁମାର ମହାନ୍ତି, ଭାଗୀରଥି ଜେନା, ଫକିର ଚରଣ ଖଟୁଆ, ସୁଶିଲ କୁମାର ସାମଲ, ଶକ୍ତିକାନ୍ତ ପାତ୍ର, ବାବୁଲି ବେହୁରା, ମୁକ୍ତାର ଖାନ, ବିଧାନ ଚନ୍ଦ୍ର ସାମଲ, ପରେଶ ଚନ୍ଦ୍ର ଦାସ, ନାରାୟଣ ପତି ଅବଧୁତ ରାଉତ, ସବେଶ୍ୱର ସେଠୀ ଓ ପ୍ରଫୁଲ୍ଲ କୁମାର ରାଉତ ପ୍ରମୁଖ ବିଭିନ୍ନ ସୁଚିନ୍ତିତ ମତାମତ ଦେଇଥିଲେ । ଏକ୍ତ ସଭାରେ ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ମଧ୍ୟରୁ ଉପସଭାପତି ଅପର୍ଣ୍ଣା ମହାନ୍ତି, ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶ, ପ୍ରଫୁଲ୍ଲ କୁମାର ସାହୁ, ମହେନ୍ଦ୍ର ପରିଡା, ଶ୍ରୀକାନ୍ତ ନାୟକ, ଅମୁଲ୍ୟ ପ୍ରଧାନ, ଶ୍ରୀଦ୍ଧାର୍ଥ ଶଙ୍କର ଜେନା, ଆଇନଜୀବୀ ବିଧୁଭୂଷଣ ମହାପାତ୍ର, ସୁଧାଂଶୁ ଶେଖର ପ୍ରତାପ, ସୁକାନ୍ତ କୁମାର ଦ୍ୱିବେଦୀ, ରଶ୍ମିରଞ୍ଜନ ଚୌଧୁରୀ, ଶ୍ରୀକାନ୍ତ ନାୟକ ଏବଂ କଳ୍ପତରୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସଭାକୁ ବ୍ୟାଙ୍କର କର୍ମଚାରୀ ରାଜୀବ ଲୋଚନ ପଣ୍ଡା, ସୁରେଶ ଚନ୍ଦ୍ର ପରିଡା, ରବିନ୍ଦ୍ର ପାତ୍ର, ଅଜିତ ପତି, ଲଲାଟେନ୍ଦୁ ଦାସ, ହିମାଂଶୁ ଲେଙ୍କା, ଭଞ୍ଜ କିଶୋର ଜେନା ଆଦିତ୍ୟ ଶତପଥୀ ଏବଂ ମିନାକ୍ଷୀ ପାଣି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଉପସଭାପତି ଧନ୍ୟବାଦ ଅର୍ପଣ କରିଥିଲେ ।



## ହିମାଚଳ ପ୍ରଦେଶରେ ମୌସୁମୀର କହର, ୮ଦିନରେ ୩୪ଜଣଙ୍କ ମୃତ୍ୟୁ

ଶିମଲା,(ହି.ସ.): ହିମାଚଳ ପ୍ରଦେଶରେ ଏଥର ମୌସୁମୀ ଭୟାନକ ରୂପ ଧାରଣ କରିଛି। ସାଧାରଣତଃ ଜୁଲାଇ-ଅଗଷ୍ଟରେ ବିପର୍ଯ୍ୟୟ ମଚାଉଥିବା ମୌସୁମୀ ଏଥର ୨୦ ଜୁନ୍ ରେ ପ୍ରବେଶ କରିବା ସହିତ କହର ମଚାଇଛି । ଗତ ୮ ଦିନ ମଧ୍ୟରେ ରାଜ୍ୟରେ ପ୍ରବଳ ବର୍ଷା ଯୋଗୁଁ ଘଟିଥିବା ଦୁର୍ଘଟଣାରେ ୩୪ ଜଣ ଲୋକଙ୍କ ମୃତ୍ୟୁ ହୋଇଛି ଓ ୭୪ ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଏଥିରେ ୪ ଜଣ ନିଖୋଜ ଅଛନ୍ତି। ବ୍ୟାପକ ବିନାଶ ଯୋଗୁ ରାଜ୍ୟରେ ସରକାରୀ ଓ ବେସରକାରୀ ସମ୍ପତ୍ତିର ୭୧ କୋଟି ଟଙ୍କାରୁ ଅଧିକ କ୍ଷତି ହୋଇଛି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ରରୁ ମିଳିଥିବା ସୂଚନା ଅନୁସାରେ, ୨୦ ଜୁନ୍ ରୁ ୨୮ ଜୁନ୍ ପର୍ଯ୍ୟନ୍ତ ଘଟିଥିବା ଘଟଣାଗୁଡ଼ିକରେ ସବୁଠୁ ଅଧିକ ୧୭ ଜଣ ଲୋକଙ୍କ ମୃତ୍ୟୁ ସଡ଼କ ଦୁର୍ଘଟଣାରେ ହୋଇଛି। ଏହାସହିତ ଫ୍ଲାଶ୍ ଫ୍ଲଡ୍‌ରେ ୭ ଜଣ, ଜଳସ୍ରୋତରେ ଭାସିଯାଇ ୪ ଜଣ, ପାହାଡ଼ରୁ ଖସିପଡ଼ିବାରୁ ୨ ଜଣ, ବଜ୍ରାଘାତରୁ ୨ ଜଣ, ସାପ କାମୁଡ଼ିବାରୁ ଜଣେ, ଏବଂ ଅନ୍ୟ କାରଣରୁ ଜଣଙ୍କର ମୃତ୍ୟୁ ଘଟିଛି। କେବଳ କାଙ୍ଗଡ଼ା ଜିଲ୍ଲାରେ ମାତ୍ର ଫ୍ଲାଶ୍ ଫ୍ଲଡ୍ ଯୋଗୁଁ ୬ ଜଣ ଲୋକ ଜୀବନ ହାରାଇଛନ୍ତି।

## ରାଜସ୍ଥାନର ୨୪ ଜିଲ୍ଲାରେ ପ୍ରବଳ ବର୍ଷା ଆଲର୍ଟ

ଜୟପୁର,(ହି.ସ.): ରାଜସ୍ଥାନରେ ଶନିବାର ଶୁଷ୍କ ପାଗ ଥିବା ପରେ ସଂଧ୍ୟା ସମୟରେ ପାଗରେ ପରିବର୍ତ୍ତନ ଆସିଥିଲା ଓ ସିକର, ଅଲୱର, ଭରତପୁର, କରୌଳି ଓ ଧୋଲପୁର ସହିତ ଅନ୍ୟାନ୍ୟ ଅନେକ ଜିଲ୍ଲାରେ ପ୍ରାୟ ଏକ ଇଞ୍ଚ ପର୍ଯ୍ୟନ୍ତ ବର୍ଷା ରେକର୍ଡ କରାଯାଇଛି। ପାଣିପାଗ ବିଭାଗ ଜୟପୁର କେନ୍ଦ୍ର ରବିବାର ଦିନ ମଧ୍ୟରେ ରାଜ୍ୟର ୨୪ଟି ଜିଲ୍ଲାରେ ବର୍ଷା ସମ୍ଭାବନା ଦେଖାଯାଇଥିବାରୁ ଆଲର୍ଟ ଜାରି କରିଛି। ବିଭାଗ ପରବର୍ତ୍ତୀ ଚାରି ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ଥିବାରୁ 'ୟେଲୋ ଆଲର୍ଟ' ଘୋଷଣା କରିଛି। ପଶ୍ଚିମ ରାଜସ୍ଥାନର ଜିଲ୍ଲାଗୁଡ଼ିକରେ ବର୍ଷା କମିଥିବା ସହିତ ସେଠାରେ ଗରମ ବଢ଼ିଛି। ଶନିବାର ଦିନ ଶ୍ରୀଗଙ୍ଗାନଗରରେ ସର୍ବାଧିକ ତାପମାନ ୪୧.୪ ଡିଗ୍ରୀ ସେଲସିଅସ୍ ରେକର୍ଡ କରାଯାଇଥିଲା।

## ବାଘୁଣୀ, ୪ ଶାବକଙ୍କ ମୃତ୍ୟୁ ଘଟଣାରେ ୩ ଗିରଫ



ବେଙ୍ଗାଲୁରୁ,(ହି.ସ.): କର୍ଣ୍ଣାଟକର ଛାମରାଜାନଗର ଜିଲା ଅନ୍ତର୍ଗତ ଏକ ଅଭୟାରଣ୍ୟରେ ବିଷାକ୍ତ ଗାଈ ମାଂସ ଭକ୍ଷଣ କରି ବାଘୁଣୀ ଓ ଏହାର ୪ ଶାବକଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ ବନ ବିଭାଗ ଶନିବାର ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ମୃତ ଗାଈର ମାଲିକ ସାମିଲ ଥିବା ଜଣାପଡିଛି। ସୂଚନା ମୁତାବକ ଉକ୍ତ ବାଘୁଣୀ ନିକଟସ୍ଥ ଗ୍ରାମରେ ପ୍ରବେଶ କରି ମାଡୁରାଜୁ ନାମକ ବ୍ୟକ୍ତିଙ୍କ ଗୁହାଳରୁ ଗୋଟିଏ ଗାଈକୁ ମାରିବା ସହ ତାକୁ ଜଙ୍ଗଲକୁ ଘୋଷାଡି ଆଣିଥିଲା। ବାଘୁଣୀ ଓ ଏହାର ଶାବକମାନେ କିଛି ମାଂସ ଭକ୍ଷଣ କରିଥିବାବେଳେ ଅବଶିଷ୍ଟ ମୃତ ଦେହକୁ ଲୁଚାଇ ରଖିଥିଲେ। ମାଡୁରାଜୁ ଗାଈକୁ ଖୋଜିବାକୁ ଅଭୟାରଣ୍ୟ ଯାଇଥିଲେ। ସେଠାରେ ଗାଈର କ୍ଷତାକ୍ତ ମୃତଦେହ ଦେଖିବା ପରେ ସେ ପ୍ରତିଶୋଧ ପରାୟଣ ହୋଇପଡିଥିଲେ। ଗାଈର ଅବଶିଷ୍ଟ ମୃତ ଦେହରେ ସେ ବିଷ ଛିଞ୍ଚିଥିଲେ। ପରବର୍ତ୍ତୀ ସମୟରେ ବାଘୁଣୀ ଓ ଶାବକଗୁଡିକ ଏହା ଖାଇବା ପରେ ପ୍ରାଣ ହରାଇଥିବା ଜଣାପଡିଥିଲା। ଗାଈର ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ଏଭଳି ବିଷ ମିଶା ଯାଇଥିବାର ପ୍ରମାଣ ମିଳିଛି। ମାଡୁରାଜୁଙ୍କ ଏଭଳି ଅମାନବୀୟ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରିଥିବା ତାଙ୍କ ପିତା ଥାନାରେ ଏତଲା ଦାଏର କରିଥିଲେ। ସରକାର ଦେଶରେ ବାଘ ବଂଶ ବୃଦ୍ଧି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ବାଘଙ୍କ ମୃତ୍ୟୁକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

## ଡ୍ରୋନ ଓ କ୍ଷେପଣାସ୍ତ୍ର ସହ ୟୁକ୍ରେନ ଉପରେ ରୁଷର ବଡ଼ ଆକ୍ରମଣ



ନୂଆଦିଲ୍ଲୀ,(ହି.ସ.): ରୁଷ ୟୁକ୍ରେନ ଉପରେ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ବିମାନ ଆକ୍ରମଣ କରିଛି। ରୁଷର ଏହି ଆକ୍ରମଣ ପରେ, ତିନି ବର୍ଷ ଧରି ଚାଲିଥିବା ଏହି ଯୁଦ୍ଧ ଆହୁରି ଭୟଙ୍କର ହୋଇଛି। ସେପଟେ ଯୁଦ୍ଧ ସମାପ୍ତ କରିବାର ପ୍ରୟାସକୁ ଏକ ବଡ଼ ଝଟକା ଲାଗିଛି। ୟୁକ୍ରେନୀୟ ଅଧିକାରୀମାନେ କହିଛନ୍ତି ଯେ ଏହି ଆକ୍ରମଣ ଅଭୂତପୂର୍ବ ସ୍ତରରେ କରାଯାଇଥିଲା। ଏହା ଯୋଗୁଁ ୟୁକ୍ରେନର ବଡ଼ କ୍ଷତି ହେବାର ସମ୍ଭାବନା ରହିଛି। ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ଜଣେ ବ୍ୟକ୍ତିର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। କିନ୍ତୁ ମୃତାହତଙ୍କ ସଂଖ୍ୟା ବଢିବାର ଆଶଙ୍କା ରହିଛି। ୟୁକ୍ରେନୀୟ ବାୟୁସେନା ଅନୁଯାୟୀ, ଏହି ଆକ୍ରମଣ ସମୟରେ ରୁଷ କିଭ ଉପରେ ମୋଟ ୪୭୭ ଡ୍ରୋନ୍ ଏବଂ ୬୦ଟି କ୍ଷେପଣାସ୍ତ୍ର ମାଡ଼ କରିଥିଲା। ତଥାପି, ୟୁକ୍ରେନୀୟ ସେନା ଏହି ଡ୍ରୋନ୍ ମଧ୍ୟରୁ ୨୪୯ଟିକୁ ଖସାଇ ଦେଇଥିବା ଦାବି କରିଛି। ଯେତେବେଳେ ୨୨୬ଟି ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ରକୁ ଇଲେକ୍ଟ୍ରୋନିକ୍ ସିଷ୍ଟମ ଦ୍ୱାରା ଜାମ୍ କରାଯାଇଥିବା କୁହାଯାଉଛି। ବାୟୁସେନାର ମୁଖପାତ୍ର ୟୁରି ଇହନାଟ୍ ଆସୋସିଏଟେଡ୍ ପ୍ରେସକୁ କହିଛନ୍ତି ଯେ ଏହି ଆକ୍ରମଣ ୟୁକ୍ରେନ୍ ଉପରେ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ବାୟୁ ଆକ୍ରମଣ ଥିଲା, ଯେଉଁଥିରେ ଅନେକ ପ୍ରକାରର କ୍ଷେପଣାସ୍ତ୍ର ଏବଂ ସହିଦ ଡ୍ରୋନ୍ ଅନ୍ତର୍ଭୁକ୍ତ ଥିଲା।

# ଆଜି ଶ୍ରୀବିଗ୍ରହଙ୍କ ବନକଲାଗି : ୫ ଘଣ୍ଟା ଦର୍ଶନ ବନ୍ଦ



**ଭୁବନେଶ୍ୱର,(ହି.ସ.):** ଆସନ୍ତାକାଲି ଆଷାଢ଼ ଶୁକ୍ଳ ଚତୁର୍ଥୀ ଯୁକ୍ତ ପଞ୍ଚମୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ରାତି ୯ଟା ଠାରୁ ୨ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଦତ ମହାପାତ୍ର ସେବକମାନେ ଶ୍ରୀଜୀଉଙ୍କ ଏହି ଗୁପ୍ତ ନୀତି ସମାପନ କରିବେ। ଶ୍ରୀଜୀଉଙ୍କ ବନକ ଲାଗି ତଥା ଶ୍ରୀମୁଖ ଶୃଙ୍ଗାରରେ ପ୍ରାକୃତିକ ରଙ୍ଗ ହିଙ୍ଗୁଳ, ହରିତାଳ, ପ୍ରିୟଙ୍ଗୁ, କସ୍ତୁରୀ, କଳା, ଧଳା ଓ ନାଲି ରଙ୍ଗର ବ୍ୟବହାର ହୋଇଥାଏ। ବନକଲାଗି ଶ୍ରୀଜୀଉଙ୍କ ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ନୀତି ସମୟରେ ଗର୍ଭଗୃହର ସମସ୍ତ ଦ୍ୱାର ବନ୍ଦ ରହିଥାଏ । ବନକଲାଗି ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥାଏ ।

# ଆସନ୍ତା କାଲି ହେବ ନାହିଁ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି କାର୍ଯ୍ୟକ୍ରମ



**ଭୁବନେଶ୍ୱର,(ହି.ସ.):** ଆସନ୍ତା କାଲି ଅର୍ଥାତ ଜୁନ ୩୦ ତାରିଖ (ସୋମବାର) ଦିନ ଭୁବନେଶ୍ୱର ୟୁନିଟ-୨, ଅଶୋକନଗରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି କାର୍ଯ୍ୟ ଅନିର୍ବାଯ୍ୟ କାରଣ ବଶତଃ ବନ୍ଦ ରହିବ ବୋଲି ସୂଚନା ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗଣମାଧ୍ୟମକୁ ଏହି ସୂଚନା ଦିଆଯାଇଛି । ବିଭାଗ ପକ୍ଷରୁ ଏ ସମ୍ପର୍କରେ କୁହାଯାଇଛି ଯେ, ଆସନ୍ତା ୩୦ ତାରିଖ ଦିନ ଭୁବନେଶ୍ୱରର ୟୁନିଟ-୨, ଅଶୋକନଗରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟ) ଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହେବାକୁ ଥିବା ଜନଶୁଣାଣି ଶିବିର ଅନିବାର୍ଯ୍ୟ କାରଣ ହେତୁ ସ୍ଥଗିତ ରହିଛି । ଏହି ଜନଶୁଣାଣି ପାଇଁ ଅନଲାଇନରେ ପଞ୍ଜୀକରଣ କରିଥିବା ଜନସାଧାରଣଙ୍କ ଅଭିଯୋଗଗୁଡ଼ିକ ପରବର୍ତ୍ତୀ ଜନଶୁଣାଣି ଶିବିରରେ ଗ୍ରହଣ କରାଯିବ। ପରବର୍ତ୍ତୀ ଶୁଣାଣିର ତାରିଖ ଓ ସମୟ ସମ୍ପର୍କିତ ସୂଚନା ପରେ ଜଣାଇ ଦିଆଯିବ। ଏହି ସୂଚନା ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ଦ୍ୱାରା ଜାରି କରାଯାଇଛି।

## ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟାରେ ମୃତ୍ୟୁକୁ ନେଇ ଆଇନମନ୍ତ୍ରୀଙ୍କ ଦୁଃଖ ପ୍ରକାଶ

**ଭୁବନେଶ୍ୱର,(ହି.ସ):** ଶ୍ରୀକ୍ଷେତ୍ରରେ ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ସମୟରେ ଠେଲାପେଲା ଯୋଗୁଁ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣାରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦୁଃଖିତ ଏବଂ ମର୍ମାହତ ବୋଲି କହିଛନ୍ତି। ମହାପ୍ରଭୁଙ୍କ ନିକଟରେ ପରଲୋକଗତ ଆତ୍ମାର ସଦଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ମନ୍ତ୍ରୀ। ସେ କହିଛନ୍ତି ଯେ, ଏପରି ଦୁଃଖଦ ସମୟକୁ ସାମ୍ନା କରିବା ପାଇଁ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମହାପ୍ରଭୁ ଅସୀମ ଧୈର୍ଯ୍ୟ ଦିଅନ୍ତୁ। ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ସର୍ବୋତ୍ତମ ଚିକିତ୍ସା ସେବା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ବ୍ୟବସ୍ଥା କରଯାଇଛି। ଏଥିସହ ସମସ୍ତ ଆହତ ବ୍ୟକ୍ତିମାନଙ୍କ ଆଶୁଆରୋଗ୍ୟ କାମନା କରୁଛନ୍ତି ମନ୍ତ୍ରୀ ।

## ବଡ଼ବିଲଠାରେ ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ବୁଦ୍ଧାଦିତ୍ୟ ନାଏକଙ୍କ ମୃତ୍ୟୁରେ ଉପମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ

**ଭୁବନେଶ୍ୱର,(ହି.ସ):** କେନ୍ଦୁଝରର ବଡ଼ବିଲଠାରେ ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ବୁଦ୍ଧାଦିତ୍ୟ ନାଏକ ପ୍ରାଣ ହରାଇଥିବା ସମ୍ପର୍କରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ ଏବଂ ମର୍ମାହତ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ସେ ମୃତକଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି। ଏଥି ସହ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଙ୍କ ତୁରନ୍ତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଥିବାରୁ ତାଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଜଣାଉଛି କେଭି ସିଂହଦେଓ।

# ରାଜଧାନୀରୁ ପୁଣି ଚୋରି

**ଭୁବନେଶ୍ୱର,(ହି.ସ):** ରାଜଧାନୀରେ ଅଭିନବ ଉପାୟରେ ଚୋରି । ବରିଷ୍ଠ ନାଗରିକଙ୍କ ଘରୁ ୧୨ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରୀ ହୋଇଛି । ଏଭଳି ଘଟଣା ଘଟିଛି ତମାଣ୍ଡୋ ଥାନା କଳିଙ୍ଗ ବିହାର ଅଞ୍ଚଳରେ । କେ-୯ରେ ରହୁଥିବା ନିୟତି ଜେନାଙ୍କ ଘରୁ ଚୋରୀ ହୋଇଥିବା ନେଇ ଅଭିଯୋଗ ହୋଇଛି । ଘରୁ ମଙ୍ଗଳସୂତ୍ର, ସୁନା ଚୁଡ଼ି, କାନଫୁଲ ଓ ହୀରା ମୁଦି ଚୋରୀ ହୋଇଛି। ତେବେ ଘରର କୌଣସି କବାଟ ଭାଙ୍ଗି ନଥିବା ବେଳେ କେମିତି ଏତେ ପରିମାଣର ସୁନା ଅଳଙ୍କାର ଚୋରୀ ହେଲା ତାକୁ ନେଇ ସନ୍ଦେହ ଉପୁଜୁଛି । ସେପଟେ ଅଭିଯୋଗ ପରେ ଘରେ କାମ କରୁଥିବା କର୍ମଚାରୀଙ୍କୁ ପଚରାଉଚାରା କରୁଛି ତମାଣ୍ଡୋ ଥାନା ପୋଲିସ ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଗୌତମ ଆଦାନୀ: ଓଡ଼ିଶାରେ ବନ୍ଦର ଭିତ୍ତିକ ଶିଳ୍ପ ବିକାଶ ଉପରେ ଗୁରୁତ୍ୱ



**ଭୁବନେଶ୍ୱର,(ଡିକେ ନ୍ୟୁଜ):** ବିଶିଷ୍ଟ ଶିଳ୍ପପତି ତଥା ଆଦାନୀ ଗ୍ରୁପର ଅଧ୍ୟକ୍ଷ ଗୌତମ ଆଦାନୀ ରାଜ୍ୟ ଅତିଥି ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଉଭୟଙ୍କ ମଧ୍ୟରେ ରାଜ୍ୟର ଶିଳ୍ପ ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷକରି ଶିଳ୍ପ ଭିତ୍ତିକ ବିକାଶ, ସବୁଜ ଶକ୍ତି ବା ଅକ୍ଷୟ ଶକ୍ତିର ଉତ୍ପାଦନ ଏବଂ କୋଲ୍ ଗ୍ୟାସିଫିକେସନ୍ ପ୍ଲାଣ୍ଟ ସ୍ଥାପନ ଉପରେ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ, ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ ପରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ରାଜ୍ୟରେ ଶିଳ୍ପ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ନିକଟରେ ଗୋପାଳପୁର ବନ୍ଦରର ବିକାଶ ପାଇଁ ରାଜ୍ୟ ସରକାର ଏକ ରିଆତି ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଏଥିରେ ଆଦାନୀ ଗ୍ରୁପ ପକ୍ଷରୁ ୧୬,୫୫୪ କୋଟି ଟଙ୍କା ବିନିଯୋଗ କରାଯାଉଛି। ଏହାଦ୍ୱାରା ଗୋପାଳପୁର ବନ୍ଦରର ପଣ୍ୟ ପରିବହନ କ୍ଷମତା ୫୦ ମିଲିଅନ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇବ। ୫୦୦୦ ନିଯୁକ୍ତି ସମ୍ଭାବନା ମଧ୍ୟ ସୃଷ୍ଟି ହେବ। ଏହି ଆଲୋଚନା ସମୟରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ ଆଇଏଏସ୍ ଶାଶ୍ୱତ ମିଶ୍ର ହେଲେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ

**ଭୁବନେଶ୍ୱର, (ହି.ସ):** ଓଡ଼ିଶା ସରକାର ବରିଷ୍ଠ ଆଇଏଏସ୍ ଅଧିକାରୀ ଶ୍ରୀ ଶାଶ୍ୱତ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ ନିଯୁକ୍ତ କରିଛନ୍ତି। ଏହା ସହିତ ସେ ଅର୍ଥ ବିଭାଗର ପ୍ରମୁଖ ସଚିବ ଓ ଓଡ଼ିଶା ଶିଳ୍ପାଞ୍ଚଳ ଉନ୍ନୟନ ନିଗମ ର ଅଧ୍ୟକ୍ଷ ଭାବରେ ତାଙ୍କର ଅତିରିକ୍ତ ଦାୟିତ୍ୱ ଜାରି ରଖିବେ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ରବିବାର ଦିନ ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ନିଯୁକ୍ତି ରାଜ୍ୟ ସରକାରଙ୍କର ଏକ ବଡ଼ ପ୍ରଶାସନିକ ପଦକ୍ଷେପ ଅଟେ। ୧୯୯୬ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଶ୍ରୀ ମିଶ୍ର ବର୍ତ୍ତମାନ ଅର୍ଥ ବିଭାଗର ଦାୟିତ୍ୱରେ ରହିବା ସହିତ ଇଡକୋର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରୁଛନ୍ତି ।

# ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ଭାବନାକୁ ଅଭିବ୍ୟକ୍ତ କରୁଛନ୍ତି ପିଏମ୍: ପ୍ରତାପ ଷଡଙ୍ଗୀ



**ଭୁବନେଶ୍ୱର,(ହି.ସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତି ମାସରେ ରାଷ୍ଟ୍ରର ଆତ୍ମାକୁ ସ୍ପର୍ଶ କରୁଛନ୍ତି। ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ଭାବନାକୁ ଅଭିବ୍ୟକ୍ତ କରୁଛନ୍ତି ବୋଲି କହିଛନ୍ତି ସାଂସଦ ପ୍ରତାପ ଷଡଙ୍ଗୀ । ଯୋଗ ଦିବସ ଅବସରରେ ବ୍ୟାପକ ପ୍ରସ୍ତୁତି ପୂର୍ବ ରେକର୍ଡ ଭାଙ୍ଗିଛି, ଏମରଜେନ୍ସି ସମୟରେ ଦେଶରେ ଯେଉଁ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା ସେ ପ୍ରସଙ୍ଗରେ ଆଜି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଉଦବୋଧନ ଦେଇଛନ୍ତି। ତୀର୍ଥ ଯାତ୍ରା, ଦେଶକୁ ଶସ୍ୟସାମଳା କରିବା ଦିଗରେ ପଦକ୍ଷେପ ଦେଶବାସୀଙ୍କ ଏକତ୍ରି କରଣ ଦ୍ୱାରା ବିକଶିତ ଭାରତ ଦିଗରେ ତଥା ପ୍ରାମାଣିକ ଉଦାହରଣ ଦେଇ ମନ୍ କି ବାତ୍ ରେ ଦେଶବସୀଙ୍କୁ ପ୍ରଧାନ ମନ୍ତ୍ରି ଆଜି ଉଦବୋଧନ ଦେଇଛନ୍ତି। ପ୍ରଧାନ ମନ୍ତ୍ରୀଙ୍କ ଏହି ମନ୍ କି ବାତ୍ ପ୍ରତ୍ୟକ୍ ମାସରେ ଦେଶବାସୀଙ୍କୁ ପ୍ରେରଣା ଦେବ ନିଶ୍ଚୟ ବୋଲି ସେ କହିଛନ୍ତି।

## ଜଳ ସମ୍ପଦ ବିଭାଗ ଦ୍ୱାରାବନ୍ୟା ସ୍ଥିତି ତଦାରଖ

# ସୁବର୍ଣ୍ଣରେଖା, ବୁଢାବଳଙ୍ଗ ଓ ଜଳକା ନଦୀରେ ଜଳସ୍ତର ବୃଦ୍ଧି

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଝାରଖଣ୍ଡ ରାଜ୍ୟ ଏବଂ ଓଡ଼ିଶାର ମୟୂରଭଞ୍ଜଓବାଲେଶ୍ୱର ଜିଲ୍ଲାରେଲଗାଣ ବର୍ଷାହେତୁସୁବର୍ଣ୍ଣରେଖା, ବୁଢାବଳଙ୍ଗ ଓ ଜଳକାନଦୀମାନଙ୍କରେ ଜଳସ୍ତର ବୃଦ୍ଧି ପାଉଛି। ଆଜି ଅପରାହ୍ଣ ୩ ଟା ସୁଦ୍ଧା ସୁବର୍ଣ୍ଣରେଖା ନଦୀରେ ରାଜଘାଟ ଠାରେ ଜଳସ୍ତର ୮.୪୧ ମିଟର ରହିଥିଲା। ଏହାର ବିପଦ ସଂକେତ ସ୍ତରହେଉଛି ୧୦.୩୬ ମିଟର। ସେହିପରି, ବୁଢାବଳଙ୍ଗ ନଦୀରେ ଗୋବିନ୍ଦପୁର ଠାରେ ଜଳସ୍ତର୬.୯୪ ମିଟର ରହିଛି । ଏହାର ବିପଦ ସଂକେତ ସ୍ତର ୮.୧୩ ମିଟର। ସେହିପରି ଜଳକା ନଦୀରେ ମାଥାନୀରେ ଠାରେ ଜଳସ୍ତର ୬.୬୫ ମିଟର ଥିବା ବେଳେ ଏହାର ବିପଦ ସଂକେତ ସ୍ତର ହେଉଛି ୬.୫୦ ମିଟର। ଏହି ପରିପ୍ରେକ୍ଷୀରେ, ସୁବର୍ଣ୍ଣରେଖା ନଦୀରେ ଆଜି ମଧ୍ୟ ରାତ୍ର ୧୨ ଟା ସୁଦ୍ଧା ସର୍ବୋଚ୍ଚ ବନ୍ୟା ଜଳ ୧୧.୨୫ ମିଟର ସ୍ତରରେ ପ୍ରବାହିତ ହେବାର ଆଶା କରାଯାଉଛି। ସେହିପରି ବୁଢାବଳଙ୍ଗ ନଦୀରେ ଆସନ୍ତା କାଲି ୩୦ ତାରିଖ ସକାଳ ୯ ସୁଦ୍ଧା ୮.୨୦ ମିଟର ଏବଂ ଜଳକାନଦୀରେ ଆଜି ୨୯ ତାରିଖ ସନ୍ଧ୍ୟା ୬.୦୦ ରେ ୬.୮୨ ମିଟର ସର୍ବୋଚ୍ଚ ବନ୍ୟାଜଳ ପ୍ରବାହିତ ହେବାର ଆଶା କରାଯାଉଛି। ରାଜ୍ୟ ଜଳ ସଂପଦ ବିଭାଗର ସେଚ ସଦନ ଠାରେ ଥିବା ବନ୍ୟା ନିୟନ୍ତ୍ରଣ କକ୍ଷ ୨୪ ଘଣ୍ଟିଆ କାର୍ଯ୍ୟ କରୁଛି ଏବଂ ସ୍ଥିତିକୁ ଏଠାରୁ ସତର୍କତାର ସହ ତଦାରଖ କରାଯାଉଛି। ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏଥିପାଇଁ ତଳିଆ ଅଞ୍ଚଳରେ ଥିବା ଲୋକମାନଙ୍କୁ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରଣ ଏବଂ ଆବଶ୍ୟକ ରିଲିଫ୍ କାର୍ଯ୍ୟ ପରିଚାଳନା ପାଇଁ ସତର୍କ କରାଯାଇଛି। କ୍ଷେତ୍ରସ୍ତରରେ ସ୍ଥିତି ଅନୁଧ୍ୟାନ ଓ ତଦାରଖ କରିବା ଏବଂ ସମ୍ଭାବ୍ୟ ବନ୍ୟା ସ୍ଥିତି ପରିଚାଳନାରେ ସହାୟତା ପାଇଁ ଜଳ ସଂପଦ ବିଭାଗର ଜଣେ ସର୍ବୋଚ୍ଚ ଯନ୍ତ୍ରୀ ପାହ୍ୟାର ଯନ୍ତ୍ରୀ ଏବଂ ଅନ୍ୟ ଜଣେ ମୁଖ୍ୟ ଯନ୍ତ୍ରୀ ତ୍ୱରିତ ବାଲେଶ୍ୱର ଗସ୍ତ କରିଛନ୍ତି।

# ଝଡ଼ କିମ୍ବା ବଜ୍ରପାତ, ପବନ ଓ ଭୀଷଣରୁ ଅତି ଭୀଷଣ ବର୍ଷା ନେଇ ୭ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ



ଭୁବନେଶ୍ୱର,(ହି.ସ.): ଆଗାମୀ ୭ ଦିନ ମଧ୍ୟରେ ଝଡ଼ କିମ୍ବା ବଜ୍ରପାତ, ପବନ, କେତେକ ସ୍ଥାନରେ ଭୀଷଣ ବର୍ଷା ଓ କେତେକ ସ୍ଥାନରେ ଭୀଷଣରୁ ଅତି ଭୀଷଣ ବର୍ଷା ନେଇ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଝଡ଼ କିମ୍ବା ବଜ୍ରପାତ, ପବନ ଓ ଭୀଷଣରୁ ଅତ୍ୟଧିକ ଭୀଷଣ ବର୍ଷା ନେଇ ୪ ଜିଲ୍ଲା(ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ସୁନ୍ଦରଗଡ଼)କୁ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି । ଝଡ଼ କିମ୍ବା ବଜ୍ରପାତ, ପବନ ଓ ଭୀଷଣରୁ ଅତି ଭୀଷଣ ବର୍ଷା ନେଇ ୭ ଜିଲ୍ଲା (ଭଦ୍ରକ, ଯାଜପୁର, ଢ଼େଙ୍କାନାଳ, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା)କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ଏହା ବ୍ୟତୀତ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଆସନ୍ତାକାଲି ଅର୍ଥାତ୍ ୩୦ ତାରିଖରେ ଝଡ଼ କିମ୍ବା ବଜ୍ରପାତ, ପବନ ଓ ଭୀଷଣରୁ ଅତି ଭୀଷଣ ବର୍ଷା ନେଇ ୪ ଜିଲ୍ଲା (ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା)କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ଝଡ଼ କିମ୍ବା ବଜ୍ରପାତ, ପବନ ଓ ଭୀଷଣ ବର୍ଷା ନେଇ ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଜୁଲାଇ ୧ ତାରିଖରେ ଝଡ଼ କିମ୍ବା ବଜ୍ରପାତ, ପବନ ଓ ଭୀଷଣରୁ ଅତି ଭୀଷଣ ବର୍ଷା ନେଇ ୩ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଝଡ଼ କିମ୍ବା ବଜ୍ରପାତ, ପବନ ଓ ଭୀଷଣ ବର୍ଷା ନେଇ ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ଭୀଷଣ ବର୍ଷା ନେଇ ୨ ତାରିଖରେ ୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ୩ ତାରିଖରେ ଭୀଷଣରୁ ଅତି ଭୀଷଣ ବର୍ଷା ନେଇ ୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଭୀଷଣ ବର୍ଷା ନେଇ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ୪ ତାରିଖରେ ଭୀଷଣରୁ ଅତି ଭୀଷଣ ବର୍ଷା ନେଇ ୩ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଭୀଷଣ ବର୍ଷା ନେଇ ୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ୫ ତାରିଖରେ ଭୀଷଣରୁ ଅତି ଭୀଷଣ ବର୍ଷା ନେଇ ୩ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଭୀଷଣ ବର୍ଷା ନେଇ ୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି।

## ପୁରୀ ଶରଧାବାଲି ଦଳାଚକଟା ଘଟଣା

# ଏକ ମାସ ମଧ୍ୟରେ ସରିବ ତଦନ୍ତ, ଦୋଷୀଙ୍କୁ ମିଳିବ କଠୋର ଦଣ୍ଡ



**ଭୁବନେଶ୍ୱର,(ଡିକେ ନ୍ୟୁଜ):** ପୁରୀ ଶରଧାବାଲିରେ ଦଳାଚକଟା ଘଟଣାରେ ଜଣେ ଭକ୍ତଙ୍କ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟ ସରକାର କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ଏହି ଘଟଣାର ତଦନ୍ତ ଏକ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ ଏବଂ ଯେଉଁମାନେ ଦୋଷୀ ସାବ୍ୟସ୍ତ ହେବେ, ସେମାନଙ୍କୁ କଠୋର ଦଣ୍ଡ ପ୍ରଦାନ କରାଯିବ। ମନ୍ତ୍ରୀ ଆହୁରି କହିଛନ୍ତି, ସରକାର ଏହି ଘଟଣାକୁ ଗୁରୁତର ଭାବେ ନେଇଛନ୍ତି। ଭକ୍ତମାନେ ଯାତେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ତାହା ନିଶ୍ଚିତ କରିବା ପାଇଁ ପରିଚାଳନାକୁ ଆହୁରି ସୁଗମ କରିବା ଲାଗି ଆବଶ୍ୟକ ପଦକ୍ଷେପ ନିଆଯିବ। ଏହି ଘଟଣା ପରେ ଶରଧାବାଲିରେ ଭକ୍ତଙ୍କ ସୁରକ୍ଷା ଓ ସୁବିଧା ପାଇଁ ଅଧିକ କଡାକଡି ବ୍ୟବସ୍ଥା କରାଯିବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି।

## ସାଂସଦ ଶ୍ରୀ ଅଭିମନ୍ୟୁ ସେଠୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ କେଭି ସିଂହଦେଓ

**ଭୁବନେଶ୍ୱର,(ହି.ସ):** ସାଂସଦ ଶ୍ରୀ ଅଭିମନ୍ୟୁ ସେଠୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ଏନେଇ ସୋସିଆଲ ମିଡିଆ ଏକ୍ସରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭଦ୍ରକର ସାଂସଦ ଅଭିମନ୍ୟୁ ସେଠୀ ଙ୍କୁ ତାଙ୍କ ଶୁଭ ଜନ୍ମଦିନ ଅବସରରେ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା। ପ୍ରଭୁ ଜଗନ୍ନାଥଙ୍କ ନିକଟରେ ତାଙ୍କ ସୁସ୍ଥ, ଦୀର୍ଘାୟୁ ଓ ନିରାମୟ ଜୀବନ ପାଇଁ କାମନା କରୁଛି।

**AFFIDAVIT**

By virtue of an affidavit sworn before Executive Magistrate Nuapada dated 26.6.2025 Deblal Rana address at- Silda po/ps- Nuapada,Odisha pin- 766105 Declare that I have changed my name from Deolal Pandey to Deblal Rana Henceforth, I shall be known as Deblal Rana for all propose.

**Deblal Rana**

## ସମ୍ପାଦକୀୟ

# ବେକାରୀ ହାର ଚିନ୍ତାଜନକ

ଗତ ପାଂଚ ଦଶନ୍ଧି ଧରି ଦେଶରେ ଉତ୍କଟ ବେକାରୀ ସମସ୍ୟା କାହାରିକୁ ଅଛପା ନୁହେଁ କି ଗୋପନୀୟ ହୋଇରହିନାହିଁ। ଦେଶରେ ନିଯୁକ୍ତି ହାର ହ୍ରାସ ପାଉଥିବାବେଳେ ବେକାର ଯୁବକଯୁବତୀଙ୍କ ସଂଖ୍ୟା ବର୍ଷକୁ ବର୍ଷ ବଢିଚାଲିଛି। ବେକାରୀ ସଂକଟ ଏତେ ଉତ୍କଟ ହୋଇଛି ଯେ, ପିଅନ ପଦବୀ ପାଇଁ ଏମବିଏ, ପିଏଚଡି, ଆଇନ ଡିଗ୍ରୀ ଧାରୀ ଆବେଦନ କରିବାକୁ କୁଣ୍ଠାବୋଧ କରୁନାହାଁନ୍ତି। ନିକଟରେ ଆମ ରାଜ୍ୟରେ ହୋମ ଗାର୍ଡ (ଗୃହରକ୍ଷୀ) ପଦବୀ ପାଇଁ ମାଷ୍ଟର ଡିଗ୍ରୀ, ଇଂଜିନିୟରିଂ, ଡିପ୍ଲୋମା ଡିଗ୍ରୀଧାରୀ ଆବେଦନ କରିଥିବା ଗଣମାଧ୍ୟମରେ ଶିରୋନାମା ପାଲଟିଥିଲା। ପିରିଅଡିକ୍ ଲେବର ଫୋର୍ସ ସର୍ଭେ ତଥ୍ୟ ଅନୁଯାୟୀ ଦେଶରେ ବେକାରୀ ହାର ବିଶେଷ କରି ଦେଶର ଯୁବବର୍ଗଙ୍କ ମଧ୍ୟରେ ବୃଦ୍ଧି ପାଇଥିବା ସର୍ଭେରେ କୁହାଯାଇଛି। ତେବେ ଏହା ପ୍ରଥମ ପାଇଁ ନୁହେଁ। ଦେଶରେ ଉଚ୍ଚଶିକ୍ଷିତ ଯୁବବର୍ଗଙ୍କ ମଧ୍ୟରେ ବେକାରୀ ଏବେ ଚରମ ସୀମାରେ ପହଁଚିଥିବା କୁହାଯାଏ। ଦୁଇବର୍ଷ ତଳେ ମେଂଟର ଫର ମନିଟରିଂ ଦି ଇଣ୍ଡିଆନ ଇକୋନୋମୀ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟରେ କୁହାଯାଇଥିଲା ଯେ, ଦେଶରେ ଯୁବବର୍ଗଙ୍କ ବେକାରୀ ଏକ ଚିନ୍ତାଜନକ ସ୍ତର ୪୫.୪ ପ୍ରତିଶତରେ ପହଁଚିଥିଲା। ଗତ ମେ' ମାସରେ ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା ଯେ, ଯେଉଁଠାରେ ଦକ୍ଷତା ସହ ନିଯୁକ୍ତି ସମାନୁପାତିକ ନୁହେଁ, ସେ କ୍ଷେତ୍ରରେ ବେକାରୀ ହାର ଅତି ଆଶ୍ଚର୍ଯ୍ୟଜନକ ଭାବେ ୬୨.୨୮ ପ୍ରତିଶତକୁ ଛୁଇଁଥିଲା, ଯାହାକି ଭାରତୀୟ ଯୁବବର୍ଗଙ୍କ ପାଇଁ ଆଉ ଏକ ସମସ୍ୟା ଭାବେ ଉଭା ହୋଇଛି। ଗତ ଦଶନ୍ଧିରେ ଦେଶ ଉତ୍କଟ ବେକାରୀ ସମସ୍ୟାର ସମ୍ମୁଖୀନ ହୋଇଥିବା ଗୋପନୀୟ ନଥିବା ଶିଥିଳ ପରିସଂଖ୍ୟାନ ବହୁବାର ଏହି ଉଦ୍‌ବେଗଜନକ ତଥ୍ୟ ପ୍ରକାଶ ପାଇଆସୁଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଗତ ଦଶନ୍ଧିରେ ବ୍ୟାପକ ନିଯୁକ୍ତି ଦିଆଯାଇଥିବା ନେଇ ସରକାର ଦାବି କରି ଆସୁଥିବାବେଳେ ନିକଟରେ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ଆୟୋଜିତ ନିଯୁକ୍ତି ମେଳା ଏହାର ପ୍ରମାଣ ଦେଇଛି। ତଥାପି ଦେଶରେ ବେକାରୀ ହାର ଘର ଭିତରେ ଲୋକପ୍ରସିଦ୍ଧ ହାତୀ ସଦୃଶ ବଢିଚାଲିଛି। ଦେଶରେ ବେକାରୀ ହାର ନେଇ ବିରୋଧି ଦଳଗୁଡିକ କେନ୍ଦ୍ରସରକାରଙ୍କ ନିଷ୍କ୍ରିୟତାକୁ ସମାଲୋଚନା କରି ଆସୁଛନ୍ତି। ଗତ ୨୦୨୪ ସାଧାରଣ ନିର୍ବାଚନରେ ବିରୋଧି ଦଳଗୁଡିକ ବେକାରୀ ସମସ୍ୟାକୁ ମୁଖ୍ୟ ନିର୍ବାଚନ ପ୍ରସଙ୍ଗ କରିଥିଲେ। ଯାହାର ପରିଣତି ସ୍ୱରୁପ ବିଜେପିକୁ ସଂଖ୍ୟା ଗରିଷ୍ଠତା ହାସଲ କରିବା ଠାରୁ ଦୂରେଇ ରଖିବାରେ ସମର୍ଥ ହୋଇଥିଲେ। କିନ୍ତୁ ବିଜେପି ସହଯୋଗୀ ଦଳମାନଙ୍କର ସହଯୋଗରେ ତୃତୀୟ ଥର ଲାଗି ସରକାର ଗଢିବାକୁ ସମର୍ଥ ହୋଇଥିଲା। ବିରୋଧି ଦଳଗୁଡିକ ବେକାରୀ ପ୍ରସଙ୍ଗକୁ ଯେ, ଯଥାର୍ଥ ଭାବେ ଭୋଟଦାତାଙ୍କ ନିକଟରେ ଉପସ୍ଥାପିତ କରିଥିଲେ, ତାହା କୁହାଯାଇନପାରେ। ବିହାରରେ ଗଲା ବିଧାନସଭା ନିର୍ବାଚନ ଆରଜେଡୀ ରାଜ୍ୟରେ ସ୍ଥାନୀୟ ନିଯୁକ୍ତି ଏବଂ ବେକାରୀ ପ୍ରସଙ୍ଗକୁ ଏଭଳି ଭାବେ ଉପସ୍ଥାପିତ କରିଥିଲା ଯେ, ସରକାର ଗଢିବା ନେଇ ଏକ ଧାରଣା ସୃଷ୍ଟି ହୋଇଥିଲା। ତେବେ ଲାଲୁ ଯାଦବଙ୍କ ଅନୁପସ୍ଥିତିରେ ଆରଜେଡି ଅଳ୍ପକେ ସଂଖ୍ୟାଗରିଷ୍ଠତାର ବଂଚିତ ହୋଇଥିଲା। ଏହା ନିସନ୍ଦେହ ଯେ, ଅସମ ଅର୍ଥନୈତିକ ଅଭିବୃଦ୍ଧି ଏବଂ ବେକାରୀ ମାଗଣା ରାସନ ଉପରେ ଅଗଣିତ ଭାରତୀୟଙ୍କୁ ନିର୍ଭରଶୀଳ ହେବାକୁ ବାଧ କରିଛି। ସେହିପରି ବିଶ୍ୱର ବୃହତ ଅର୍ଥନୈତିକ ଶକ୍ତି ହେବାର ସମ୍ମାନ ଭାରତ ପାଇଥିବାବେଳେ ଏହାର ଲାଭ ଦେଶର ଭୋଟଦାତାଙ୍କ ଠାରୁ ପାଇବା ଅତ୍ୟନ୍ତ କଷ୍ଟକର। ଏହା ସତ୍ୟ ଯେ, ପେଟକୁ ଦୁଇ ଓଳି ଦାନା ଏବଂ ରୋଜଗାର ବ୍ୟତିକ ଅର୍ଥନୈତିକ ପ୍ରଗତି ନେଇ ଦେଶର ଗରିବ, ମଧ୍ୟବିତ ଭୋଟଦାତାଙ୍କୁ କିଛି ଜାଣନ୍ତି ନାହିଁ କି ବୁଝନ୍ତି ନାହିଁ। ଆହୁରି ମଧ୍ୟ ଦେଶରେ ବ୍ୟାପକ ପୁଞ୍ଜି ନିବେଶ ଦ୍ୱାରା ବଡ ବଡ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ଏମଓୟୁ ସ୍ୱାକ୍ଷର କରୁଛନ୍ତି। ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟିନେଇ ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ଏଥିରୁ କୌଣସି ସୁଫଳ ମିଳୁଥିବା ପରିଲିଖିତ ହୁଏ ନାହିଁ। ଏବେ ନିଯୁକ୍ତି ମେଳା ମାଧ୍ୟମରେ ନିଯୁକ୍ତି ପତ୍ର ପ୍ରଦାନ ଏକ ପରମ୍ପରାରେ ପରିଣତ ହୋଇଗଲାଣି। ନିଯୁକ୍ତି ମିଳୁଛି ସତ୍ୟ, କିନ୍ତୁ ବେକାରୀଙ୍କ ସଂଖ୍ୟା ତୁଳନାରେ ସମୁଦ୍ରକୁ ଶଙ୍ଖେ ସଦୃଶ ବୋଲି କୁହାଯାଇପାରିବ। ଏହା ନିସନ୍ଦେହ ଯେ, ବେକାରୀ ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଦେଶର ଆର୍ଥୀକ ପ୍ରଗତି, ଅଭିବୃଦ୍ଧି, ଯୁବବର୍ଗ ଏବଂ ମତଦାତାଙ୍କ ଉପରେ କୌଣସି ପ୍ରଭାବ ପକାଇବ ନାହିଁ।

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

Mob/ whatsapp : 9090962011
Ph. No. : 0674-2975387
E-mail : dumanikhabar2020@gmail.com

# ସୀମା ଏବଂ କଳ୍ପନା ବାହାରେ ଏକ ଯାତ୍ରା !



ଅସିତ ମହାନ୍ତି

ନିରନ୍ତର ଅନ୍ୱେଷଣ ଏବଂ ବୈଜ୍ଞାନିକ ଆକାଂକ୍ଷା ଦ୍ୱାରା ଗଠିତ ଯୁଗରେ, ଅଳ୍ପ କିଛି କାହାଣୀ, ଯେମିତିକି ଆନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସ୍‌ଏସ୍)କୁ ଶୁଭାଂଶୁ ଶୁକ୍ଲାଙ୍କ ଐତିହାସିକ ଯାତ୍ରା ଏକ ରାଷ୍ଟ୍ରର ଆତ୍ମାକୁ ପ୍ରଜ୍ୱଳିତ କରେ କେବଳ ଏକ ଏରୋସ୍ପେସ୍ ସଫଳତା ନୁହେଁ, ତାଙ୍କର ଯାତ୍ରା ଭାରତର ବିକଶିତ ପରିଚୟର ପ୍ରତୀକ-ଏକ ନବସୃଜନ ଶକ୍ତି, ଜ୍ଞାନର ରକ୍ଷକ ଏବଂ ତାରା ଆଡ଼କୁ ପହଞ୍ଚୁଥିବା ସାଂସ୍କୃତିକ ଗୌରବର ଆଲୋକବର୍ତ୍ତିକା ଭାବରେ। ଶୁକ୍ଲାଙ୍କ ଆରୋହଣ କେବଳ ଏକ ବ୍ୟକ୍ତିଗତ ବିଜୟ ନୁହେଁ, ଏହା ୧.୪ ବିଲିୟନ ଭାରତୀୟଙ୍କ ସାମୂହିକ ସ୍ୱପ୍ନର ଏକ ମିଳିତ ଅଧ୍ୟାୟ। ଏହା ପରମ୍ପରା ଏବଂ ପ୍ରଯୁକ୍ତିବିଦ୍ୟା, ପ୍ରାଚୀନ ଜ୍ଞାନ ଏବଂ ଆଧୁନିକ ବିଜ୍ଞାନର ମିଳନ ବିନ୍ଦୁକୁ ପ୍ରତିନିଧିତ୍ୱ କରେ ଆଇଏସ୍‌ଏସ୍ ରେ ତାଙ୍କର ଉପସ୍ଥିତି କଳ୍ପନା ଚାୱଲା ଏବଂ ରାକେଶ ଶର୍ମାଙ୍କ ପରି ଅଗ୍ରଗାମୀଙ୍କ ପରମ୍ପରାକୁ ପୁନର୍ଜୀବିତ କରେ, ଯେତେବେଳେ କି ଏକ ନୂତନ ପିଢ଼ିର ମହାକାଶ ଯାତ୍ରୀମାନେ ଭାରତର ମହାଜାଗତିକ ଭବିଷ୍ୟତକୁ ସ୍କ୍ରିପ୍ଟ କରିବାକୁ ପ୍ରସ୍ତୁତ ଏହି କାହାଣୀ ସହିତ ରାତିର ଆକାଶକୁ ଚାହିଁଥିବା ଛାତ୍ରଛାତ୍ରୀଙ୍କ ଆଶା, ନୀରବ ପରୀକ୍ଷାଗାରରେ କଠିନ ପରିଶ୍ରମ କରୁଥିବା ବୈଜ୍ଞାନିକଙ୍କ ଦୂରଦୃଷ୍ଟି ଏବଂ ବଡ଼ ସ୍ୱପ୍ନ ଦେଖିବାର ସାହସ କରୁଥିବା ଦେଶର ପ୍ରତିଶୃତି ରହିଛି। ଯେତେବେଳେ ଆମେ ପୃଥିବୀର ସୀମା ବାହାରେ ଶୁକ୍ଲାଙ୍କ ଅଭିଯାନକୁ ଅନୁସରଣ କରୁ, ଆମକୁ ମନେ ପକାଇ ଦିଆଯାଏ ଯେ ମହାକାଶ ଅନ୍ୱେଷଣ କେବଳ ଉପଗ୍ରହ ଏବଂ ବିଜ୍ଞାନ ବିଷୟରେ ନୁହେଁ-ଏହା ମାନବିକତା, ଐତିହ୍ୟ ଏବଂ ଅସମ୍ଭବ ପର୍ଯ୍ୟନ୍ତ ପହଞ୍ଚିବାର ଦୁଃସାହସ ବିଷୟରେ। ଆସନ୍ତୁ ଆମେ ଏହି ଯାତ୍ରା ଆରମ୍ଭ କରିବା, କେବଳ ଜଣେ ବ୍ୟକ୍ତି କିପରି ତାରକା ନିକଟରେ ପହଞ୍ଚିଲେ ତାହା ଜାଣିବା ପାଇଁ ନୁହେଁ- ବରଂ ଭାରତ କ'ଣ ହୋଇପାରିବ ସେ ବିଷୟରେ ତାଙ୍କର ମିଶନ କିପରି ଆମ ସମସ୍ତଙ୍କୁ ଏକ ଗଭୀର ବିଶ୍ୱାସରେ ପ୍ରତିଷ୍ଠିତ କରିଛି।

ଆନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସ୍‌ଏସ୍)କୁ ଶୁଭାଂଶୁ ଶୁକ୍ଲାଙ୍କ ଯାତ୍ରା ଅନେକ କାରଣରୁ ଐତିହାସିକ ଅଟେ। ଆଇଏସ୍‌ଏସ୍‌ରେ ପହଞ୍ଚିବାରେ ପ୍ରଥମ ଭାରତୀୟ ରାକେଶ ଶର୍ମା ୧୯୮୪ ରେ ସୋଭିଏତ ମିଶନରେ ମହାକାଶରେ ପ୍ରଥମ ଭାରତୀୟ ହୋଇଥିବାବେଳେ ଶୁକ୍ଲା ଆଇଏସ୍‌ଏସ୍ ସହିତ ଡକ କରିବାରେ ପ୍ରଥମ ଭାରତୀୟ ମହାକାଶଚାରୀ, ଯାହା ଭାରତର ମାନବ ମହାକାଶ ଉଡ଼ାଣ କାହାଣୀରେ ଏକ ନୂତନ ଅଧ୍ୟାୟକୁ ଚିହ୍ନିତ କରିଛି। ୪୧ ବର୍ଷ ପରେ ମହାକାଶକୁ ଭାରତର ପ୍ରତ୍ୟାବର୍ତ୍ତନ ଆକ୍ସିୟମ୍-୪ (ଏଏକ୍ସ-୪)ରେ ତାଙ୍କର ମିଶନ ଚାରି ଦଶନ୍ଧିରୁ ଅଧିକ ସମୟ ପରେ ମାନବ ମହାକାଶ ଅନୁସନ୍ଧାନରେ ଭାରତର ପୁନଃ ପ୍ରବେଶକୁ ଚିହ୍ନିତ କରେ। ଘରୋଇ ଅନ୍ତର୍ଜାତୀୟ ସହଯୋଗ - ଘରୋଇ ଭାବେ ଆୟୋଜିତ ଅନ୍ତର୍ଜାତୀୟ ମହାକାଶ ଅଭିଯାନରେ ଏହା ହେଉଛି ଭାରତର ପ୍ରଥମ ଅଂଶଗ୍ରହଣ। ଶୁକ୍ଲା ଆମେରିକା, ପୋଲାଣ୍ଡ ଏବଂ ହଙ୍ଗେରୀର ମହାକାଶଚାରୀଙ୍କ ସହିତ ନାସାର କେନେଡି ସ୍ପେସ୍ ସେଣ୍ଟରରୁ ଉତକ୍ଷେପଣ ହୋଇଥିବା ସ୍ପେସ୍‌ଏକ୍ସର କ୍ରୁ ଡ୍ରାଗନ୍ କ୍ୟାପସୁଲରେ ଉଡ଼ାଣ କରିଥିଲେ। ଆପୋଲୋ ୧୧ ପ୍ୟାଡ଼ରୁ ଉତକ୍ଷେପଣ ଐତିହାସିକ ଆପୋଲୋ ୧୧ ଚନ୍ଦ୍ର ଅବତରଣ ପାଇଁ ବ୍ୟବହୃତ ସେହି ସମାନ ସ୍ଥାନ ଲଞ୍ଚ କମ୍ପ୍ଲେକ୍ସ ୩୯ଏରୁ ଏହି ମିଶନ ଉତକ୍ଷେପଣ କରାଯାଇଥିଲା-ଯାହା ଇଭେଣ୍ଟକୁ ପ୍ରତୀକାତ୍ମକ ଓଜନ ଯୋଗ କରିଥିଲା। ବୈଜ୍ଞାନିକ ଏବଂ ସାଂସ୍କୃତିକ ପ୍ରସାର - ଭାରତୀୟ ଗବେଷକମାନଙ୍କ ଦ୍ୱାରା ପ୍ରସ୍ତାବିତ ସାତଟି ପରୀକ୍ଷଣ ସମେତ ୧୪ ଦିନିଆ ରହଣି ସମୟରେ ଏହି ଦଳ ୬୦ରୁ ଅଧିକ ପରୀକ୍ଷଣ କରିବେ। ଶୁକ୍ଲା ଭାରତୀୟ ଖାଦ୍ୟ ଯେପରିକି ତରକାରୀ ଏବଂ ଆମ୍ବ ଅମୃତ ମଧ୍ୟ ଆଣିଥିଲେ, ଯାହା ବିଜ୍ଞାନକୁ ସାଂସ୍କୃତିକ ଗର୍ବ ସହିତ ମିଶ୍ରିତ କରିଥିଲା। ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣା - ଶୁକ୍ଲା ସମସ୍ତ ୧.୪ ବିଲିୟନ ଭାରତୀୟଙ୍କୁ ତାଙ୍କ ମିଶନକୁ ଉତ୍ସର୍ଗ କରି କହିଛନ୍ତି, ଏହା କେବଳ ଆଇଏସ୍‌ଏସ୍‌କୁ ମୋର ଯାତ୍ରା ନୁହେଁ, ବରଂ ଭାରତର ମାନବ ମହାକାଶ ଉଡ଼ାଣ ଯାତ୍ରାର ଆରମ୍ଭ। ଏହା କେବଳ ଏକ ମହାକାଶ ଉଡ଼ାଣ ନୁହେଁ-ଏହା ମହାକାଶ କୂଟନୀତି, ବିଜ୍ଞାନ ଏବଂ ବିଶ୍ୱ ସହଯୋଗରେ ଭାରତର ମହତ୍ୱାକାଂକ୍ଷା ପାଇଁ ଏକ ସଙ୍କେତ। ଶୁଭାଂଶୁ ଆଇଏସ୍‌ଏସ୍‌ରେ ଶୁକ୍ଲାଙ୍କ ୧୪ ଦିନିଆ ମିଶନ ଅତ୍ୟାଧୁନିକ ବୈଜ୍ଞାନିକ ପରୀକ୍ଷଣରେ ପରିପୂର୍ଣ୍ଣ, ଯେଉଁଥିରୁ ଅନେକ ଭାରତ ନେତୃତ୍ୱାଧୀନ ଏବଂ ଗଗନଯାନ ପରି ଭବିଷ୍ୟତ ମହାକାଶ ମିଶନକୁ ସମର୍ଥନ କରିବା ପାଇଁ ପ୍ରସ୍ତୁତ ତାଙ୍କର ମୁଖ୍ୟ କାର୍ଯ୍ୟଗୁଡ଼ିକର ସଂକ୍ଷିପ୍ତ ବିବରଣୀ ନିମ୍ନରେ ଦିଆଗଲା। ଚୀନର ଭାରତ-ନିର୍ଦ୍ଦିଷ୍ଟ ପରୀକ୍ଷଣ (ଶୁକ୍ଲାଙ୍କ ନେତୃତ୍ୱରେ) ୧. ମାଇକ୍ରୋଆଲ୍ଗେ ପୋଷଣ ଅଧ୍ୟୟନ - ସେ ଅଧ୍ୟୟନ କରୁଛନ୍ତି ଯେ କିପରି ମାଇକ୍ରୋଗ୍ରାଭିଟି ଏବଂ ମହାକାଶ ବିକିରଣ ଖାଇବା ଯୋଗ୍ୟ ମାଇକ୍ରୋଆଲ୍ଗର ପୁଷ୍ଟିକର ଘନତ୍ୱକୁ ପ୍ରଭାବିତ କରିଥାଏ। ଦୀର୍ଘକାଳୀନ ମିଶନ ପାଇଁ ସମ୍ଭାବିତ ଭବିଷ୍ୟତ ଖାଦ୍ୟ ଉତ୍ସ ୨. ଫସଲ ମଞ୍ଜି ଏକ୍ସପୋଜର - ଛଅ ପ୍ରକାରର ଭାରତୀୟ ଫସଲ ମଞ୍ଜି (ଯେପରିକି ମୁଗ ଏବଂ ମେଥି) ସ୍ଥାନ ପରିସ୍ଥିତିରେ ଉନମୁକ୍ତ ହେଉଛି ପୃଥିବୀକୁ ଫେରିବା ପରେ, ବୈଜ୍ଞାନିକମାନେ ମହାକାଶ-ନମନୀୟ ଫସଲ ବିକଶିତ କରିବା ପାଇଁ ଆନୁବଂଶିକ ପରିବର୍ତ୍ତନ, ମାଇକ୍ରୋବାୟାଲ୍ ଲୋଡ୍ ଏବଂ ପୁଷ୍ଟିକର ପରିବର୍ତ୍ତନ ବିଶ୍ଳେଷଣ କରିବେ ୩. ମାଂସପେଶୀ କ୍ଷୟ (ମାୟୋଜେନେସିସ୍) - ଏହି ପରୀକ୍ଷଣ ଅନୁସନ୍ଧାନ କରେ ଯେ ମାଇକ୍ରୋଗ୍ରାଭିଟିରେ କଙ୍କାଳ ମାଂସପେଶୀ କିପରି ଖରାପ ହୁଏ ଏବଂ ଏହାକୁ ପ୍ରତିରୋଧ କରିବା ପାଇଁ ସମ୍ଭାବ୍ୟ ଚିକିତ୍ସା ଅନୁସନ୍ଧାନ କରେ-ମହାକାଶଚାରୀ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ୪. ମାନସିକ ସ୍ୱାସ୍ଥ୍ୟ ଏବଂ ଜ୍ଞାନାତ୍ମକ ପ୍ରଦର୍ଶନ - ମହାକାଶରେ ସ୍କ୍ରିନ୍ ଏକ୍ସପୋଜର ଏବଂ ବିଚ୍ଛିନ୍ନତା କିପରି ଜ୍ଞାନାତ୍ମକ କାର୍ଯ୍ୟ ଏବଂ ଭାବପ୍ରବଣ ସୁସ୍ଥତାକୁ ପ୍ରଭାବିତ କରେ ତାହା ଆକଳନ କରିବାରେ ଶୁକ୍ଲା ସାହାଯ୍ୟ କରୁଛନ୍ତି ୫. ମାଇକ୍ରୋବାୟାଲ୍ ଆଚରଣ - ସେ ଅଧ୍ୟୟନ କରୁଛନ୍ତି ଯେ ମହାକାଶରେ ଜୀବାଣୁ କିପରି ଆଚରଣ କରନ୍ତି, ଯାହା ନିରାପଦ ଜୀବନ-ସହାୟକ ପ୍ରଣାଳୀ ଡିଜାଇନ୍ କରିବା ଏବଂ ସଂକ୍ରମଣକୁ ରୋକିବା ପାଇଁ ଗୁରୁତ୍ୱପୂର୍ଣ୍ଣ ୬. ମାଇକ୍ରୋଗ୍ରାଭିଟିରେ ମାନବ-କମ୍ପ୍ୟୁଟର ପାରସ୍ପରିକ କ୍ରିୟା - ଏଥିରେ ମହାକାଶଚାରୀମାନେ ମହାକାଶରେ ଡିଜିଟାଲ୍ ସିଷ୍ଟମ୍ ସହିତ କିପରି ଯୋଗାଯୋଗ କରନ୍ତି ତାହା ପରୀକ୍ଷା କରିବା, ଭବିଷ୍ୟତର ମିଶନ ପାଇଁ ଉନ୍ନତ ଇଣ୍ଟରଫେସ୍ ଡିଜାଇନ୍ କରିବାରେ ସାହାଯ୍ୟ କରିବା ଅନ୍ତର୍ଭୁକ୍ତ ୭. କ୍ଷେମ ଆଉଟରିଚ ଏବଂ ସାଂସ୍କୃତିକ କୂଟନୀତି - ବିଜ୍ଞାନ ବ୍ୟତୀତ, ସେ ଶିକ୍ଷାଗତ ପ୍ରସାରରେ ନିୟୋଜିତ ଅଛନ୍ତି ଏବଂ ଗାଜର୍ ହାଲୱା ଏବଂ ଆମ୍ବ ରସ ପରି ଭାରତୀୟ ଖାଦ୍ୟ ସାଥିରେ ନେଇଛନ୍ତି ଯାହା କକ୍ଷପଥରେ ଭାରତର ସାଂସ୍କୃତିକ ଉପସ୍ଥିତି ପାଇଁ ଏକ ସ୍ୱାଦିଷ୍ଟ ସମ୍ମତି ଏହି ପରୀକ୍ଷଣଗୁଡ଼ିକ କେବଳ ପ୍ରତୀକାତ୍ମକ ନୁହେଁ-ସେଗୁଡ଼ିକ ମୌଳିକ। ସେମାନେ ସୂଚନା ଦେବେ ଯେ ଭାରତ କିପରି ନିଜର ମହାକାଶ ଆବାସ, ଖାଦ୍ୟ ବ୍ୟବସ୍ଥା ଏବଂ ମହାକାଶଚାରୀ ସ୍ୱାସ୍ଥ୍ୟ ପ୍ରୋଟୋକଲ ଡିଜାଇନ କରେ।

ଆନ୍ତର୍ଜାତୀୟ ମହାକାଶ ଷ୍ଟେସନକୁ ଶୁଭାଂଶୁ ଶୁକ୍ଲାଙ୍କ ଯାତ୍ରା ଭାରତର ମହାଜାଗତିକ ଓଡେସିରେ ଏକ ଉଜ୍ଜ୍ୱଳ ଅଧ୍ୟାୟ ଭାବରେ ଛିଡ଼ା ହୋଇଛି। ଯାହା ବିଜ୍ଞାନ, ସୀମା ଏବଂ ସମୟର ସୀମା ଅତିକ୍ରମ କରେ ତାଙ୍କର ଯାତ୍ରା କେବଳ ବ୍ୟକ୍ତିଗତ ସାହସ କିମ୍ବା ବୈଷୟିକ ଉତ୍କର୍ଷର ପ୍ରମାଣ ନୁହେଁ; ଏହା ଏକ ରାଷ୍ଟ୍ରର ଆରୋହଣର ଏକ ଶକ୍ତିଶାଳୀ ପ୍ରତୀକ। ଶହ ଶହ ବର୍ଷର ଜ୍ଞାନ, ଯୁବସୁଲଭ ମହତ୍ୱାକାଂକ୍ଷା ଏବଂ ଆବିଷ୍କାରର ନିରନ୍ତର ପ୍ରୟାସ ଦ୍ୱାରା ଇନ୍ଧନ।

ଯେତେବେଳେ ସେ ପୃଥିବୀ ପରିକ୍ରମା କରନ୍ତି, ଶୁକ୍ଲା ତାଙ୍କ ସହିତ ପରୀକ୍ଷଣ କିମ୍ବା ଉପକରଣ ଅପେକ୍ଷା ଅଧିକ ବହନ କରନ୍ତି-ସେ ଅସଂଖ୍ୟ ନାଗରିକଙ୍କ ସ୍ୱପ୍ନ, ବୟସ୍କମାନଙ୍କ ପ୍ରାର୍ଥନା, ପିଲାମାନଙ୍କ ଆକାଂକ୍ଷା ଏବଂ ଏକ ରାଷ୍ଟ୍ରର ଆଶା ବହନ କରନ୍ତି ଯାହା ସର୍ବଦା ଆଶ୍ଚର୍ଯ୍ୟ ସହିତ ଆକାଶକୁ ଚାହିଁଥାଏ ତାଙ୍କର ମିଶନ ମାନବ ଦୃଷ୍ଟିକୋଣ, ଜାତୀୟ ଗର୍ବ ଏବଂ ବିଶ୍ୱସ୍ତରୀୟ ସହଯୋଗ ସଂରକ୍ଷିତ ହେଲେ ଯାହା ସମ୍ଭବ ତାହା ଉପରେ ବିଶ୍ୱାସକୁ ପୁନର୍ବାର ଜାଗ୍ରତ କରେ।

ଏଠାରେ ଉଲ୍ଲେଖ କରିବା ଗୁରୁତ୍ୱପୂର୍ଣ୍ଣ ଯେ ପୃଥିବୀରୁ ଆଇଏସ୍‌ଏସ୍‌ରେ ପହଞ୍ଚିବା ଅତ୍ୟନ୍ତ ବ୍ୟୟବହୁଳ। ଯେପରି ପ୍ରତ୍ୟକ ବ୍ୟକ୍ତିଙ୍କୁ ନିଆଯାଇଛି, ଅର୍ଥାତ ସେହି ଦେଶଗୁଡ଼ିକର ସରକାରମାନେ ବିପୁଳ ପରିମାଣର ଅର୍ଥ ପ୍ରଦାନ କରିଛନ୍ତି। ଗୋଟିଏ ଆସନର ମୂଲ୍ୟ ୫୫୦ କୋଟି ଟଙ୍କା। ଅର୍ଥାତ, ପୃଥିବୀରୁ ଆକାଶ ପର୍ଯ୍ୟନ୍ତ ୪୦୦ କିଲୋମିଟର ଯାତ୍ରା ଯାହାକୁ ମହାକାଶକୁ ଯାଇ ୧୪ ଦିନ ସେଠାରେ ରହିବାକୁ ପଡିବ ଏବଂ ତା'ପରେ ଫେରିବାକୁ ପଡିବ। ଅର୍ଥାତ, ଭାରତ ସରକାର କେବଳ ଗୋଟିଏ ଆସନ ପାଇଁ ଏତେ ଟଙ୍କା ଦେଇଛନ୍ତି। ଭବିଷ୍ୟତରେ, ଯେଉଁ ଦିନ ଇସ୍ରୋ ନିଜକୁ ପଠାଇବ, ଆପଣ କଳ୍ପନା କରିପାରିବେ ଯେ ଆମେ କେତେ ଟଙ୍କା ସଞ୍ଚୟ କରିପାରିବା! ବର୍ତ୍ତମାନ ମହାକାଶ ସୁଟ୍ ଆସେ ଯାହା ମହାକାଶଚାରୀମାନେ ପିନ୍ଧି ମହାକାଶକୁ ଯାଆନ୍ତି, ଏଗୁଡ଼ିକ ହେଉଛି ସ୍ୱତନ୍ତ୍ର ଯାହା ୧୫୦୦ କୋଟି ମୂଲ୍ୟର ଯାହା ଜଣେ ମହାକାଶଚାରୀଙ୍କର ଏଥିରେ ସମସ୍ତ ସୁବିଧା ରହିଛି। ଏହି ସ୍ପେସ୍ ସୁଟ୍ ନିଜ ଭିତରେ ଏକ ସମ୍ପୂର୍ଣ୍ଣ ସ୍ପେସ୍ ସଟଲ୍। ଏହାର ତାପମାତ୍ରା -୧୫୦ ଆଇସି (ଥଣ୍ଡା)ରୁ ୧୨୦ ଆଇସି (ଉତ୍ତାପ) ପର୍ଯ୍ୟନ୍ତ ସହ୍ୟ କରିବାର କ୍ଷମତା ରହିଛି। ଏହା ଏପରି ଭାବରେ ତିଆରି ହୋଇଛି ଯେ ଏଥିରେ ଅଧିକ ଥଣ୍ଡା ଏବଂ ଅଧିକ ଉତ୍ତାପ ସହ୍ୟ କରିବାର କ୍ଷମତା ଅଛି। ଏହା ମହାକାଶରେ ବିକିରଣରୁ ରକ୍ଷା କରିଥାଏ, ଛୋଟ ଛୋଟ ପଥରରୁ ରକ୍ଷା କରିଥାଏ, ଅମ୍ଳଜାନ ଧାରଣ କରିଥାଏ ଏବଂ ଅଙ୍ଗାରକାମ୍ଳ ନିର୍ଗମନ ପାଇଁ ଏକ ପ୍ରଣାଳୀ ରହିଛି। ଏହା ଉଚ୍ଚ ମାନର ସାମଗ୍ରୀରେ ତିଆରି ହୋଇଛି। ଏଥିରେ ଏକ କମ୍ପ୍ୟୁଟର, ପାନୀୟ ଜଳ, ଏକ ରୋଷେଇ ଘର ଏବଂ ଏକ ଅନ୍ତର୍ନିର୍ମିତ ଶୌଚାଳୟ ଅଛି। ସେଥିପାଇଁ ଏହା ଏତେ ମହଙ୍ଗା। ଅର୍ଥାତ ଶୁଭାଂଶୁ ଶୁକ୍ଲାଙ୍କୁ ମହାକାଶରେ ଯିବା ପାଇଁ ଭାରତ ସରକାର ଏତିକି ପଇସା ଖର୍ଚ୍ଚ କରିଛନ୍ତି ଏହା ସହିତ ଶୁକ୍ଲାଙ୍କ ଟ୍ୟାଲେଣ୍ଟ, କେବଳ ପଇସା ହେଲେ ହେବ ନାହିଁ। ସେ ଯାହା ହେଉ, ତାଙ୍କ ଅଭିଯାନକୁ ସମ୍ମାନ ଜଣାଇ, ଆମେ ଏକ ବ୍ୟାପକ ସତ୍ୟକୁ ସମ୍ମାନ ଜଣାଉଛୁ ଯେ ତାରାଗୁଡ଼ିକ ଆଉ ପହଞ୍ଚ ବାହାରେ ନାହିଁ। ସେମାନେ ଆମ ସହଭାଗୀ ଭବିଷ୍ୟତର ଅଂଶବିଶେଷ। ଶୁଭାଂଶୁ ଶୁକ୍ଲା କେବଳ ମହାକାଶ ଯାତ୍ରା କରିନାହାନ୍ତି, ସେ ମହାକାଶକୁ ପୃଥିବୀରେ ଆମ ସମସ୍ତଙ୍କ ନିକଟତର କରିବାରେ ସାହାଯ୍ୟ କରିଛନ୍ତି।

ସୁଜନପୁର, ଯାଜପୁର,
ମୋ-୯୪୩୭୨୮୮୦୨୮

# ନିଆରା ସାହିତ୍ୟ ସାଧକ ଗଗନ ବିହାରୀ ବିଶ୍ୱାଳ



ହିମାଂଶୁ ଶେଖର ଆଚାର୍ଯ୍ୟ

ଗଗନ ବିହାରୀ ବିଶ୍ୱାଳ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ଏତେ ସୁଗୁଣର ଅଧିକାରୀ ହେବା ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ ଜୁଟେ । ଏକାଧାରରେ ସେ ଥିଲେ ପ୍ରଚଣ୍ଡ ସାରସ୍ୱତ ପ୍ରତିଭା, ପ୍ରବୀଣ ଶିକ୍ଷାବିତ୍, ବିଶିଷ୍ଟ ଶିକ୍ଷାପ୍ରଶାସକ ଓ ସର୍ବୋପରି ଦକ୍ଷ ସଂଗଠକ। ଜଣେ ସାହିତ୍ୟିକ ଓ ଶିକ୍ଷାବିତ୍ ହିସାବରେ ସେ ଯେତିକି ଜଣାଶୁଣା ଥିଲେ ତାଠାରୁ ଅଧିକ ପରିଚିତ ଥିଲେ ଜଣେ ଅସାଧାରଣ ସାରସ୍ୱତ ସଂଗଠକ ଭାବେ । ଜନ୍ମ ହୋଇଥିଲେ ବର୍ତ୍ତମାନର ଜଗତସିଂହପୁର ଜିଲ୍ଲା ପଳାଶୋଳ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗୋକଲ ଗ୍ରାମରେ ୧୯୪୨ ମସିହାରେ ରଥଯାତ୍ରା ଦିନ ଓ ଚାଲିଗଲେ ଆରପରିକୁ ୨୦୨୨ ମସିହା ସେପ୍ଟେମ୍ବର ୧୫ ତାରିଖରେ। ଆଜି ହେଉଛି ତାଙ୍କର ୮୩ତମ ଜୟନ୍ତୀ। ସାହିତ୍ୟିକ ଗଗନ ବିହାରୀ ବିଶ୍ୱାଳ ସ୍ମୃତି ପରିଷଦ ପକ୍ଷରୁ ତାଙ୍କ ଜନ୍ମମାଟିରେ ପ୍ରତିଷ୍ଠା ହୋଇଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ ସଭାର ଆୟୋଜନ କରାଯାଉଛି । ଏହା ଖୁସିର କଥା। ଏହି ଅବସରରେ ତାଙ୍କ ବିଷୟରେ ଉତ୍ତରପିଢିକୁ ତାଙ୍କ ସମ୍ପର୍କରେ ଜଣାଇବା ଏହି ଆଲେଖ୍ୟର ମୁଖ୍ୟ ଉଦ୍ଦେଶ୍ୟ। ଆଶା ଓ ବିଶ୍ୱାସ ଉତ୍ତର ପିଢିର ଦାୟଦମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବେ।

ଏ ଅଞ୍ଚଳର ପୂଜ୍ୟପୂଜାର ପ୍ରସାର ଓ ପ୍ରଚାରରେ ଗଗନ ବିଶ୍ୱଳ ଥିଲେ ମୁଖ୍ୟ ପୁରୋଧା। କାଳଜୟୀ ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ, ନାଟ୍ୟାଚାର୍ଯ୍ୟ କବିବାଳକୃଷ୍ଣ ମହାନ୍ତିଙ୍କ ସ୍ମୃତି ପରିଷଦ ଓ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ସ୍ମୃତିରକ୍ଷା ପାଇଁ ତାଙ୍କର ଉଦ୍ୟମ ଅଭୁଲା ହୋଇ ରହିବ। ଏ ଯେଉଁ ଉଦ୍ୟମ ସେ ଆରମ୍ଭ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କର ଉତ୍ତର ଦାୟଦମାନେ ଏହି ପୂଜ୍ୟପୂଜାର ଧାରାକୁ ବଜାୟ ରଖିଚାଲିଛନ୍ତି । ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦର ସଭାପତି, ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତି ସ୍ମୃତି ପରିଷଦର ସମ୍ପାଦକ ଓ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ସ୍ମୃତି ପରିଷଦ ଗଠନ ପଛରେ ତାଙ୍କର ଚିନ୍ତା ଚେତନାର ଅଭିନବ ପରିପ୍ରକାଶ ବୋଲି କହିଲେ ଭୁଲ ହେବନାହିଁ । ପ୍ରକୃତରେ କହିବାକୁ ଗଲେ ଏ ଅଞ୍ଚଳରେ ପୂଜ୍ୟପୂଜାର ନିଆରା ମାର୍ଗଦର୍ଶକ ଓ ପୂଜାରୀ ଥିଲେ ସ୍ୱର୍ଗତ ଗଗନ ବିହାରୀ ବିଶ୍ୱାଳ। ଏକଥା ଯେ କେହି ମୁକ୍ତ କଣ୍ଠରେ ସ୍ୱୀକାର କରିବେ । ବ୍ୟକ୍ତିଗତ ଭାବେ ମୋ ସହିତ ତାଙ୍କ ସମ୍ପର୍କ ଥିଲା ଗୁରୁ ଓ ଶିଷ୍ୟପରି । ବିଶେଷକରି ମୋ ସ୍ତମ୍ଭ ଲେଖା ପଛରେ ତାଙ୍କର ପ୍ରେରଣା ଆଜି ମୋତେ ରାଜ୍ୟରେ ଯେଉଁ ପରିଚୟ ମିଳିଛି ତାହାର ଶ୍ରେୟ ମୁଖ୍ୟତଃ ମୋର ଆଦର୍ଶ ଗୁରୁ ଗଗନ ସାର୍‌ଙ୍କର। ତାଙ୍କ ପାଖରେ ମୁଁ ସବୁଦିନ ପାଇଁ ଋଣୀ ।

ଗଗନ ବିଶ୍ୱାଳଙ୍କ ଶିକ୍ଷକତା ଜୀବନ ଆରମ୍ଭ ହୁଏ ସ୍ଥାନୀୟ ପଳାଶୋଳ ମଧ୍ୟଇଂରାଜୀ ବିଦ୍ୟାଳୟରୁ ୧୯୫୯ ମସିହାରୁ ପରେ ୧୯୬୧ ରୁ ୧୯୭୯ ପର୍ଯ୍ୟନ୍ତ ରଘୁନାଥପୁର ସ୍ଥିତ ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିର ଏବଂ ୧୯୭୯ ରୁ ୧୯୮୦ ନାନପୁର ସ୍ଥିତ ଚିନ୍ତାମଣି ବିଦ୍ୟାପୀଠରେ। ଜଣେ ସଫଳ ଶିକ୍ଷକ ରୂପେ କେବଳ ରଘୁନାଥପୁର ନାନପୁର ଅଞ୍ଚଳରେ ନୁହେଁ ଜଗତସିଂହପୁର ଜିଲ୍ଲା ଏପରିକି ସାରା ରାଜ୍ୟରେ ତାଙ୍କର ସ୍ୱତନ୍ତ୍ର ପରିଚୟ ଥିଲା । ତାଙ୍କ ଶିକ୍ଷାଦାନ ଶୈଳୀ, କର୍ତ୍ତବ୍ୟ ନିଷ୍ଠା ଏବେବି ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ରହିଛି । ଏଥିସହିତ ଜଣେ ନିଆରା ଶିକ୍ଷା ପରିଦର୍ଶକ ଭାବେ ସେ ବେଶ୍ ଜଣାଶୁଣା ଥିଲେ ୧୯୮୦ -୮୧ ସେ କେନ୍ଦ୍ରାପଡାର ମହାକାଳପଡା ବିଜୟନଗର ସର୍କଲ ୧୯୮୧ରୁ ୧୯୮୪ ନାଉଗାଁର ଅଲଣାହାଟ ସର୍କଲ ୧୯୮୪-୧୯୮୮ ଜଗତସିଂହପୁରର ବାଲିକୁଦା ଅନନ୍ତପୁର ସର୍କଲ ୧୯୮୮ରେ ଏରସମାର ସର୍କଲ ୧୯୮୮-୯୮ ଜଗତସିଂହପୁରର ତିର୍ତ୍ତୋଲ ତରଜଙ୍ଗା ସର୍କଲ ୧୯୯୮-୨୦୦୦ ରଘୁନାଥପୁରର ରଘୁନାଥପୁର ସର୍କଲରେ ପରିଦର୍ଶକ ଭାବେ କାର୍ଯ୍ୟକରି ନିଜର କାର୍ଯ୍ୟଦକ୍ଷତାର ପ୍ରମାଣ ଦେଇଯାଇଛନ୍ତି । ଏକଥା ଏସବୁ ଅଞ୍ଚଳରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ତାଙ୍କର ଅଶେଷ ପ୍ରଶଂସା କରନ୍ତି । ବାସ୍ତବରେ ଏତେସବୁ ଗୁଣ ଥାଇ ମଧ୍ୟ ତାଙ୍କ ପାଖରେ ଟିକିଏ ଅହଂକାର ନଥିଲା । ନମ୍ରତା ଥିଲା ତାଙ୍କ ବ୍ୟକ୍ତିତ୍ୱର ବଡ ବିଶେଷତ୍ୱ । ଏଥରପାଇଁ ତାଙ୍କୁ ପ୍ରଜ୍ଞାପୁରୁଷ ଭାବେ ବିବେଚନା କରାଯାଏ । ଯିଏ ବିଦ୍ୟାର୍ଥୀମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେଇଛନ୍ତି ଓ ଶିକ୍ଷକ ସମାଜକୁ ଦିଗ୍‌ଦର୍ଶନ ଦେଇଯାଇଛନ୍ତି । ତାଙ୍କର ସୁକୁତ୍ରରୁ ତାଙ୍କର କନ୍ୟା ଦିପ୍ତିମୟୀ ଶିକ୍ଷୟିତ୍ରୀ ପ୍ରଦିପ୍ତ ସାମ୍ବାଦିକ, ମୋନାଲିସା ଆକଶବାଣୀ ପ୍ରଦ୍ୟୁମ୍ନ , ମଧୁସ୍ମିତା, ମନସ୍ୱିନୀ ଘୋଷିକା ଭାବେ ନିଜେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି । ସେହିପରି ତାଙ୍କର ଜ୍ୱାଇଁମାନେ ମଧ୍ୟ ଉଚ୍ଚ ପଦପଦବୀରେ କାର୍ଯ୍ୟରତ ଅଛନ୍ତି । ତନ୍ମଧ୍ୟରୁ ତାଙ୍କ ଜ୍ୱାଇଁ ଅକ୍ଷୟ ମହାନ୍ତି, (କାଳିଆସାର୍) ରଘୁନାଥପୁର ସ୍ଥିତ ସାଦେଇପୁର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଭାବେ ନିଜର ପରିଚୟ ପ୍ରମାଣିତ କରିଛନ୍ତି। ଗଗନ ବିହାରୀ ବିଶ୍ୱାଳ ସ୍ମୃତି ପରିଷଦର ସମ୍ପାଦକ ମଧ୍ୟ ସେ ।

ଶିକ୍ଷକତା ଓ ପୂଜ୍ୟପୂଜାର ଜୀବନ ଭିତରେ ଗଗନ ବିହାରୀ ବିଶ୍ୱାଳଙ୍କ ସାହିତ୍ୟ ସାଧନା ସ୍ଥିର ହୋଇନଥିଲା। ତାଙ୍କର ପେଶା ଥିଲା ଶିକ୍ଷକତା ଓ ନିଶା ଥିଲା ସାହିତ୍ୟ ସାଧନା। ସାହିତ୍ୟର ବିଭିନ୍ନ ବିଭାଗରେ ସେ ଲେଖନୀ ଚାଳନା କରି ନିଜ ପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରିଯାଇଛନ୍ତି ଯାହା ତାଙ୍କ ସୃଷ୍ଟି ସମ୍ଭାରରୁ ବେଶ୍ ବାରି ହୋଇପଡେ। ଏପରିକି ବିଭିନ୍ନ ପତ୍ର ପତ୍ରିକାରେ ଅନେକ ଉପାଦେୟ ପ୍ରବନ୍ଧ ଲେଖି ସେ ଅନେକ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କ ରଚିତ ପ୍ରବନ୍ଧ ଚନ୍ଦ୍ରଭାଗା ଆଲୋଚନା ସମ୍ପର୍କରେ ପଦେ, ପଞ୍ଚସଖା, ପାଞ୍ଚଶାଖା, ତସ୍ମୈଶ୍ରୀ ଗୁରବେ ନମଃ ଓଲଟବୃକ୍ଷେ ଖେଳୁଛି ଲୋଟଣୀ ପାରା ଅଗମ୍ୟ ଭାବ ଜାଣେ ଯଶୋବନ୍ତ, ଜଗତସିଂପୁରରେ ବଳଦେବ ଉପାସନା, ନାଟ୍ୟାଚାର୍ଯ୍ୟ କବିବାଳକୃଷ୍ଣ, ସ୍ମୃତିର ଡାଏରୀରୁ , ମହାବାତ୍ୟ ୧୯୯୯, ହେ ପୁଣ୍ୟାତ୍ମା ଆଉ ଥରେ କର ଅବତରଣ । ଉଠଜାଗ , ଜଗତସିଂହପୁର ଜିଲ୍ଲାରେ ଜ୍ୟୋତିଷ ଚର୍ଚ୍ଚା ଲୋକନାଟ୍ୟରୁ ଗଣନାଟ୍ୟ ଇତ୍ୟାଦି ତାଙ୍କ ସାହିତ୍ୟିକ ଭାବେ ତାଙ୍କ କୃତି ଓ କୃତିତ୍ୱର କଥା କହେ। ସେହିପରି ତାଙ୍କ ପ୍ରକାଶିତ ଗଳ୍ପ ସକଳତୀର୍ଥ ତୋ ଚରଣେ ଚକ୍ରର କରାମତି ସମ୍ରାଟ ପେଣ୍ଡୁଫୁଲ ପ୍ରଭୃତି ସୃଷ୍ଟି ସମ୍ଭାର ତାଙ୍କୁ ଜଣେ ଗଳ୍ପିକ ଭାବେ ସ୍ୱୀକୃତି ଦେଇଛି। ଏହା ଅନସ୍ୱୀକାର୍ଯ୍ୟ । ଏପରିକି ଅଭିନୟ ଓ ନିର୍ଦ୍ଦେଶନା କ୍ଷେତ୍ରରେ ସେ ମାହିର ଥିଲେ। ତାଙ୍କର ନିର୍ଦ୍ଦେଶନା ଯେତିକି ବଳିଷ୍ଠ ଥିଲା ଅଭିନୟ ମଧ୍ୟ ସେତିକି ଚମ୍ତ୍କାର ଥିଲା।। ଗରୁଡ- ମାତୃମୁକ୍ତି, ସୁମନ୍ୟୁ-ଅର୍କତୀର୍ଥ, କର୍ଣ୍ଣ-କର୍ଣ୍ଣାର୍ଜୁନ, ହରିଶ୍ଚନ୍ଦ୍ର-ଦାନବୀର, ଶ୍ରୀରାମ-ରାମରାଜ୍ୟ, ଚନ୍ଦ୍ରଗୁପ୍ତ-ଚନ୍ଦ୍ରଗୁପ୍ତ ଏହାର ଗୋଟିଏ ଗୋଟିଏ ନମୁନା।

ଜନ୍ମ ଥିଲେ ମୃତ୍ୟୁ ଅଛି । ଏହାହିଁ ଚିରନ୍ତନ ସତ୍ୟ। ଏହାକୁ ଏଡାଇ ହେବ ନାହିଁ । ଏପରିକି ଦେବତା ମାନେ ଏଠି ଜନ୍ମ ନେଲେ ତାଙ୍କୁ ବି ମରିବାକୁ ପଡିଥାଏ। ସେଥିପାଇଁ କୁହାଯାଏ- 'ମଣିଷ ମରିବ ଦିନେ ଜନ୍ମ ହେଲେ ଦେବତା ବି ମରେ, ସାର୍ଥକ ମରଣ ତାର ଯାହା ପାଇଁ ମାଟି ଗୋଡି ଝୁରେ'। ସୁଗୁଣ ଓ ସୁକର୍ମ ହିଁ ମଣିଷକୁ କାଳଜୟୀ କରିଥାଏ ।

ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର, ମୋ - ୯୩୩୭୨୨୧୯୨୪

# ମହାଜ୍ୟୋତିମୟ ଚକ୍ରନାରାୟଣ ନୀଳଚକ୍ର



ସୌର ଚନ୍ଦ୍ର ମହାପାତ୍ର

ନୀଳଚକ୍ର, ନୀଳଗିରି, ନୀଳଶୈଳ, ନୀଳକନ୍ଦର, ନୀଳସିନ୍ଧୁ ଆଦି ଦେବତା ନୀଳମାଧବ ସବୁ ନୀଳ ପୁଣ୍ୟ ନୀଳାଚଳ ଧାମରେ ଜଗତର ନାଥ ଜଗନ୍ନାଥଙ୍କ ପ୍ରତୀକ। ନୀଳଚକ୍ର ପ୍ରକାରାନ୍ତ ଦେବାୟୁଧ ସୁଦର୍ଶନ। ନୀଳଚକ୍ର ପତିତପାବନ ବାନାର ଧାରକ। ନୀଳଚକ୍ର ହିଁ ଚକ୍ର ନାରାୟଣ। ଭକ୍ତ ଓ ଭଗବାନଙ୍କ ମିଳନର ସୂତ୍ରଧର ଭାବେ ଶ୍ରୀଜଗନ୍ନାଥ ସଂସ୍କୃତିରେ ନୀଳଚକ୍ରର ଏକ ବିଶେଷ ସ୍ଥାନ ରହିଛି। ପୁରୁଷୋତ୍ତମ କ୍ଷେତ୍ରକୁ ଆସୁଥିବା ଅଗଣିତ ଭକ୍ତମାନେ ବହୁ ଦୂରରୁ ସର୍ବ ପ୍ରଥମେ ମନ୍ଦିର ଚୂଡ଼ାରୁ ନୀଳଚକ୍ରଙ୍କୁ ଦେଖି ଭକ୍ତିପୂର୍ଣ୍ଣ ନୈବେଦ୍ୟ ଅର୍ପଣ କରି ପ୍ରଭୁଙ୍କ ଦର୍ଶନ ସୁଖ ପାଇଥାନ୍ତି। ରତ୍ନ ସିଂହାସନ ଉପରେ ଆସୀନ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ପୂର୍ବରୁ ଭକ୍ତଗଣ ପ୍ରଥମେ ଚକ୍ରରାଜଙ୍କୁ ନିଜ ନିଜର ଭକ୍ତି ଅର୍ଘ୍ୟ ଅର୍ପଣ କରିଥାନ୍ତି।

ସନ୍ଥ କବି କବୀର ଦାସ ଶ୍ରୀମନ୍ଦିର ଶୀର୍ଷରେ ନୀଳଚକ୍ର ଓ ପତିତପାବନ ବାନାକୁ ଦେଖି ଆନନ୍ଦରେ ବିଭୋର ହୋଇ ଗାଇ ଉଠିଥିଲେ, ଚକ୍ର ଉପର ଧ୍ୱଜ ଫହରେ, ମାଥ ସୋହତ ହୀରା ହରି ଆଗେ ଦାସ ନାଚେ, କହତ ଦାସ କବୀର। ଶ୍ରୀଜଗନ୍ନାଥଙ୍କ ଶକ୍ତି ଓ ସାମର୍ଥ୍ୟର ପ୍ରତୀକ ଚକ୍ରରାଜ। ଋକବେଦ ଚକ୍ରକୁ ଚିତ୍ରିତ କରେ ସୂର୍ଯ୍ୟ ଓ ସମୟ ଭାବରେ। ଚକ୍ରର ଆଦି ନାହିଁ, ଅନ୍ତ ନାହିଁ ଏବଂ ଏହାର ମୂଲ୍ୟ ଅପରିସୀମା। ଏହା ଅନ୍ତଃ କରଣର ଏକ ଉଚ୍ଛାସ, ପୂର୍ଣ୍ଣତାର ପ୍ରତିବିମ୍ବ, କ୍ରମନ୍ୱୟର ଧାରା ଓ ପ୍ରଗତିର ସଂକେତ।

ନୀଳଚକ୍ର ବିଷ୍ଣୁଙ୍କର, ବାସୁଦେବଙ୍କର ଓ ଜଗନ୍ନାଥଙ୍କର ଆୟୁଧ ରୂପେ ଗ୍ରହଣ କରାଯାଏ। ଶ୍ରୀମନ୍ଦିରର ଚୂଡ଼ା ଉପରେ ନୀଳଚକ୍ର ଅଛି। ନୀଳାମ୍ବରଧର-ବିଷ୍ଣୁ ବା ନୀଳକାନ୍ତି ବିଗ୍ରହଙ୍କର ଚକ୍ର ମଧ୍ୟ ନୀଳ ଅଟେ। ଶାସନକାଳକୁ ଉତ୍ତମ ରୂପେ ଘୁରାଇ ପାରିଲେ ବା ପରିଚାଳନା କଲେ, ସ୍ୱୟଂ ବିଷ୍ଣୁ ସନ୍ତୁଷ୍ଟ ହୁଅନ୍ତି। ଏଣୁ ଶାସ୍ତ୍ର କହନ୍ତି - 'ଚକ୍ରସେବ୍ୟଂ ନୃପସେବ୍ୟଂ ନ ସେବ୍ୟଂ ନୃପକେବଳମ୍।' ନୀଳଚକ୍ର ଉପରେ ପତାକା ବା ବାନା ବା ଧ୍ୱଜ ଉଡୁଛି। ପଶମ ବା ପାଟବସ୍ତ୍ରର କନାକୁ ଭିତର ପୋଖରିଆ ପାଦୁକ କୁଣ୍ଡରେ ବୁଡ଼ାଇ ଯାତ୍ରୀମାନେ ଶ୍ରୀଜଗନ୍ନାଥଙ୍କ ଠାରେ ଅର୍ପଣ କରନ୍ତି ଓ ଉକ୍ତ ଦାନା ମହୋଦଧି ଆଡ଼କୁ ଉଡାଇବାର ନିୟମ ଅଛି। ନୀଳଚକ୍ରକୁ ଦର୍ଶନ କଲାମାତ୍ରେ, ବିପଦରୁ ରକ୍ଷାମିଳେ ଓ ମୁକ୍ତିଲାଭ ହୁଏ। ନୀଳଚକ୍ରକୁ 'ଉହାଡ଼' ବା ରକ୍ଷାକବଚ ମଧ୍ୟ କୁହନ୍ତି।

ନୀଳଚକ୍ରଙ୍କର ଏକ ବିଶେଷତ୍ୱ ହେଉଛି ଦିନର ବିଭିନ୍ନ ସମୟରେ ଏହାଙ୍କର ରଙ୍ଗର ପରିବର୍ତ୍ତନ। ପ୍ରାତଃ କାଳରେ ସୂର୍ଯ୍ୟୋଦୟ ସମୟରେ ଏହାଙ୍କର ବର୍ଣ୍ଣ ଶ୍ୱେତ ହେବାବେଳେ ଦିବସର ଅଗ୍ରଗତି ସହିତ ଏହା କ୍ରମଶଃ ଅଧିକରୁ ଅଧିକ ନୀଳବର୍ଣ୍ଣ ହୋଇ ସୂର୍ଯ୍ୟାସ୍ତ ସମୟକୁ ଆକାଶର ଲୋହିତ ରଙ୍ଗ ନୀଳଚକ୍ରର ଗାଢ଼ ନୀଳ ରଙ୍ଗ ସହ ମିଶି ଅନିର୍ବଚନୀୟ ଶୋଭା ଧାରଣ କରେ। ନୀଳଚକ୍ରରେ ସଂଯୁକ୍ତ ପତାକାକୁ ପତିତପାବନ ବାନା କୁହାଯାଇଥାଏ। ଏହାର ପ୍ରତୀକାତ୍ମକ ଅର୍ଥ ହେଉଛି ପତିତ ଜନଗଣଙ୍କୁ ଉଦ୍ଧାର କରିବା ପାଇଁ ଶ୍ରୀଜଗନ୍ନାଥ ଚେତନା ଏହା ବାହ୍ୟ ପରିପ୍ରକାଶ। ଏହି ବାନା ପ୍ରତିଦିନ ସନ୍ଧ୍ୟାରେ ପରିବର୍ତ୍ତିତ ହୋଇଥାଏ। ବର୍ତ୍ତମାନ ସମୟରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ପରାମର୍ଶ ଅନୁସାରେ ନୀଳଚକ୍ର ଓ ମନ୍ଦିର ଶୀର୍ଷଭାଗର ସୁରକ୍ଷା ଦୃଷ୍ଟିରୁ ବାନାର ଦୈର୍ଘ୍ୟ ୧୪ ଫୁଟରୁ ଅଧିକ ହେଉନାହିଁ।

ଶ୍ରୀଜଗନ୍ନାଥ ସଂସ୍କୃତିର ବହୁମୁଖୀ ବିଚାରଧାରାକୁ ଦର୍ଶାଉଥିବା ସାମ୍ୟ, ମୈତ୍ରୀ, ସଂହତିର ପ୍ରତୀକ ପତିତପାବନ ବାନା ଏବଂ ମହାଜ୍ୟୋତିମୟ ଚକ୍ରନାରାୟଣ ନୀଳଚକ୍ର ଆଜି ମଧ୍ୟ ପତିତ ଜନତା ଏବଂ ପରଂବ୍ରହ୍ମଙ୍କ ମଧ୍ୟରେ ସଂଯୋଗର ସେତୁ ରୂପରେ ଶ୍ରୀପୁରୁଷୋତ୍ତମ ଧାମରେ ଆକର୍ଷଣ କେନ୍ଦ୍ରବିନ୍ଦୁ ହୋଇ ରହିଛନ୍ତି। ସ୍ୱାଭିମାନ ଓ ଗୌରବର ପ୍ରତୀକ, ସାହାସ ଓ ବୀରତ୍ୱର ପ୍ରତୀକ, ଭକ୍ତି ଓ ସମର୍ପଣର ପ୍ରତୀକ, ଶୌର୍ଯ୍ୟ ଓ ବୀର୍ଯ୍ୟର ପ୍ରତୀକ, ପ୍ରୀତି ଓ ମୈତ୍ରୀର ପ୍ରତୀକ, ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣତାର ପ୍ରତୀକ, ଦୁଷ୍ଟ ବିନାଶନ ଓ ପାପ ସଂହାରଣର ପ୍ରତୀକ ଏବଂ ସର୍ବୋପରି ଜଗତର ନାଥ ଜଗନ୍ନାଥ ଦର୍ଶନର ପରିପୂର୍ଣ୍ଣତାର ପ୍ରତୀକ ଶ୍ରୀନୀଳଚକ୍ର। ଶ୍ରୀଜଗନ୍ନାଥଙ୍କ ପ୍ରିୟ ନୀଳଚକ୍ର ପତିତପାବନ ବାନା ଦର୍ଶନରେ ହିଁ ପରମ ତୃପ୍ତି ଓ ଶାନ୍ତି ମିଳେ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,
ଇମେଲ : soura999mohapatra@gmail.com

# ଖାଦ୍ୟ ଯୋଗାଣ ଓ ଖାଉଟି ସୁରକ୍ଷା ମନ୍ତ୍ରୀଙ୍କ ଦ୍ୱାରା ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ

**ଧର୍ମଶାଳା,(ହି.ସ.):** ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ଷ୍ଟାଡିୟମ ହଲରେ ଆଜି ରାସନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଉଦ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି ସୁରକ୍ଷା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ରାସନ କାର୍ଡ ବଣ୍ଟନ କରିଥିଲେ। ଅଜି ମନ୍ତ୍ରୀଙ୍କ ଦ୍ୱାରା ଧର୍ମଶାଳା ବ୍ଲକ ଅଞ୍ଚଳର ୧୪୫ ଜଣ ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ରାସନ କାର୍ଡ ବଣ୍ଟନ କରାଯାଇଛି । ଧର୍ମଶାଳା ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଜ୍ୟୋତିର୍ମୟ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାସନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ଯାଜପୁର ସାଂସଦ ରବିନ୍ଦ୍ର ନାରାୟଣ ବେହେରା,ବିଧାୟକ ହିମାଂଶୁ ଶେଖର ସାହୁ, ଯାଜପୁର ପିଡି ଅଶୋକ କୁମାର ବେହୁରା, ବିଜେପି ଜିଲ୍ଲା ସଭାପତି ଦେବଜାନୀ ପ୍ରଧାନ ପ୍ରମୁଖ ଯୋଗଦେଇ ସରକାରଙ୍କ ନିତି ଓ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଧର୍ମଶାଳା ବ୍ଲକରେ ଅବେଦନ କରିଥିବା ୭୦୦ ପରିବାରଙ୍କୁ ରାସନ କାର୍ଡ ପ୍ରଦାନ ଲାଗି ସ୍ଥିର କରାଯାଇଛି । ଅଜି ପ୍ରଥମ ପର୍ଯ୍ୟାୟରେ ୧୪୫ଜଣ ହିତାଧିକାରୀଙ୍କୁ ମନ୍ତ୍ରୀଙ୍କ ଦ୍ୱାରା କାର୍ଡ ବଣ୍ଟନ କରାଯାଇଥିବା ବେଳେ ପରବର୍ତୀ ପର୍ଯ୍ୟାୟରେ ଅନ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରାଯିବ ବୋଲି ମଣ୍ଡଳ ଉନ୍ନୟନ ଅଧିକାରୀ କହିଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ବିଜେପି ନେତା ଚନ୍ଦ୍ରମଣି ପଣ୍ଡିତ ସଞ୍ଚାଳନ କରିଥିବା ବେଳେ ପୂର୍ବତନ ବିଜେପି ଜିଲ୍ଲା ସଭାପତି ଗୌତମ ରାୟ, ବରୀ ବିଜେପି ବିଧାୟକ ପ୍ରାର୍ଥୀ ଉମେଶ ଜେନା, ବିଜେପି ନେତା କାହ୍ନୁ ଚରଣ ଦାସ ସମେତ ଶହ ଶହ ସଂଖ୍ୟାରେ ବିଜେପି କାର୍ଯ୍ୟକର୍ତା ଯୋଗଦେଇଥିଲେ।

# କାଦୁଅ ପଚପଚ୍‌ରେ ବଇଣ୍ଡା ଛକ ବେହାଲ

**ଆଠମଲ୍ଲିକ,(ଡିକେ ନ୍ୟୁଜ୍):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ କିଶୋର ନଗର ବ୍ଲକ ଅନ୍ତର୍ଗତ ବଇଣ୍ଡା ଛକ ଠାରେ ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ପ୍ରାୟ ୧ କିଲୋମିଟର ବ୍ୟାପୀ ରାସ୍ତାର ଅବସ୍ଥା ଅତି ଶୋଚନୀୟ ଅବସ୍ଥାରେ ଦେଖିବାକୁ ମିଳିଛି ଯାହା ବର୍ଷାରେ କାଦୁଅ ପଚ ପଚ୍ ହୋଇଯାଇଛି। ଯା ଫଳରେ ଉକ୍ତ ରାସ୍ତାରେ ଦୁଇ ଚକିଆ ଗାଡ଼ି ଠାରୁ ଭାରି ଯାନ ପର୍ଯ୍ୟନ୍ତ ଯିବା ଆସିବା ବହୁ ଅସୁବିଧା ଦେଖାଦେଉଥିବା ଫଳରେ ସାଧାରଣ ଲୋକଙ୍କ ଅବସ୍ଥା କହିଲେ ନସରେ। ସୂଚନା ନେବାରେ ଜଣାଯାଏ କି ଦୀର୍ଘ ବର୍ଷ ହେବ ୫୫ ଜାତୀୟ ରାଜପଥରେ କାର୍ଯ୍ୟ କରୁଥିବା ଏଆଇପିଏଲ ଠିକା ସଂସ୍ଥା ଆପ୍ରଚ ରୋଡ କରିବା ପାଇଁ ଏକ ମାସ ପୂର୍ବରୁ ଖୋଳି ଦେଇ ମଉନ ଅବସ୍ଥାରେ ରହି ରାସ୍ତା ଓ ଡ୍ରେନକୁ କାର୍ଯ୍ୟ ନ କରିବା ଫଳରେ ଲଘୁଚାପ ଜନିତ ବର୍ଷାରେ ବଇଣ୍ଡାର ସମସ୍ତ ରାସ୍ତା କାଦୁଅରେ ପରିପୂର୍ଣ୍ଣ ହୋଇଥିବାରୁ ସଧାରଣ ଲୋକେ ଦୈନନ୍ଦିନ କାର୍ଯ୍ୟରେ ଯିବା ଆସିବାରେ ସମସ୍ୟା ସୃଷ୍ଟି ହେଉଛି। ସାପ୍ତାହିକ ହାଟ ଥିବାରୁ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା। ଉଠା ଦୋକାନୀ ପରିବା ବିକାଳୀଙ୍କ କବଳରେ ଫ୍ଲାଏ ଓଭର ବ୍ରିଜର ଗୋଟିଏ ପାର୍ଶ୍ୱରେ ବସୁ ଥିବାରୁ ସ୍ଥାନଟି ସଙ୍କୁଚିତ ହେବା ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଗଲା ବେଳକୁ ବିଭିନ୍ନ ପ୍ରକାର ସମସ୍ୟା ସହିତ ବିନା ପୋଲିସରେ ରାସ୍ତା ପାର ହେଉଛନ୍ତି। ସାପ୍ତାହିକ ହାଟ ଅବସ୍ଥା ଅବର୍ଣ୍ଣନୀୟ ଅବସ୍ଥାରେ ପଡ଼ିରହିଛି । ବର୍ଷା ହେଲେ କାହାରି ଦୃଷ୍ଟି ପଡେନାହିଁ। ନା ପ୍ରଶାସନ ନା ପଞ୍ଚାୟତର। ହେଲେ ବିକ୍ରେତାଙ୍କ ଠାରୁ ଟିକେଟ ଦେଇ ଟଙ୍କା ଆଦାୟ କରାଯାଉଛି। ଲୋକେ କାଦୁଅରେ ପଶି ମାର୍କେଟ କରୁଥିବା ବେଳେ କୌଣସି ଦିନ ଡଷ୍ଟବ୍ରିପ ଏ ବିଛାଯାଉ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ ଜଣାଇଛନ୍ତି। ଯଥା ଶୀଘ୍ର ପ୍ରଶାସନ ବିଭାଗ ଦୃଷ୍ଟି ଦେଇ ଏଆଇପିଏଲ ଠିକା ସଂସ୍ଥା ଅଧୀନରେ ଥିବା ଆପ୍ରୋଚ ରୋଡ ଯୁଦ୍ଧ କାଳୀନ ଭିତିରେ କାର୍ଯ୍ୟ କରିବାକୁ ତାଗିଦ୍ କଲେ ବଇଣ୍ଡା ଛକ ତଥା ଜନ ସାଧାରଣ ଆଶ୍ୱସ୍ତି ପାଇବେ ବୋଲି ଆଶା ପ୍ରକଟ କରାଯାଉଛି। ଯଦି ଏଥିରେ ପ୍ରଶାସନିକ ବିଭାଗ ଅବହେଳା ପ୍ରଦର୍ଶନ କରନ୍ତୁ ତାହେଲେ ଆଗାମୀ ଦିନରେ ଲୁହା ମୁଣ୍ଡା, ଜାମୁ ନାଳି ଓ ଗାଁ ବଇଣ୍ଡା ଅଞ୍ଚଳବାସୀ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଗଣ ମାଧ୍ୟମ ଜରିଆରେ ଚେତାବନୀ ଦେଇଛନ୍ତି।



# ପାରାଦୀପ ମହାବିଦ୍ୟାଳୟ ଏନସିସି କ୍ୟାଡେଟ୍ ଓ ପୁରାତନ ଛାତ୍ର ସଂଘ ପକ୍ଷରୁ ସ୍ୱଚ୍ଛତା ଅଭିଯାନ



**ପାରାଦୀପ,(ଡିକେ ନ୍ୟୁଜ୍):** ପାରାଦୀପ ମହାବିଦ୍ୟାଳୟ ଏନ୍‌ସିସି କ୍ୟାଡେଟ ଓ ଏନ୍‌ସିସି ପୁରାତନ ଛାତ୍ର ସଂଘ ପକ୍ଷରୁ ମାଉସି ମା' ମନ୍ଦିର ନିକଟସ୍ଥ ଅଞ୍ଚଳରେ ୫୧ତମ ସ୍ୱଚ୍ଛତା ଅଭିଯାନ ରବିବାର ଦିନ ସକାଳେ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ କମାଣ୍ଡର ସୁଶାନ୍ତ କୁମାର ମହାନ୍ତି, ଏନ୍‌ସିସିର ୩ ଓଡିଶା ନାଭାଲ୍ ୟୁନିଟ କମାଣ୍ଡିଂ ଅଫିସର, ଯିଏ ପାରାଦୀପର ଏନ୍‌ସିସି କ୍ୟାଡେଟ୍ ଓ ପୁରାତନ ଛାତ୍ରମାନଙ୍କର ସମର୍ପଣ ଓ ସେବାଭାବକୁ ପ୍ରଶଂସା କଲେ। ସେ ଜନସଚେତନତା ଓ ଜନ ଉପକାରିତାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଅଭିଯାନ ସମୟରେ ମାଉସି ମା' ମନ୍ଦିର ପ୍ରାଙ୍ଗଣ ଓ ପୋଖରୀକୁ ପ୍ଲାଷ୍ଟିକ ବସ୍ତା ଓ ଆବର୍ଜନା ସଫା କରାଯାଇଥିଲା। ପୁରାତନ ଛାତ୍ର ସଂଘର ଅଧ୍ୟକ୍ଷ ଅମ୍ବିକା ପ୍ରସାଦ ମହାପାତ୍ର ସାଧାରଣ ଲୋକଙ୍କୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର କରିବାରୁ ବଞ୍ଚିବା ରହିବା ଓ ପାରାଦୀପ ପୌରପାଳିକା ପ୍ରଦତ୍ତ ଡଷ୍ଟବିନ ବ୍ୟବହାର କରିବା ପାଇଁ ଅନୁରୋଧ କରିଥିଲେ। ଲେଫ୍ଟନାଣ୍ଟ କମାଣ୍ଡର ଏ. ସି. ମିଶ୍ର, ଏନ୍‌ଓ ଓ ପରାମର୍ଶଦାତା ଏନସିସି ଓ ଆଲୁମନି ଆସୋସିଏସନ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରି ନେସନ୍ ଫାର୍ଷ୍ଟ, ସ୍ୱଚ୍ଛତା ହି ସେବା ମନ୍ତ୍ରକୁ ପୁନଃଦୃଢ଼ କରିଥିଲେ। ଏଥିରେ ପ୍ରାୟ ୪୦ ଜଣ ଏନ୍‌ସିସି କ୍ୟାଡେଟ୍ ଓ ୧୫ ଜଣ ପୁରାତନ ଛାତ୍ର ସଂଘ ସଦସ୍ୟ ଉତ୍ସାହିତ ଭାବେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ସଂଘର ଉପାଧ୍ୟକ୍ଷ ବିକ୍ରମସିଂହ ମହାରଣା, ସହ ସମ୍ପାଦକ ନିଳିମା ପ୍ରିୟଦର୍ଶିନୀ, କାର୍ଯ୍ୟକାରିଣୀ ସଦସ୍ୟ ହରପ୍ରିୟା ପଟ୍ଟନାୟକ, ଲିପୁନା ବାରିକ, ଜିତେନ୍ଦ୍ର ବାରିକ, ସରୋଜ ସ୍ୱାଇଁ, ରାଜା ମଲିକ, ଦୀପକ କରଣ, ମଧୁସ୍ମିତା, ସୁଚରିତା ରାଉତ, ଅରୁଣିମା ଓ ଏନସିସି କ୍ୟାଡେଟ୍ ପିଙ୍କୁନ୍ ସେନାପତି, ବିନାୟକ ମହାରଣା, ବିଜୟ ଘଡେଇ, ସୁମିତ୍ରା ଗେଡି, ସୁଭଲକ୍ଷ୍ମୀ ବିଶ୍ୱାଳ, କାହ୍ନା ବିଶ୍ୱାଳ ଓ ରାହୁଲ ପ୍ରମୁଖ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସକ୍ରିୟା ଅଂଶଗ୍ରହଣ କରିଥିଲେ। ତେବେ ଚଳିତ ରଥ ଯାତ୍ରାରେ ପାରାଦୀପରେ ପ୍ରଥମ ଥର ପାଇଁ ପ୍ରବଳ ଜନଗହଳି ଦେଖିବାକୁ ମିଳିଥିବା ବେଳେ ସେହି ଅନୁପାତରେ ବହୁ ଅଳିଆ ଆବର୍ଜନା ବିକ୍ଷିପ୍ତ ଅବସ୍ଥାରେ ପଡି ପରିବେଶ ଦୂଷିତ କରୁଥିବା ଦେଖିବାକୁ ମିଳିଥିଲା। ଯଦିଓ ସେହି ସ୍ଥାନ ସବୁକୁ ପୌର ପ୍ରଶାସନ ପକ୍ଷରୁ ସଫେଇ କରାଯାଉଥିବା ବେଳେ ସେମାନଙ୍କୁ ସହଯୋଗ କରିବା ଉଦ୍ଦେଶ୍ୟରେ ଏନସିସି ଓ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ନେଇ କହିଛନ୍ତି ଏନସିସି ପୁରାତନ ଛାତ୍ର ସଂଘର ଅଧ୍ୟକ୍ଷ ଅମ୍ବିକା ମହାପାତ୍ର।

# ବିପଦ ସଙ୍କୁଳ ଅବସ୍ଥାରେ କୋଠି ଯୋରର ପୋଲ

**ବଲାଙ୍ଗୀର,(ହି.ସ.):** ବଲାଙ୍ଗୀର ଜିଲ୍ଲା ଆଗଲପୁର (ଡୁଡୁକା ) ବ୍ଲକ ସାଲେଭଟା – କୁଟାସିଂହା ରାସ୍ତାର ହରଭଙ୍ଗା – ଡୁଙ୍ଗୁରିପାଲି ମଧ୍ୟରେ ପ୍ରବାହିତ କୋଠିଯୋର ଉପରେ ନବନିର୍ମିତ ସେତୁ ଦବି ଯାଇ ବଡ଼ ଗର୍ତସୃଷ୍ଟି ହୋଇଛି। ଫଳରେ ଯାତାଜାତ ଠପ ହୋଇଯାଇଥିଲା। ୪ କୋଟି ଟଙ୍କା ବ୍ୟୟ ରେନିର୍ମିତ ୬୫. ୨୫ ମିଟର ର ଏ ସେତୁ ନିମ୍ନମାନର କାମ ହୋଇଥିବା ଅଭିଯୋଗ ହୋଇଛି । ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ସେତୁ କାମ ନିହାତି ନିମ୍ନମାନର ହୋଇଥିବା ସ୍ଥାନୀୟ ଡୁଙ୍ଗୁରିପାଲି ଗ୍ରାମବାସୀ କହିଛନ୍ତି। ଏହି ସେତୁ ଦେଇ ଜିଲ୍ଲା ମୁଖ୍ୟାଳୟ ବ୍ଲକ, ଡାକ୍ତରଖାନା, ସ୍କୁଲ କଲେଜ ତଥା ଦୈନନ୍ଦିନ କାର୍ଯ୍ୟରେ ଅଞ୍ଚଳବାସୀ ନିର୍ଭର କରିଥାନ୍ତି। ଆଜି ବସ ଏଠାରେ ଅଟକି ଯିବାରୁ ଯାତ୍ରୀ ମାନେ ନାହିଁନଥିବା ଅସୁବିଧା ର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି। ସେତୁ ଉପରେ ଯାନବାହାନ ଚଳାଚଳରେ ବିପଦ ଥିବାରୁ ସ୍ଥାନୀୟ ଲୋକେ ପୁଲିସ କୁ ରାସ୍ତା ସିଲ କରିବାକୁ ସୂଚନା ଦେଇଥିଲେ। ପରେ ଲୋଇସିଂହା ଆଇଆଇସି ଯାଜ୍ଞସେନୀ ନାୟକ ଓ ସାଲେଭଟା ଫାଣ୍ଡି ଅଧିକାରୀ ଚିତ୍ରସେନ ସାହୁ ଘଟଣାସ୍ଥଳକୁ ଆସି ଯାଞ୍ଚ କରିଥିଲେ। ସେତୁର ଉଭୟ ପାର୍ଶ୍ୱ ଦାବିଯାଇ ବଡ଼ ବଡ଼ ଫାଟ ସୃଷ୍ଟି ହେବା ପରେ କାର୍ଯ୍ୟାନୁଷ୍ଠାନ ଏଡାଇବା ତଥା ଗଣମାଧ୍ୟମ ଆଖିରୁ ଖସିବା ପାଇଁ ଠିକା ସଂସ୍ଥା ମେଟାଲ ପକାଇ ପ୍ୟାଞ୍ଚି କାମ କରୁଥିବା ସ୍ଥାନୀୟ ଉତ୍କଳ ବିଶ୍ୱାଳ, ରାଧେଶ୍ୟାମ ବଡ଼େଇ, ପିତାମ୍ବର କଣ୍ଟା, ପିଣ୍ଟୁ ମହାରଣା, ପିତାମ୍ବର ମେଲ୍ଲୀ କହିଛନ୍ତି। ଏଠାରେ ଲାଗିଥିବା ସୂଚନା ଫଳକ ଅନୁସାରେ ସରକାରଙ୍କ ଗ୍ରାମ ନିର୍ମାଣ ବିଭାଜନ ପକ୍ଷରୁ ବଲାଙ୍ଗୀରର ମହେଶ ଚୌଧୁରୀଙ୍କ ନିର୍ମାଣକାରି ସଂସ୍ଥା ଫେବୃଆରୀ ୨୦୨୨ ରେ ଆରମ୍ଭ କରିଥିଲା। ମାସେ ହେଲା ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇଛି। ତେବେ ନିର୍ମାଣ ର ମାସେ ନ ପୂରୁଣୁ ନିମ୍ନମାନର କାମ ଯୋଗୁଁ ସେତୁର ଏଭଳି ଅବସ୍ଥା ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କ ରେ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେହେଁ ପ୍ରତିକ୍ରିୟା ମିଳିପାରିନାହିଁ। ବିଭାଗୀୟ ଉଚ୍ଚ କର୍ତୃପକ୍ଷ ସେତୁ ନିର୍ମାଣର ଉଚିତ ତଦନ୍ତ ସହ ଠିକା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପୋଡାପାଡ଼ି ଠାରୁ ସିଙ୍ଗାରାମ ପର୍ଯ୍ୟନ୍ତ ରାସ୍ତା ପାଲଟିଛି ମରଣଯନ୍ତା

**କାଶୀପୁର,(ଡିକେ ନ୍ୟୁଜ୍):** କାଶୀପୁର ବ୍ଲକ ପୋଡାପାଡ଼ି ପଞ୍ଚାୟତ ଅନ୍ତର୍ଗତ କଂସାରୀଗୁଡା ଠାରେ ଗଢ଼ି ଉଠଛି ଆଦିତ୍ୟ ବିର୍ଲା ରିଫେନାରୀ କାରଖାନା। ଯାହା ଅଞ୍ଚଳବାସୀ ଓ ନିରୀୟ ଲୋକଙ୍କ ଜୀବନ ଜୀବିକା ବଞ୍ଚିବା ପାଇଁ ସହଜ ହେବ। ଖୁସିର କଥା ଓ ଆଦିତ୍ୟ ବିର୍ଲା ହିନ୍ଦାଲକୋ କମ୍ପାନୀ ବହୁତ କିଛି ବାର୍ତ୍ତା ଓ ସଚେତନା କରୁଥିବା ବେଳେ ଏଇଟି ପୋଡାପାଡ଼ି ଠାରୁ ଆରମ୍ଭ କରି ସିଙ୍ଗା ରାମ ପର୍ଯ୍ୟନ୍ତ ରାସ୍ତା ମରଣାଯନ୍ତ ହୋଇପଡିଛି। ଦୁଇ ଚକିଆ ଗାଡ଼ି ଯିବା ଅସମ୍ଭବ। ମଣିଷ ଚଲିକି ଯାଇପାରିବ ନାହିଁ। କିନ୍ତୁ ଏଇଟି କମ୍ପାନୀ ନୂଆ କରି ଗଢ଼ି ଉଠିଥିବା କମ୍ପାନୀ ଲୋକଙ୍କୁ ରାସ୍ତା, ସ୍ୱାସ୍ଥ୍ୟ ଗମନାଗମନ ପାଇଁ କରିଦେବି ବୋଲି କହିକି ଏ ପର୍ଯ୍ୟନ୍ତ ରାସ୍ତା ଗୋଟେ କମ୍ପାନୀ କରୁ ନାହିଁ। କମ୍ପାନୀର ହିଁ ଗାଡ଼ି ଯାକ ରାସ୍ତାରେ ଯାଇକି ଦୁଇ ଚକିଆ ଗାଡ଼ିକୁ ଯିବା ପାଇଁ ରାସ୍ତା ନାହିଁ। କମ୍ପାନୀ ଗାଡ଼ି ଯିବାବେଳେ ଛୋଟ ଗାଡ଼ିକୁ ରାସ୍ତା ଦେଉ ନାହାନ୍ତି। ଦ୍ରୁତ ଗତିରେ ଚଳାଉଛନ୍ତି ଗାଡ଼ି। ଯାହା ଫଳରେ ଲୋକଙ୍କ ଉପରେ କାଦୁଅ ଓ ପାଣି ଚିଟିକି ପଡୁଛି। ଏବେ ଅଞ୍ଚଳରେ ଚର୍ଚ୍ଚା ହେଉଛି କମ୍ପାନୀ ବିଭିନ୍ନ ବାର୍ତ୍ତା ଓ ସଚେତନା କରୁଥିବା ବେଳେ ଲୋକଙ୍କ ଗମନାଗମନ ପାଇଁ ରାସ୍ତା କରୁ ନାହିଁ। ରାସ୍ତା ସାରା ଖାଲଖମାରେ ପରିପୂର୍ଣ୍ଣ। କେତେବେଳେ ପଥଚାରୀଙ୍କ ଜୀବନ ଯାଇପାରେ। ତୁରନ୍ତ କମ୍ପାନୀ କର୍ତୃପକ୍ଷ ଏହା ଉପରେ କଣ ପଦକ୍ଷେପ ନେଉଛନ୍ତି ଦେଖିବାକୁ ବାକି ରହିଲା



# ମାଲକାନଗିରି ଜିଲ୍ଲାରେ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ

**ମାଲକାନଗିରି, (ହି.ସ.):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ୧୯ ତମ ଜାତୀୟ ପରିସଂଖ୍ୟାନ ଦିବସ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶ୍ରୀ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ବ୍ରଜବନ୍ଧୁ ଦାସ,ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ଜେନା, ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗୀୟ ମୁଖ୍ୟଡ. ରଞ୍ଜନ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ପ୍ରଧାନ ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ ଯେ, ପରିସଂଖ୍ୟାନ ଏକ ପ୍ରୟୋଗାତ୍ମକ ପରିଗଣନା । ଏହାର ଉପଯୁକ୍ତ ସଂଗ୍ରହଣ, ବିଶ୍ଳେଷଣ, ଦୃଢୀକରଣ ଦ୍ୱାରା ଯୋଜନା ପ୍ରଣୟନ ଓ କାର୍ଯ୍ୟକାରିତା ହୋଇଥାଏ। ଏହା ସମାଜର ମଙ୍ଗଳ ପାଇଁ ଅତ୍ୟନ୍ତ ଆବଶ୍ୟକ । ସୁତରାଂ, ପରିସଂଖ୍ୟାନ ପ୍ରତ୍ୟେକ କ୍ଷେତ୍ରରେ ଗୁରୁତ୍ୱ ବହନ କରେ। ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ଗୋଲକ ଚନ୍ଦ୍ର ଦଳାଇ ତାଙ୍କ ସ୍ୱାଗତ ଅଭିଭାଷଣରେ କହିଥିଲେ ଯେ, ପରିସଂଖ୍ୟାନ ମଣିଷର ଦୈନନ୍ଦିନ ଜୀବନ ଚର୍ଯ୍ୟାରୁ ଆରମ୍ଭ କରି ଦେଶ ଓ ବିଶ୍ୱର ଯୋଜନା ପ୍ରଣୟନ, ଏହାର ରୂପାୟନ ଓ ପ୍ରଗତି ପର୍ଯ୍ୟନ୍ତ ପ୍ରଲମ୍ବିତ। ପରିସଂଖ୍ୟାନ ତଥ୍ୟ ଯେତେ ସ୍ୱଚ୍ଛ ଓ ନିର୍ଭୁଲ ହେବ, ତଦନୁସାରେ ଯୋଜନା ପ୍ରଣୟନ ହେବ ଓ ତାହାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରାଯାଇ ଆମେ ଈପ୍ସିତ ଲକ୍ଷ୍ୟ ଓ ପ୍ରଗତି ହାସଲ କରିପାରିବା। ପୁନଃ, ସେ ପରିସଂଖ୍ୟାନ ଦିବସର ତାତ୍ପର୍ଯ୍ୟ ବର୍ଣ୍ଣନା କରି ଜାତୀୟ ନମୁନା ସର୍ବେକ୍ଷଣର ୩୫ତମ ପୂର୍ତ୍ତି ଓ ପରିସଂଖ୍ୟାନ ବ୍ୟବସ୍ଥାର ଦୃଢୀକରଣ ବିଷୟରେ ଆଲୋକପାତ କରିଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଶାନ୍ତ ଚନ୍ଦ୍ର ମହାଲନୋବିସଙ୍କୁ ପରିସଂଖ୍ୟାନର ଜନକ ଭାବେ ସ୍ମରଣ କରି, ଜିଲ୍ଲା ଖାଦ୍ୟ ଉପଭୋକ୍ତା କାର୍ଡର ପରିସଂଖ୍ୟାନ ତଥ୍ୟ ଉପସ୍ଥାପନ କରିଥିଲେ ଓ ଖାଦ୍ୟ ସୁରକ୍ଷା ଯୋଜନା ବିକଶିତ ଭାରତ ପାଇଁ ସହାୟକ ହେବ ବୋଲି ମତ ଉପସ୍ଥାପନ କରିଥିଲେ। ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଜେନା କହିଥିଲେ ଯେ, ପରିସଂଖ୍ୟାନ ଓ ବିକାଶ ପରସ୍ପର ପରିପୂରକ । ପରିସଂଖ୍ୟାନ ବିନା କୌଣସି ବିକାଶ ଅସମ୍ଭବ। ସେହିପରି ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଉପଯୁକ୍ତ ପରିସଂଖ୍ୟାନ ବ୍ୟବହାର ଦ୍ୱାରା ଆମେ ବିଭିନ୍ନ ପ୍ରକାର ରୋଗ ଓ ସଂକ୍ରାମକ ରୋଗକୁ ନିୟନ୍ତ୍ରଣ କରିପାରିଛୁ ଓ ଏହା ଦ୍ୱାରା ନିରନ୍ତର ବିକାଶର ସ୍ୱପ୍ନ ସାକାର ହେଉଛି । ସୁସ୍ଥ ଓ ନିରାମୟ ଜୀବନ ପାଇଁ ମାନସିକ, ଶାରୀରିକ ଓ ସାମାଜିକ ଚାପ ମୁକ୍ତ ଜୀବନ ବଞ୍ଚିବା ପାଇଁ ସେ ପରାମର୍ଶ ପ୍ରଦାନ କରିଥିଲେ ।

# ବରଗଡ଼ରେ ଅନବରତ ସ୍ୱାସ୍ଥ୍ୟ ଶିକ୍ଷା ଶୃଙ୍ଖଳାରେ ଏକ କର୍ମଶାଳା



**ବରଗଡ଼,(ଡିକେ ନ୍ୟୁଜ୍):** ଆଜି ସୁନୟନଚକ୍ଷୁ ଚିକିତ୍ସା କେନ୍ଦ୍ର ପକ୍ଷରୁ ଚେୟାରମ୍ୟାନ ଡାକ୍ତର ସୁବଳ କିଶୋର କରଙ୍କ ଅଧ୍ୟକ୍ଷତାରେ ଏକ ଅନବରତ ସ୍ୱାସ୍ଥ୍ୟ ଶିକ୍ଷା ଶୃଙ୍ଖଳାରେ ଏକ କର୍ମଶାଳା ଗଣପତି ହୋଟେଲ ବରଗଡରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଆଇଓଏସ୍‌ର ଭାଇସ୍ ପ୍ରେସିଡେଣ୍ଟ ଡାକ୍ତର ମୋହନ ରାଜନ୍ (ଚେନ୍ନାଇ)ମୁଖ୍ୟ ଅତିଥି, ଡାକ୍ତର ଅଶୋକ କୁମାର ନନ୍ଦ (ଭୁବନେଶ୍ୱର) ଭାଇସ୍ ପ୍ରେସିଡେଣ୍ଟ ଓଏସ୍‌ଓଏସ୍ ସମ୍ମାନିତ ଅତିଥି ରାୟପୁରରୁ ଡାକ୍ତର ରୋହିତ ରାଓ, ଭୁବନେଶ୍ୱରରୁ ଡାକ୍ତର ଶ୍ରୀକାନ୍ତ ସାହୁ, ଡାକ୍ତର ସୁଜାତା ଦାସ ଓ ଡାକ୍ତର ସ୍ମୃତିରେଖା ପ୍ରିୟଦର୍ଶିନୀ, ଜୟପୁରରୁ ଡାକ୍ତର ନମ୍ରତା ମାଝୀ ତଥା ପଶ୍ଚିମ ଓଡ଼ିଶାର ବିଖ୍ୟାତ ଚକ୍ଷୁ ବିଶେଷଜ୍ଞମାନେ ଏଥିରେ ଯୋଗ ଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଏହି କର୍ମଶାଳାରେ ବିଭିନ୍ନ ଚକ୍ଷୁ ରୋଗର ଆଧୁନିକ ଚିକିତ୍ସା ବିଷୟରେ ଆଲୋଚନା ହୋଇଥିଲା। ପ୍ରତ୍ୟେକ ବର୍ଷ ଏହିପରି କର୍ମଶାଳା କରି ପଶ୍ଚିମ ଓଡ଼ିଶାରେ ଚକ୍ଷୁ ରୋଗ ବିଷୟରେ ଉନ୍ନତ ଚିକିତ୍ସା ପଦ୍ଧତିର ବିକାଶ କରିବା 'ସୁନୟନ' ର ସଂକଳ୍ପ ବୋଲି ଡାକ୍ତର ସୁବଳ କର ପ୍ରକାଶ କରିଥଲେ।

# କୋଇଲେଖା ପ୍ରାଥମିକ ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ଚାଉଳ ଚୋରି

**ଭଦ୍ରକ,(ହି.ସ.):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ନାନ୍ଦପୁର ପଞ୍ଚାୟତରେ ଥିବା କୋଇଲେଖା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଗତକାଲି ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ବିଦ୍ୟାଳୟ ଏକ ଘରର ତାଲା ଭାଙ୍ଗି ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ନିମନ୍ତେ ଗଚ୍ଛିତ ଥିବା ୭ ବସ୍ତା ଚାଉଳ ସହ ଗୋଟେ ପ୍ୟାନ୍ ଚୋରୀ କରି ନେଇଥିବା ଆରଡି ଫାଣ୍ଡିରେ ଅଭିଯୋଗ ହୋଇଛି। ତାହାସହ ସ୍କୁଲ ପରିସର ଭିତରେ ଥିବା ଅଙ୍ଗନବାଡି କେନ୍ଦ୍ର ର ମୁଖ୍ୟ ଫାଟକ ତାଲା ଭାଙ୍ଗିବା ସହ ଗଡ଼ରେଜ ଭାଙ୍ଗି ଥିବା ମଧ୍ୟ ଅଙ୍ଗନବାଡି କର୍ମୀ ଅଭିଯୋଗ କରିଛନ୍ତି। ଗତକାଲି ଅର୍ଥାତ ଶନିବାର ସ୍କୁଲ ଛୁଟି ପରେ ପ୍ରଧାନଶିକ୍ଷକ ତାଲା ପକାଇ ଘରକୁ ପଳାଇଥିଲେ। ରବିବାର ଛୁଟି ଥିଲେ ମଧ୍ୟ ବିଦ୍ୟାଳୟ କାର୍ଯ୍ୟାଳୟ ଖୋଲା ଥିବା ଦେଖି ଗାଁ ଲୋକ ଦେଖି ବିଦ୍ୟାଳଳୟର ପ୍ରଧାନଶିକ୍ଷକଙ୍କୁ ଖବର ଦେଇଥିଲେ। ଖବର ପାଇ ପ୍ରଧାନଶିକ୍ଷକ ଆସି ଦେଖିଲା ବେଳକୁ ଅଫିସ ଭିତରେ ଥିବା ମଧ୍ୟାହ୍ନ ଭୋଜନ ଚାଉଳ ସାତ ବସ୍ତା ନଥିବା ବେଳେ ଏକ ପଙ୍ଖା ମଧ୍ୟ ନାହିଁ। ତୁରନ୍ତ ପ୍ରଧାନଶିକ୍ଷକ ଆରଡ଼ି ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ପୁରୀ ବେଳାଭୂମିରେ ଲାଇଫ ଗାର୍ଡମାନଙ୍କ ସେବାକୁ ସଲାମ କଲେ ଗୌତମ ଆଦାନୀ



**ପୁରୀ,(ଡିକେ ନ୍ୟୁଜ):** ପୁରୀର ସମୁଦ୍ର ଏବଂ ଏହାର ବେଳାଭୂମି କେବଳ ପର୍ଯ୍ୟଟନ ପାଇଁ ନୁହେଁ, ବରଂ ପରମ୍ପରା ଏବଂ ସେବାର ଏକ ଉଦାହରଣ। ଏଠାରେ, ନୋଳିଆ ସମ୍ପ୍ରଦାୟର ଲୋକମାନେ ଗତ ଶହେ ବର୍ଷ ଧରି ସମୁଦ୍ରରେ ସ୍ନାନ କରିବାକୁ ଆସୁଥିବା ଲୋକଙ୍କ ଜୀବନ ରକ୍ଷା ପାଇଁ କାର୍ଯ୍ୟ କରିଆସୁଛନ୍ତି। ଆଦାନୀ ଗ୍ରୁପ ପକ୍ଷରୁ ପୁରୀରେ ରଥଯାତ୍ରା ସମୟରେ ପ୍ରଦାନ କରାଯାଉଥିବା ପ୍ରସାଦ ସେବା କାର୍ଯ୍ୟକ୍ରମରେ ସାମିଲ ହେବା ଅବସରରେ ଆଦାନୀ ଗ୍ରୁପର ଅଧ୍ୟକ୍ଷ ଗୌତମ ଆଦାନୀ ନୋଳିଆ ଲାଇଫଗାର୍ଡମାନଙ୍କୁ ଭେଟିଥିଲେ। ସେ କେବଳ ସେମାନଙ୍କୁ ପ୍ରଶଂସା କରିନଥିଲେ, ବରଂ ସେମାନଙ୍କୁ ସାହାଯ୍ୟ ମଧ୍ୟ କରିଥିଲେ। ନୋଳିଆ ସମ୍ପ୍ରଦାୟ ହେଉଛନ୍ତି ପୁରୀର ପାରମ୍ପରିକ ମତ୍ସ୍ୟଜୀବୀ ଏବଂ ପ୍ରକୃତ ରକ୍ଷକ। ବର୍ଷ ବର୍ଷ ଧରି, ଏମାନେ ପର୍ଯ୍ୟଟକ ଏବଂ ଭକ୍ତମାନଙ୍କୁ ସମୁଦ୍ରରେ ବୁଡ଼ିବାରୁ ରକ୍ଷା କରିଆସୁଛନ୍ତି। ଆଜି, ପୁରୀରେ ୪୫୦ ରୁ ଅଧିକ ନୋଳିଆ ଲାଇଫଗାର୍ଡ ଭାବେ କାର୍ଯ୍ୟ କରୁଛନ୍ତି। ପୂର୍ବରୁ ଏହି ଏମାନେ ବିଭିନ୍ନ ଗୋଷ୍ଠୀରେ କାମ କରୁଥିଲେ। କିନ୍ତୁ ବର୍ତ୍ତମାନ ସେମାନେ ଛଅଟି ସଂଗଠନ ସହିତ ପୁରୀ ବିଚ୍ ଲାଇଫଗାର୍ଡ ମହାସଂଘ ଅଧୀନରେ ଏକତ୍ରିତ ହୋଇଛନ୍ତି। ବେଳାଭୂମିରେ ସେମାନେ ଉପସ୍ଥିତ ରହି ପ୍ରତିଦିନ ହଜାର ହଜାର ଲୋକଙ୍କୁ ସୁରକ୍ଷା ଯୋଗାଇ ଦେଇଆସୁଛନ୍ତି। ଗୌତମ ଆଦାନୀ ନୋଳିଆମାନଙ୍କୁ ଭେଟିବା ସମୟରେ ସେମାନେ ଅନେକ ସମୟରେ ଉପଯୁକ୍ତ ତାଲିମ ଏବଂ ଆବଶ୍ୟକୀୟ ଉପକରଣ ବିନା କାମ କରୁଥିବା ଜଣାଇଥିଲେ। ଗୌତମ ଆଦାନୀ ଏହି ସାହସୀ ଲାଇଫଗାର୍ଡମାନଙ୍କୁ କଥା ଶୁଣିଥିଲେ ଏବଂ ସାହାଯ୍ୟ କରିବାର ଆଶ୍ୱାସନା ଦେଇଥିଲେ। ଆଦାନୀ ଗ୍ରୁପ୍ ଦ୍ୱାରା ଲାଇଫଗାର୍ଡମାନଙ୍କୁ ଲାଇଫ ଜ୍ୟାକେଟ୍, ଦଉଡ଼ି, ଟର୍ଚ୍ଚ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ପ୍ରଦାନ କରାଯାଇଥିଲା। ଏହା ସହିତ, ପୌରପାଳିକାର ସଫେଇ କର୍ମଚାରୀମାନଙ୍କୁ ଫ୍ଲୋରୋସେଣ୍ଟ ସୁରକ୍ଷା ଜ୍ୟାକେଟ୍ ଏବଂ ଅନ୍ୟାନ୍ୟ ଜିନିଷ ପ୍ରଦାନ କରାଯାଇଛି। ପୁରୀର ଲାଇଫଗାର୍ଡମାନଙ୍କୁ ସାହାଯ୍ୟ କରିବା ପାଇଁ ପଦକ୍ଷେପ ନେବାରେ ଆଦାନୀ ହେଉଛି ପ୍ରଥମ ସଂସ୍ଥା । ଏହି ପଦକ୍ଷେପ କେବଳ ସୁରକ୍ଷା ନୁହେଁ ବରଂ ସେବା ଏବଂ ସମ୍ବେଦନଶୀଳତାର ଏକ ପ୍ରତୀକ। ଗୌତମ ଆଦାନୀ କହିଛନ୍ତି, ପୁରୀର ନୋଳିଆ ଲାଇଫଗାର୍ଡମାନେ ବହୁତ କଠିନ ପରିଶ୍ରମ ଏବଂ ସେବା ମନୋଭାବ ସହିତ କାମ କରନ୍ତି। ଆମେ ସେମାନଙ୍କ ସୁରକ୍ଷା ଏବଂ ସୁବିଧା ପାଇଁ ସର୍ବଦା ସେମାନଙ୍କ ସହିତ ରହିଛୁ। ସମସ୍ତ ନୋଳିଆ ଲାଇଫଗାର୍ଡଙ୍କ ସେବା କାର୍ଯ୍ୟ ପାଇଁ ପୁରୀର ବେଳାଭୂମି ଆଜି ସୁରକ୍ଷିତ ଏବଂ ସୁନ୍ଦର ହୋଇପାରିଛି। ଏହା ହେଉଛି ସେମାନଙ୍କର ସେବା ଏବଂ ସମ୍ମାନର ଏକ ଜ୍ୱଳନ୍ତ ଉଦାହରଣ। ଗୌତମ ଆଦାନୀଙ୍କ ପଦକ୍ଷେପ ସେମାନଙ୍କୁ କେବଳ ଆବଶ୍ୟକୀୟ ସମ୍ବଳ ଯୋଗାଇ ଦେଇ ନଥିଲା ବରଂ ସେମାନଙ୍କ କାମ ପାଇଁ ସମ୍ମାନ ମଧ୍ୟ ଆଣିଦେଇଥିଲା।

# ମୁଣ୍ଡ ନେଉଛି ଡିଜେର ଉତ୍କଟ ଶବ୍ଦ : କାଗଜକଲମରେ ସୀମିତ ଆଇନ

**ଭଦ୍ରକ, (ହି.ସ.):** ଭଦ୍ରକ ସହର ସମେତ ଜିଲ୍ଲାରେ ଡିଜେ ଶବ୍ଦ ପାଇଁ ଅତିଷ୍ଠ ହେଉଛନ୍ତି ସାଧାରଣ ଲୋକ, ବରିଷ୍ଠ ନାଗରିକ, ବିଦ୍ୟାର୍ଥୀ। ନ୍ୟାୟାଳୟଙ୍କ ପ୍ରତିବନ୍ଧକ ସତ୍ୱେ ଡିଜେ ଉପରେନିୟନ୍ତ୍ରଣ ଲଗାଇ ପାରୁନି ପୁଲିସ ଓ ପ୍ରଶାସନ । ଶୋଭାଯାତ୍ରା ପାଇଁ ଅନୁମତି ଆଣିବା ସମୟରେ ଡିଜେକୁ ଅନୁମତି ନଥିବା ଲୋଖାଯାଉଥିଲେ ମଧ୍ୟ ଏହାକୁ ମାନୁ ନାହାନ୍ତି ଅନୁମତି ଆଣୁଥିବା ବ୍ୟକ୍ତି ଓ ଅନୁଷ୍ଠାନ। ପୁଲିସ କିଛି କହିଲେ ସେମାନଙ୍କ ଉପରେ ସଙ୍ଗେସଙ୍ଗେ ପଡୁଛି ରାଜନୈତିକ ଚାପ। ତେଣୁ ପୁଲିସ ନିରବ ରହୁଛି। ଫଳରେଡିଜେକୁ ନେଇ ଥିବା ପ୍ରତିବନ୍ଧକ ଆପଣାଛାଏଁ ମିଳାଇ ଯାଉଛି ଡିଜେର ଗୁରୁଗର୍ଜନ ଶବ୍ଦ ଭିତରେ। ତେବେ କେତେକ କ୍ଷେତ୍ରରେ ଡିଜେ ବ୍ୟବହାରକାରୀଙ୍କୁ ବିନା ଭାଇବ୍ରେଟରରେ ୨୦ରୁ ୩୦ ଡେସିବଲ ଶବ୍ଦ ପାଇଁ ଅନୁମତି ଦିଆଯାଉଛି । କିନ୍ତୁ ବ୍ୟବହାରକାରୀ ଏହାକୁ ୧ଶହରୁ ୧୨୦ ଡେସିବଲ ପର୍ଯ୍ୟନ୍ତ ନେଇ ଯାଉଛନ୍ତି। ଏଥିରୁ ଯେଉଁ ଶନଦ୍ଧ ବାହରୁଛି ତାହା ସ୍ନାୟୁ, ମସ୍ତିଷ୍କ ଓ ହୃତପିଣ୍ଡ ଉପରେ ପ୍ରଭାବ ପକାଉଛି। ବହୁ ସମୟରେ ଏହାର ଉତ୍କଟ ଶବ୍ଦ ଜୀବନ ନେଉଥିବାର ନଜିର ରହିଛି। ଏହାର ଉଦାହରଣ ସ୍ୱରୂପ ଚଳିତ ରଥ ଯାତ୍ରା ରେ ଭଗବାନ ପୁର ପଞ୍ଚାୟତର ଜଣେ ୧୪ ବର୍ଷ ର ନାବାଳକ ଡିଜେ ର ଉତ୍କଟ ଶବ୍ଦ ରେ ମୃତ୍ୟୁ ହୋଇଛି। କେବଳ ଏତିକି ନୁହେଁ ତିହିଡି ରେ ମଧ୍ୟ ୨ ଜଣଙ୍କର ପ୍ରାଣ ହାନି ହୋଇଛି। ସହରାଞ୍ଚଳରେ ଏହି ଶବ୍ଦ ପ୍ରଦୂଷଣ ଉପରେ କିଛି ପ୍ରତିବନ୍ଧକ ଥି ଲାବେଳେ, ଗ୍ରାମାଞ୍ଚଳରେ ଏହା ଉପରେ କୌଣସି ଅଙ୍କୁଷ ନାହିଁ । ଧାମନଗର ବ୍ଲକର ସମସ୍ତ ଅଞ୍ଚଳରେ ଡିଜେ ଶବ୍ଦରେ ଅତିଷ୍ଠ ହେଉଛନ୍ତି ବିଭିନ୍ନ ବର୍ଗର ଲୋକ । ଏହି ଶବ୍ଦ ପ୍ରଦୂଷଣକୁ ବିରୋଧ କରିବାକୁ ସାଧାରଣଲୋକେ ସାହସ ଜୁଟାଇ ପାରୁ ନାହାନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁସାରେ ଶବ୍ଦ ପ୍ରଦୂଷଣକୁ ତିନି ଭାଗରେ ବିଭକ୍ତ କରାଯାଇଛି । କମର୍ସ ଆଲ, ରେସିଡେନ୍‌ସି ଆଲ ଓ ସାଇଲେନ୍ସ ଜୋନ । ଏହି ସବୁ ଅଞ୍ଚଳରେ କେତେ ମାତ୍ରାରେ ଶବ୍ଦ ବଜା ଯାଇପାରିବ ତାର ମଧ୍ୟ ବିବନ୍ଧ ନିୟମ ରହିଛି। ଯଥା କମର୍ସିଆଲ ଜୋନ୍‌ରେ ସକାଳ ୬ଟା ରୁ ରାତି ୧୦ଟା ମଧ୍ୟରେ ୬୫ ଡେସିବଲ, ରାତି ଦଶ ଟାରୁ ସକାଳ ଛଅ ଟା ପର୍ଯ୍ୟନ୍ତ ୫୫ଡେସିବଲ, ସାଇଲେନ୍ସ ଜୋନରେ ରାତି ଦଶ ମଧ୍ୟରେ ୫୦ଡେସିବଲ, ଏହାପରେ ସକାଳ ଛଅ ପର୍ଯ୍ୟନ୍ତ ୪୦ଡେସିବଲ ଓ ରେସିଡେନ୍ ସିଆଲ ଜୋନ୍‌ରେ ସକାଳ ୬ଟା ରୁ ରାତି ୧୦ଟା ପର୍ଯ୍ୟନ୍ତ ୫୫ଡେସିବଲ ଓ ରାତି ୧୦ ଟା ରୁ ସକାଳ ୬ଟା ପର୍ଯ୍ୟନ୍ତ ୪୫ଡେସିବଲ ଶବ୍ଦ ବଜାଇ ବାର କଡାକଡି ନିୟମ ରହିଛି । କିନ୍ତୁ ବିଡମ୍ବନା ହେଉଛି ଏହାକୁ ଦେଖିବାକୁ କେହି ନାହିଁ । ଅପରପକ୍ଷେ ଏହି ଡିଜେ ପାଇଁ ଓଡ଼ିଶାର ପାରମ୍ପରିକ ବାଦ୍ୟ କଳାକାର ଘୋର ଆର୍ଥିକ ଅନାଟନ ଦେଇ ଗତି କରୁଛନ୍ତି। ଅନେକ କଳାକାର ସେମାନଙ୍କର ଜୀବିକା ହରାଇଛନ୍ତି। ତେଣୁ ଏହି ପରିପ୍ରେକ୍ଷୀରେ ଅନୁକମ୍ପା ମହିଳା ସଂଗଠନ ପକ୍ଷରୁ ସଭାପତି କବିତା ସାହୁ, ସମ୍ପାଦିକା ଅଞ୍ଜନା ମହାକୁଡ ଓ ଉପ ସଭାପତି ବିମଳା ନାଥ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

## ପବିତ୍ର ଶ୍ରୀଗୁଣ୍ଡିଚା ଉପଲକ୍ଷେ ଗାଁ ଦାଣ୍ଡ ପାଲଟିଛି ବଡ଼ଦାଣ୍ଡ

**ଯାଜପୁର,(ଡିକେ ନ୍ୟୁଜ୍):** ବରୀବ୍ଲକ ଅନ୍ତର୍ଗତ ସ୍ୱାଇଁଖଣ୍ଡ ଗ୍ରାମପଞ୍ଚାୟତର କୁଶବଟ ଗ୍ରାମରେ ରଥଯାତ୍ରା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଛି। ଶୁକ୍ରବାର ଦିନ ଭୋରରୁ ସେବାୟତଙ୍କ ଦ୍ୱାରା ଜଗନ୍ନାଥ ମନ୍ଦିରରେ ଦ୍ୱାରା ଫିଟା, ମଙ୍ଗଳ ଆଳତି, ସୂର୍ଯ୍ୟପ୍ରଭା, ଅବକାଶ ଓ ଆଗ୍ୟମାଳ ଅଣାଯାଇ ରଥପ୍ରତିଷ୍ଠା କାର୍ଯ୍ୟ କରାଯାଇଥିଲା। ପ୍ରଥମେ ସୁଦର୍ଶନ, ବଡଭାଇ ବଳଭଦ୍ର, ଭୋଉଣି ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରି ରଥାରୂଢ଼ କରିଥିଲେ। ଅପରାହ୍ନ ୩ଟା ବେଳେ ମନ୍ଦିରର ମୁଖ୍ୟ କୁଳମଣି ପଣ୍ଡା ଛେରାପହଁରା କରିବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ହଜାର ହଜାର ଭକ୍ତ ସମାଗମରେ ହରିବୋଲ ହୁଳହୁଳି ଜୟ ଜଗନ୍ନାଥ ଧ୍ୱନିରେ ଗାଁ ଦାଣ୍ଡ ପାଲଟିଥିଲା ବଡ଼ଦାଣ୍ଡ। ଦୂର ଦୂରଦୂରାନ୍ତରୁ ଆସିଥିବା ଭକ୍ତମାନେ ରଥ ସମ୍ମୁଖରେ ଭକ୍ତିପୂତ ନୃତ୍ୟ ପରିବେଷଣ ସହିତ ଘଣ୍ଟୁଆ ଭାଇଙ୍କ ଘଣ୍ଟ ନାଦରେ ସମଗ୍ର ଅଞ୍ଚଳ ଜଗନ୍ନାଥମୟ ହୋଇଯାଇଥିଲା। ଭକ୍ତମାନେ ଭାବବିହ୍ୱଳ ହୋଇ ଶ୍ରଦ୍ଧା ଓ ଭକ୍ତି ସହକାରେ ରଥକୁ ଟାଣି ଟାଣି ଗୁଣ୍ଡିଚା ରାଣୀ ମାଉସୀ ମା ମନ୍ଦିର ପାଖରେ ପହଞ୍ଚି ଥିଲେ।

## ଜିଲ୍ଲା ସାମାଜସେବୀ ସଂଘ ପକ୍ଷରୁ ମାଗଣା ଖାଦ୍ୟ ବଣ୍ଟନ




**ବରଗଡ଼ ,(ଡିକେ ନ୍ୟୁଜ୍):** ଆଜି ଦ୍ୱିତୀୟ ବର୍ଷର ପଞ୍ଚମ ସପ୍ତାହ ରବିବାର ଦିନ ଜିଲ୍ଲା ସମାଜ ସେବୀ ସଂଘ, ବରଗଡର ଉଦ୍ୟମରେ ବରଗଡ ପୁରୁଣା ଡାକ୍ତରଖାନାକୁ ଆସୁଥିବା ରୋଗୀମାନଙ୍କ ସହଯୋଗୀମାନଙ୍କ ପାଇଁ ସୁସ୍ୱାଦୁ ଭୋଜନର ବ୍ୟବସ୍ଥା ଜିଲ୍ଲା ସମାଜସେବୀ ସଂଘ ସଭାପତି ବଲିଷ୍ଟ ଦୁର୍ଗାଙ୍କ ନେତୃତ୍ୱରେ କରାଯାଇଥିଲା। ଆଜି ଏହି ମହାନ କାର୍ଯ୍ୟକ୍ରମରେ ଭିମସାର ବୁର୍ଲାର ପ୍ରଫେସର ତଥା ୧ ଟଙ୍କିଆ ଡାକ୍ତର ଶଙ୍କର ରାମଚନ୍ଦାନି ଏବଂ ବରଗଡ଼ ଟାଉନ ଥାନା ଅଧିକାରୀ ସତ୍ୟଜିତ ଖଣ୍ଡେଲକର ଖାଦ୍ୟ ବଣ୍ଟନ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଅନ୍ନଦାନ ମହାନ ଦାନ ଏବଂ ଏହା ମହା ପୁଣ୍ୟ ବୋଲି ଅତିଥି ଦ୍ୱୟ ପ୍ରଶଂସା କରିଥିଲେ। ଜିଲ୍ଲା ସମାଜସେବୀ ସଂଘର ସକ୍ରୀୟ ସଦଶ୍ୟ ସୁରଜ ସିଂ, ପୁନିଟ ଦୋରା, ହରମିତ ସିଂ, ପ୍ରବୀଣ ସାହୁ, ସରୋଜ କୁମାର, ସମୀର ଜାଲ, ସଂଜୀବ, ରଞ୍ଜନ କୁମାର ସାହୁ, ଦୀପକ ଦାସ, ରାଜେଶ ଶର୍ମା, ରମାକାନ୍ତ ସାହୁ, ମିଠାରାମ ସାହୁ, ବିକ୍ରମ ଦାଶ, ସୁଦୀପ୍ତ ଦାସ, ଅନିଲ ବେହେରା, ପରମେଶ୍ୱର ନାଥ, ଜୟନ୍ତ ଭୋଇ, କୀର୍ତ୍ତି ମହାନନ୍ଦ, ଠାକୁର ସାହୁ ଆଦି ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମସ୍ତେ ଆସି ସାଫଲ୍ୟ ମଣ୍ଡିତ କରିଥିବାରୁ ଜିଲ୍ଲା ସମାଜ ସେବୀ ସଂଘ, ସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଡ଼ଭଗା-ବିଶାଳପାଲି ରାସ୍ତା ପାଲଟିଛି ମରଣଯନ୍ତା



**ସୁବର୍ଣ୍ଣପୁର,(ଡିକେ ନ୍ୟୁଜ୍):** ୫୩ ନଂ ରାଜ୍ୟ ରାଜପଥ ଯାତ୍ରୀଙ୍କ ପାଇଁ ଏବେ ମରଣଯନ୍ତା ସାଜିଛି। ଗୋଡ଼ଭଗା-ବିଶାଳପାଲି ଦେଇ ଯାଇଥିବା ରାଜ୍ୟ ରାଜପଥ ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସିନ୍ଧୁରପୁର ଗ୍ରାମ ପଞ୍ଚାୟତ ମଣିଗାଁ ଠାରେ ପ୍ରାୟ ୨ ମିଟରର ଗର୍ତ୍ତ ସୃଷ୍ଟି ହୋଇଛି। ଯାହାଦ୍ୱାରା ଦୈନନ୍ଦିନ ଏହି ରାସ୍ତାରେ ଜନସାଧାରଣ ଯିବା ଆସିବା କରୁଥିବାରୁ ପ୍ରତିଦିନ ଦୁର୍ଘଟଣାର ଶିକାର ହେଉଛନ୍ତି। ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେଇ ଏହାର ତୁରନ୍ତ ମରାମତି କରିବାକୁ ସାମାଜିକ କର୍ମୀ ସର୍ଜନ ପାଣ୍ଡେ ଓ ତରଣୀସେନ ସେଠୀ ଜିଲ୍ଲା ପ୍ରଶାସନ ଠାରେ ଦାବି କରିଛନ୍ତି।

## ନବମ ଯାଦବ ମହାସଭା ବୈଠକ ଓ ଆଞ୍ଚଳିକ ଯାଦବ ସମାଜର ପୁନଃଗଠନ କାର୍ଯ୍ୟକ୍ରମ



**କଳାହାଣ୍ଡି ,(ଡିକେ ନ୍ୟୁଜ୍):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ଼ରୋଡ଼ ଓ ଜଗନ୍ନାଥପୁର ପଞ୍ଚାୟତ ବଳଭଦ୍ରପୁର ପଞ୍ଚାୟତସ୍ତରୀୟ ନବମ ଯାଦବ ମହାସଭା ବୈଠକ ଓ ଆଞ୍ଚଳିକ ଯାଦବ ସମାଜର ପୁନଃ ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ଲାଞ୍ଜିଗଡ଼ରୋଡ଼ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ବୈଠକରେ ଲାଞ୍ଜିଗଡ ବ୍ଲକ ଯାଦବ ମହାସଭାର ସଭାପତି ରଘୁବୀର ନାଗଙ୍କ ନିର୍ଦ୍ଦେଶକ୍ରମେ ଉପସଭାପତି ଶୋଭାବନ ଛତର, ଯୁବ ଯାଦବ ସାଧାରଣ ସମ୍ପାଦକ ନୃପରାଜ ଛତର ପ୍ରମୁଖ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଯୋଗ ଦେଇଥିଲେ। ଲାଞ୍ଜିଗଡ଼ ରୋଡ଼ ଯାଦବ ସମାଜର ଆଞ୍ଚଳିକ ସଭାପତି ପୂର୍ଣ୍ଣଚନ୍ଦ୍ର ଗଉଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ବୁଦ୍ଧିଆ ବଗର୍ତ୍ତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଲାଞ୍ଜିଗଡ଼ରୋଡ଼ ଯାଦବ ମହାସଭା ପଞ୍ଚାୟତସ୍ତରୀୟ ଆଞ୍ଚଳିକ କମିଟି ପୁନଃ ଗଠିତ ହୋଇଥିଲା। ଏଥିରେ ପଞ୍ଚାୟତ ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ଗଉଡ଼, ଉପସଭାପତି ଭାବେ ମହାଦେବ ଗଉଡ଼, ସାଧାରଣ ସଂପାଦକ ଭାବେ ଇଶ୍ୱର ବଗର୍ତ୍ତୀ, ସହ ସମ୍ପାଦକ ଯୋଗେନ୍ଦ୍ର ନାୟକ, କୋଷାଧ୍ୟକ୍ଷ ଭାବେ ସାଧୁ ଗଉଡ଼ଙ୍କୁ ମନୋନୀତ କରାଯାଇଥିଲା। ସେହିପରି ପଞ୍ଚାୟତର ଦୁଇଟି ଗ୍ରାମ୍ୟ କମିଟି ଓ ଆଠ ଗୋଟି ଭାତ କମିଟି ଗଠନ କରାଯାଇଥିଲା। ଏଥିରେ ଉପଦେଷ୍ଟା ଭାବେ ନାଭା ଗହିର, ନାଭି ଗହିର ସତ୍ୟ ନାରାୟଣ ନାଗ, ସିମାଞ୍ଚଳ ସଗରିଆ, ଶ୍ରୀଧର ନାଗ, ସୁଶାନ୍ତ ଚନ୍ଦନ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ଆଞ୍ଚଳିକ ଯାଦବ ସମାଜର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ଜଗନ୍ନାଥପୁର ପଞ୍ଚାୟତ ବଳଭଦ୍ରପୁର ଠାରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଲାଞ୍ଜିଗଡ଼ ବ୍ଲକ ଯାଦବ ମହାସଭା କୋଷାଧ୍ୟକ୍ଷ ଲକ୍ଷ୍ମୀଧର ଚଣ୍ଡୀ ଯୁବ ଯାଦବ ସଭାପତି ଡିଲେଶ କୁମାର ନାଗ, ସହ ସମ୍ପାଦକ ବଳରାମ ଚଣ୍ଡୀ, ସୁଶାନ୍ତ ଚନ୍ଦନ ପ୍ରମୁଖ ଯୋଗଦେଇ ଥିଲେ। ଏଥିରେ ନୂତନ ଆଞ୍ଚଳିକ ସଭାପତି ଭାବେ ବିଶ୍ୱମ୍ଭର ଚଣ୍ଡୀ, ଉପସଭାପତି ଉଦୟନାଥ ଗଉଡ଼, ସମ୍ପାଦକ ଟଙ୍କଧର ଚଣ୍ଡୀ, ସହ ସମ୍ପାଦକ ନୟନ ଚଣ୍ଡୀ, ଚିତ୍ରସେନ କଟା, ମହିଳା ସଭାନେତ୍ରୀ ଭାବେ ପୁଷ୍ପ ଚଣ୍ଡୀ, ସମ୍ପାଦୀକା ବୃନ୍ଦା ଚଣ୍ଡୀ, କୋଷାଧ୍ୟକ୍ଷ ହେମ ଚଣ୍ଡୀ, ଉପସଭାନେତ୍ରୀ ଗୈମତୀ ଗଉଡ଼ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ସମସ୍ତ ମହିଳା ଓ ପୁରୁଷ ଯାଦବ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ୍' କାର୍ଯ୍ୟକ୍ରମକୁ ଶୁଣିଲେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ଜନତା



**ପାରାଦୀପ,(ଡିକେ ନ୍ୟୁଜ୍):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟ ରେଡ଼ିଓ କାର୍ଯ୍ୟକ୍ରମ 'ମନ କି ବାତ୍'ର ୧୨୩ ତମ ସଂସ୍କରଣ ଜୁନ ମାସ ୨୯ ତାରିଖ ରବିବାର ଦିନ ସାରା ଦେଶରେ ପ୍ରସାରିତ ହୋଇଥିଲା। ଏହି ମାସିକ କାର୍ଯ୍ୟକ୍ରମ ଦେଶର ୨୨ ଟି ଭାଷା ଏବଂ ଅନ୍ୟ ସ୍ଥାନୀୟ ଭାଷାରେ ପ୍ରସ୍ତୁତ କରାଯାଇଥିଲା। ଏହି ଲୋକପ୍ରିୟ 'ମନ କି ବାତ୍' କାର୍ଯ୍ୟକ୍ରମକୁ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପାରାଦୀପ ରଙ୍ଗିଆଗଡ଼ସ୍ଥିତ ନିଜ ବାସଭବନରେ ସାଧାରଣ ଜନତାଙ୍କ ସହ ମିଶି ଶୁଣିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ 'ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ' ଉପରେ ଆଲୋକପାତ କରିବା ସହ ଯୋଗ ଦ୍ୱାରା ଶାନ୍ତି, ସ୍ଥିରତା ଓ ସନ୍ତୁଳନ କିଭଳି ଆସିପାରୁଛି ଏବଂ ଏହା ଦିବ୍ୟାଙ୍ଗ ବନ୍ଧୁମାନଙ୍କ ପାଇଁ କିପରି ସଶକ୍ତିକରଣର ମାଧ୍ୟମ ସାଜିଛି, ତାହା ବିଷୟରେ କହିଥିଲେ। ପ୍ରଧାନମନ୍ତ୍ରୀ ତୀର୍ଥ ଯାତ୍ରା ଉପରେ ଉଲ୍ଲେଖ କରିବା ସହ ଯାତ୍ରା ଶରୀରର ଅନୁଶାସନ, ମନର ଶୁଦ୍ଧିକରଣ, ପରସ୍ପର ଭିତରେ ଭାଇଚାରା ଏବଂ ଭଗବାନଙ୍କ ସହ ଯୋଡ଼ି ହେବାର ମାଧ୍ୟମ ବୋଲି କହିଥିଲେ। ତୀର୍ଥ ଯାତ୍ରା ସମୟରେ ସେବା ଯୋଗାଉଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ସେ ପ୍ରଶଂସା କରିଛନ୍ତି। ଏହାସହ ମହାପ୍ରଭୁଙ୍କ 'ରଥଯାତ୍ରା'କୁ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ପ୍ରତିବିମ୍ବ ବୋଲି ପ୍ରଧାନମନ୍ତ୍ରୀ 'ମନ୍ କୀ ବାତ୍'ରେ ଅବିହିତ କରିଥିଲେ। ତତ୍‌ସହିତ, 'ଟ୍ରାକୋମା' ରୋଗ ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିବା ସହ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଭାରତକୁ ଟ୍ରାକୋମା ମୁକ୍ତ ଘୋଷଣା କରିଥିବା କଥା ଏବଂ 'ଜଳ ଜୀବନ ମିଶନ'ର ଉପକାରିତା ସମ୍ପର୍କରେ ମଧ୍ୟ 'ମନ୍ କି ବାତ୍'ରେ ପ୍ରକାଶ କରିଛନ୍ତି। ୧୯୭୫ ମସିହାରେ ଦେଶରେ ଲାଗୁ ହୋଇଥିବା ଜରୁରୀକାଳୀନ ପରିସ୍ଥିତିକୁ ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ମୋରାରଜୀ ଭାଇ ଦେଶାଇ ପ୍ରକାଶ କରିଥିବା କଥା ଶୁଣାଇବା ସହ ଏଥିପାଇଁ ଦାୟୀ ବ୍ୟକ୍ତିବିଶେଷ ମାନେ କେବଳ ସମ୍ବିଧାନର ହତ୍ୟା କରିନଥିଲେ ବରଂ ନ୍ୟାୟପାଳିକାକୁ ନିଜର ଗୁଲାମ ସଜାଇବା ସେମାନଙ୍କର ଉଦ୍ଦେଶ୍ୟ ଥିଲା ବୋଲି ପ୍ରଧାନମନ୍ତ୍ରୀ 'ମନ୍ କି ବାତ୍'ରେ କହିଥିଲେ। ଏତଦବ୍ୟତୀତ ଫିଟନେସ୍ ପ୍ରତି ବିଶେଷ ଦୃଷ୍ଟି ଦେବା ପାଇଁ କହିବା ସହ ଯୁବ ସମାଜକୁ ନିଜ ଖାଦ୍ୟ ପ୍ରଣାଳୀରେ ୧୦ ପ୍ରତିଶତ ତେଲ କମ୍ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଭଗବାନ ବୁଦ୍ଧଙ୍କ ବିଚାରରେ ଏପରି ଶକ୍ତି ରହିଛି, ଯାହା ଦେଶଗୁଡିକୁ, ଭିନ୍ନ ଭିନ୍ନ ସଂସ୍କୃତିକୁ ଏବଂ ଲୋକମାନଙ୍କୁ ଏକସୂତ୍ରରେ ବାନ୍ଧି ରଖିପାରିଛି। ତତ୍‌ସହିତ, ସେ 'ବିଶ୍ୱ ପରିବେଶ ଦିବସ'ର ମହତ୍ତ୍ୱ ସମ୍ପର୍କରେ ଉପସ୍ଥାପନା କରିବା ସହ 'ଏକ ପେଡ ମା କେ ନାମ' ଅଭିଯାନ ମାଧ୍ୟମରେ ବ୍ୟାପକ ବୃକ୍ଷରୋପଣ କରିବାକୁ ଆହ୍ୱାନ କରିଛନ୍ତି ଏବଂ ଜଳ ସଂରକ୍ଷଣ ଓ ପ୍ରକୃତିକୁ ସୁରକ୍ଷା କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେହିପରି, ମନ୍ କି ବାତ୍ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିବା ପାଇଁ ପାରାଦୀପ ମଣ୍ଡଳ ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନଙ୍କ ନେତୃତ୍ୱରେ ପୌରାଞ୍ଚଳର ପ୍ରାୟ ସମସ୍ତ ୱାର୍ଡ ମାନଙ୍କରେ ବ୍ୟବସ୍ଥା ହୋଇଥିଲା। ନୂଆବଜାର ସ୍ଥିତ ଦଳୀୟ କାର୍ଯ୍ୟାଳୟ ଓ ବିଭିନ୍ନ ୱାର୍ଡରେ ଶିଳ୍ପ ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ସୋଲେମନ ରାଜୁ, ବଜରଙ୍ଗ ସ୍ୱାଇଁ, ଦିଲ୍ଲୀପ ବେହେରା, ରଞ୍ଜନ ବେହେରା, ରତ୍ନାକର ଜେନା, ପୃଥ୍ୱୀରାଜ ପରିଜା, ପ୍ରୀତିରେଖା ମାନା, ସଂଯୁକ୍ତା ବରାଳ, ଟୁନି ପ୍ରଭା ରାଉତ, ଜିତେନ୍ଦ୍ର ସାହୁ, ହୃଷିକେଶ ଦାସ, ଗୋବିନ୍ଦ ନାୟକ, ସର୍ବେଶ୍ୱର ଜେନା ପ୍ରମୁଖ ବହୁ ସଂଖ୍ୟାରେ ଦଳୀୟ ନେତୃତ୍ୱ, କର୍ମୀ ଓ ସାଧାରଣ ଜନତା ଏହି 'ମନ କି ବାତ୍' କାର୍ଯ୍ୟକ୍ରମ ଦେଖି ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶୀ ଅଭିଭାଷଣ ଶୁଣିଥିଲେ।

## ବିବାଦ ଘେରରେ ଜଗସିଂହପୁର ଜିଲ୍ଲା ଟ୍ରକ ମାଲିକ ସଂଘ



**ପାରାଦ୍ୱୀପ,(ଡିକେ ନ୍ୟୁଜ୍):** ଜଗସିଂହପୁର ଜିଲ୍ଲା ଟ୍ରକ ମାଲିକ ସଂଘରେ ବଢୁଛି ବିବାଦ। ବାର୍ଷିକ ସାଧାରଣ ସଭାକୁ ବିରୋଧ କରି ଜିଲ୍ଲା ଟ୍ରକ ମାଲିକ ସଂଘ ସମ୍ମୁଖରେ ଟ୍ରକ ମାଲିକଙ୍କ ହୋହଲ୍ଲା କରିବା ସହିତ ଲାଗି ରହିଛି ଉତ୍ତେଜନା, ଘଟଣା ସ୍ଥଳରେ ପାରାଦୀପ ଲକ୍‌ଥାନା ଓ ଆଦର୍ଶ ଥାନା ପୋଲିସ ପହଞ୍ଚି ଉତ୍ୟକ୍ତ ମାଲିକ ମାନଙ୍କ ସହିତ ଆଲୋଚନା କରିବା ସହିତ ସଂଘର କର୍ମକର୍ତ୍ତାମାନଙ୍କ ସହିତ ଆଲୋଚନା ଜାରି ରହିଛି। ସୂଚନା ଅନୁଯାଇ ଦୀର୍ଘ ଅଠର ବର୍ଷ ହେବ ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଂଘରେ ନିର୍ବାଚନ ନ ହୋଇ ସଂଘର ସଭାପତିଙ୍କ ସହିତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଗାଦି ମାଡି ବସିବା ସହିତ ସେମାନଙ୍କ ମନମାନିରେ ଟ୍ରକ ମାଲିକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ଆଣିଛନ୍ତି । ଏପରିକି ପଦପଦବୀରେ ରହିଥିବା କର୍ମକର୍ତ୍ତା ମାନେ ସେମାନଙ୍କର ଏକାଧିକ ଟ୍ରକ ଚଳାଉଥିବା ବେଳେ ସାଧାରଣ ମାଲିକଟିକୁ ଖଣ୍ଡିଏ ଗାଡି ଲୋଡ଼ କରିବା କଷ୍ଟକର ହୋଇପଡୁଥିବା ନେଇ ମାଲିକ ମାନେ ପ୍ରକାଶ କରିବା ସହିତ ସଂଘରେ ନିର୍ବାଚନ କରିବାକୁ ଦାବି କରିଛନ୍ତି। ଏ ନେଇ ଜିଲ୍ଲା ପ୍ରଶାସନଙ୍କ ସହିତ ଶିଳ୍ପମନ୍ତ୍ରୀଙ୍କୁ ଅବଗତ କରାଇଥିବା ନେଇ ମାଲିକମାନେ ଅଭିଯୋଗ ଆଣିବା ସହିତ ଯଥାଶୀଘ୍ର ସଂଘରେ ନିର୍ବାଚନ କରିବାକୁ ଦାବି କରିଛନ୍ତି। ଦୀର୍ଘଦିନ ଧରି ଆମେ ପ୍ରଶାସନକୁ ସଂଘର ଅନିୟମିତତା ଓ ନିର୍ବାଚନ ନେଇ ଦାବି ଜଣାଇବା ସହିତ ପ୍ରଶାସନିକ ସ୍ତରରେ ଆଲୋଚନା ଜାରି ରହିଥିବା ବେଳେ ହଠାତ ସଂଘରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହେଉଥିବାରୁ ଆମେ ଏହାକୁ ବିରୋଧ କରିଛୁ ଯଥାଶୀଘ୍ର ପ୍ରଶାସନ ତରଫରୁ ଆମକୁ ନ୍ୟାୟ ପ୍ରଦାନ କରିବାକୁ ଅନୁରୋଧ କରିବା ସହିତ ଯଦି ଏଥିରେ ବିଳମ୍ବ ହୁଏ ତେବେ ଆଗାମୀ ଦିନରେ ଆମେମାନେ ସଂଘ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରିବା ସହିତ ଆତ୍ମହୁତି ଦେବାକୁ ଧମକ ଦେଇଛନ୍ତି ଜିଲ୍ଲା ଟ୍ରକ ମାଲିକ ସଂଘରେ ସଦସ୍ୟ ରହିଥିବା ଟ୍ରକ ମାଲିକ।

## ଖୋର୍ଦ୍ଧାରେ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ

**ଖୋର୍ଦ୍ଧା,(ଡିକେ ନ୍ୟୁଜ୍):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଯୋଜନା ଏବଂ ପର୍ଯ୍ୟାଲୋଚନା ୟୁନିଟ ଆନୁକୁଲ୍ୟରେ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜ୍ୟୋତି ଶଙ୍କର ସାହୁଙ୍କ ପୌରହିତ୍ୟରେ ୧୯ ତମ ଜାତୀୟ ପରିସଂଖ୍ୟାନ ଦିବସ ଯଥା ବିଶିଷ୍ଟ ପରିସଂଖ୍ୟାନବିତ୍ ସ୍ୱର୍ଗତ ପ୍ରଫେସର ପି.ସି.ମହାଲାନୋବିଶ ଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଦିବସ ପାଳନ ପରିପ୍ରେକ୍ଷୀରେ ଜିଲ୍ଲା ସ୍ତରରେ ପ୍ରତ୍ୟେକ କାର୍ଯ୍ୟାଳୟରେ ପରିସଂଖ୍ୟାନ ଗଣନାକୁ ସୁଦୃଢ଼ କରିବା ଉପଲକ୍ଷେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପରିସଂଖ୍ୟାନ ବିଭାଗର ପ୍ରଫେସର ଆଲୋକ ରଞ୍ଜନ ବେହେରା ଯୋଗଦେଇ ପରିସଂଖ୍ୟାନ ପ୍ରତ୍ୟେକ କାର୍ଯ୍ୟାଳୟ ଏବଂ ଯୋଜନାର ସଫଳତା ଦିଗରେ ଅପରିହାର୍ଯ୍ୟ ବୋଲି ଏବଂ ପରିସଂଖ୍ୟାନର ଆବିଷ୍କାର, ଆବଶ୍ୟକତା ଏବଂ ପରିସଂଖ୍ୟାନ ପ୍ରତ୍ୟେକ ଯୋଜନାର କିଭଳି ଅବିଚ୍ଛେଦ୍ୟ ଅଙ୍ଗ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିବା ସହିତ ବିଶିଷ୍ଟ ପରିସଂଖ୍ୟାନ ବିତ ପ୍ରଫେସର ପି.ସି.ମହାଲାନୋବିଶଙ୍କ ଜୀବନ ଦର୍ଶନ ଉପରେ କହିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ନିଜ ବକ୍ତବ୍ୟରେ




କହିଥିଲେ ଯୋଜନା ପ୍ରଣୟନରେ ଏବଂ ଉନ୍ନୟନ ପ୍ରକ୍ରିୟାରେ ପରିସଂଖ୍ୟାନ ପ୍ରଭାବ ପକାଇଥାଏ। ପରିସଂଖ୍ୟାନ ବିନା କୌଣସି କାର୍ଯ୍ୟ କରିବା ସମ୍ଭବପର ନୁହେଁ। ଏକ ପରିସଂଖ୍ୟାନ ମୂଳକ ବଜେଟ ତାହାର ହିତାଧିକାରୀଙ୍କୁ ଶତ ପ୍ରତିଶତ ସଫଳତା ଦେଇଥାଏ। ଏଣୁ ବ୍ଲକ୍ କାର୍ଯ୍ୟାଳୟ ମାନଙ୍କରେ କାର୍ଯ୍ୟ କରୁଥିବା ବ୍ଲକ୍ ପରିସଂଖ୍ୟାନ ଏବଂ ପ୍ରତ୍ୟେକ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ପରିସଂଖ୍ୟାନ ଅଧିକାରୀ, ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ବିଭାଗ ସମସ୍ତେ ପ୍ରତ୍ୟେକ କାର୍ଯ୍ୟରେ ବିଭାଗୀୟ ଅଧିକାରୀ ମାନଙ୍କ ସହ ବିଚାର ବିମର୍ଶ କରି ଉତ୍ତମ ମାନର ପରିସଂଖ୍ୟାନ ପ୍ରସ୍ତୁତ କଲେ ଜିଲ୍ଲାର ବିକାଶ ତ୍ୱରାନ୍ୱିତ ହୋଇପାରିବ। ସେହିପରି ବିଭିନ୍ନ ବିଭାଗର ଅନୁ ପ୍ରେରଣା ଦାୟକ ଭିଡିଓ ଏବଂ ବସ୍ତୁ/ପଦାର୍ଥ/ଦ୍ରବ୍ୟର ଦର ନିର୍ଦ୍ଧାରଣ ପରିସଂଖ୍ୟାନ ସଂଘମିତ୍ରା ମହାନ୍ତି ପାୱାର ପଏଣ୍ଟ ଉପକରଣରେ ମାଧ୍ୟମରେ ବୁଝାଇଥିଲେ। ପ୍ରଥମ ଅଧିବେଶନରେ ରୋନାଲି ପଟ୍ଟନାୟକ ଧନ୍ୟ ବାଦ୍ ପ୍ରଦାନ କରିଥିଲେ।ଉପନିର୍ଦ୍ଦେଶକ, ଡି.ପି.ଏମ. ୟୁ ଶଙ୍କର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଦିବସ ଅବସରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଚିଲିକା ବ୍ଲକ୍ ପରିସଂଖ୍ୟାନ ଅଧିକାରୀ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଭୁବନେଶ୍ୱର ବ୍ଲକ୍ ପରିସଂଖ୍ୟାନ ଅଧିକାରୀ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବେଗୁନିଆ ବ୍ଲକ୍ ପରିସଂଖ୍ୟାନ ଅଧିକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କିରଣ ପ୍ରଭା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଲେପୁର: ମହା ଆଡମ୍ବରରେ ଘୋଷ ଯାତ୍ରା ପାଳନ

**ସାଲେପୁର,(ଡିକେ ନ୍ୟୁଜ୍):** ବିଶ୍ୱ ପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ଘୋଷ ଯାତ୍ରା।ଏହି ଅବସରରେ ବିଶ୍ୱର ପ୍ରତ୍ୟେକ ଜଗନ୍ନାଥ ମନ୍ଦିରରେ ପାଳିତ ହେଉଛି ରଥ ଯାତ୍ରା। ପ୍ରତ୍ୟେକ ଜଗନ୍ନାଥ ମନ୍ଦିରରେ ମହା ଆଡମ୍ବରରେ ରଥଯାତ୍ରା ପାଳନ ହେଉଥିବାର ଦେଖିବାକୁ ମିଳୁଛି। ସେଥି ମଧ୍ୟରୁ ସାଲେପୁର ମୁଖ୍ୟ ବଜାରର ଅଧିଷ୍ଠାତ୍ରୀ ଦେବି ମା' ସାହେଶ୍ୱରୀଙ୍କ ମନ୍ଦିର ପରିସରରେ ଥିବା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ଆରମ୍ଭ ହୋଇଛି ରଥଯାତ୍ରା। ରଥାରୁଢ଼ ହୋଇ ଚତୁର୍ଦ୍ଧା ମୁରତି



ମହାବାହୁ ଜଗନ୍ନାଥ, ବଳଭଦ୍ରଓ ଭଉଣୀ ସୁଭଦ୍ରାଙ୍କୁ ସାଙ୍ଗରେ ନେଇ ଗୋଟିଏ ରଥରେ ପ୍ରାୟ ଦୁଇ କିଲୋମିଟର କୁଳିଆ ବେଲହୁଡ଼ା ମନ୍ଦିର ପର୍ଯ୍ୟନ୍ତ ରଥରେ ଯାତ୍ରା କରିଛନ୍ତି। ମା' ସାହେଶ୍ୱରୀଙ୍କ ପୀଠରେ ଦୀର୍ଘ ତିରିଶି ବର୍ଷ ହେବ ଶ୍ରୀକ୍ଷେତ୍ର ନୀତିକାନ୍ତି ଅନୁସାରେ ଅନୁଷ୍ଠିତ ହୋଇଆସୁଛି ରଥଯାତ୍ରା। ପ୍ରତିବର୍ଷ ପରି ଚଳିତ ବର୍ଷ ମହାପ୍ରଭୁ ପହଣ୍ଡିରେ ବିଜେ କରି ରଥାରୁଢ଼ ହୋଇଥିଲେ। ଶହ ଶହ ସଂଖ୍ୟକ ଶ୍ରଦ୍ଧାଳୁ ଭକ୍ତ ମାନେ ରଥାରୁଢ଼ ଚତୁର୍ଦ୍ଧା ମୁରତିଙ୍କ ରଥକୁ ଟାଣି ଟାଣି ନେଇ ମାଉସୀ ମା' ମନ୍ଦିର କୁଳିଆ ସ୍ଥିତ ବେଲହୁଡା ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ସ୍ଥାନୀୟ କୁନି କୁନି କଳାକାରଙ୍କ ଦେବଦାସୀ ନୃତ୍ୟ ଗୁଡ଼ିକ ବେସ୍ ମନମୋହିଥିଲା। ରଥରୁଢ଼ ମହାବାହୁଙ୍କ ନବଯୌବନ ଦୃଶ୍ୟ ଦେଖିବା ପାଇଁ ବହୁ ଜନସମାଗମ ପରିଲକ୍ଷିତ ହୋଇଥିଲା।

## ଶୋକବ୍ୟକ୍ତ କଲେ ଗଜପତି

**ପୁରୀ,(ଡିକେ ନ୍ୟୁଜ୍):** ଶରଧାବାଲିରେ ଦଳା ଚକଟା ଘଟଣାରେ ମର୍ମାହତ ବୋଲି କହିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ସ୍ୱର୍ଗତ ଆତ୍ମାଙ୍କ ସଦଗତି ନିମନ୍ତେ ଶ୍ରୀମହାପ୍ରଭୁଙ୍କ ଶ୍ରୀଚରଣ କମଳରେ ନିବେଦନ କରିବା ସହିତ ଶୋକସନ୍ତପ୍ତ ପରିବାରର ସଦସ୍ୟମାନଙ୍କୁ ଗଭୀର ଗଜପତି ମହାରାଜା ସମବେଦନା ଜଣାଇଛନ୍ତି। ଏଥିସହ ଘଟଣାର ପୁନରାବୃତ୍ତି ଯେପରି ନହୁଏ ସେଥିପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ସେ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

# କେନ୍ଦୁଝରରେ ଜିଲ୍ଲାସ୍ତରୀୟ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ

**କେନ୍ଦୁଝର,(ଡିକେ ନ୍ୟୁଜ୍):** ପ୍ରଫେସର୍ ପ୍ରଶାନ୍ତ ଚନ୍ଦ୍ର ମହଲାନୋବିଜ୍‌ଙ୍କ ଜନ୍ମଦିନଟିକୁ ଜାତୀୟ ପରିସଂଖ୍ୟାନ ଦିବସ ଭାବରେ କେନ୍ଦୁଝର ଜିଲ୍ଲା ସ୍ଥିତ ଜିଲ୍ଲାପାଳଙ୍କ ଦରବାର ହଲରେ ପାଳିତ ହୋଇ ଯାଇଛି। ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ, ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ଗଜେନ୍ଦ୍ର କୁମାର ବେହେରା ବୈଠକରେ ସ୍ୱାଗତ ଭାଷଣ ଦେଇଥିଲେ। ବୈଠକରେ ଧରଣୀଧର ବିଶ୍ୱ ବିଦ୍ୟାଳୟର ସହପ୍ରାଧାପକ (ଅର୍ଥନୀତି) ଡାକ୍ତର ଦାମୋଦର ସାହୁ, ସରକାରୀ ମହିଳା ମହାବିଦ୍ୟାଳୟର ସହପ୍ରାଧାପକ (ବାଣିଜ୍ୟ) ଡ଼ାକ୍ତର ଅଜିତ କୁମାର ବରାଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେ, ଜିଲ୍ଲା ଶିକ୍ଷ୍ୟା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌମ୍ୟ ସାର୍ଥକ ରାୟ, ଜିଲ୍ଲା ସ୍ତରୀୟ ଅଧିକାରୀ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ପରିସଂଖ୍ୟାନ ରାଜ୍ୟ ଏବଂ ଜାତୀୟ ସ୍ତରରେ ଦେଶ ବିକାଶରେ କିପରି ଭୂମିକା ପ୍ରଦାନ କରେ ତାର ସବିଶେଷ ଆଲୋକପାତ କରିଥିଲେ। ତଥ୍ୟ ବିନା ଦେଶରେ ଯୋଜନା ପ୍ରଣୟନ କରାଯାଇ ନ ପାରେ, ତା ଉପରେ ଗୁରୁତ୍ୱାରୋପ କରିଥିଲେ। ବକ୍ତା ଶ୍ରୀ ବରାଳ କହିଥିଲେ ଯେ ଲକ୍ଷ୍ୟ ବିହୀନ ଜୀବନ ନିରର୍ଥକ ଅଟେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି, ବିନା ପରିସଂଖ୍ୟାନରେ ସମ୍ଭବ ହୋଇନଥାଏ। ମୁଖ୍ୟ ବକ୍ତା ଶ୍ରୀ ସାହୁ କହିଥିଲେ ଯେ ପରିସଂଖ୍ୟାନ ସବୁ କ୍ଷେତ୍ରରେ ପ୍ରଯୁଜ୍ୟ। ଜାତୀୟ ନମୁନା ସର୍ଭେ ଦ୍ୱାରା ପ୍ରତ୍ୟେକ ସମାଜର ପ୍ରତି କ୍ଷେତ୍ରରେ ତଥ୍ୟ ସଂଗ୍ରହ କରି ଭବିଷ୍ୟତର ଯୋଜନା ପ୍ରସ୍ତୁତ କରାଯାଏ ତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଉପନିର୍ଦ୍ଦେଶକ ଶ୍ରୀ ବେହେରା କହିଥିଲେ ଯେ ପରିସଂଖ୍ୟାନ ଆମ ଜୀବନର ପ୍ରତେକ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହା ଦ୍ୱାରା ଆମ ଦେଶର ସାମାଜିକ ଏବଂ ଅର୍ଥନୈତିକ ପରିସ୍ଥିତିର ପରିବର୍ତ୍ତନ ସମ୍ଭବ ହୋଇଥାଏ। ସଠିକ୍ ତଥ୍ୟ ସଂଗ୍ରହ ଠିକ୍ ନିଷ୍ପତ୍ତି ନେବାରେ ସାହାଯ୍ୟ କରେ। ଯଦ୍ଦ୍ୱାରା ସରକାରଙ୍କୁ ଠିକ୍ ଯୋଜନା ପ୍ରଣୟନ କରି ଦେଶ ବିକାଶକୁ ତ୍ୱରାନ୍ୱିତ କରିଥାଏ। ରାଜ୍ୟରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଦ୍ୱାରା ବିଭିନ୍ନ କ୍ଷେତ୍ରରେ କରାଯାଇଥିବା ଅନୁସନ୍ଧାନ କାର୍ଯ୍ୟ ଯଥା ଜମି ବିନିଯୋଗ, ଶସ୍ୟକାଟ ପରୀକ୍ଷା, କୃଷି ଗଣନା, କ୍ଷୁଦ୍ର ଜଳ ସେଚନ ଗଣନା, ଜଳାଶୟର ଗଣନା, ଅର୍ଥନୈତିକ ଗଣନା, ଦୈନନ୍ଦିନ ବ୍ୟବହାର ଜିନିଷର ଉତ୍ପାଦକ, ପାଇକରୀ ଓ ଖୁଚୁରା ମୂଲ୍ୟ, ନିର୍ମାଣ ସାମଗ୍ରୀ ମୂଲ୍ୟ, କର୍ମଚାରୀଙ୍କ ଗଣନା, ଜିଲ୍ଲା ପରିସଂଖ୍ୟାନ ହ୍ୟାଣ୍ଡବୁକ୍, ଶିଳ୍ପର ବାର୍ଷିକ ସର୍ଭେ, ଶିଳ୍ପ ଉତ୍ପାଦକ ଶୁଚକାଙ୍କ, ଜାତୀୟ ନମୁନା ସର୍ଭେ ଏବଂ ଫସଲ ପରିସଂଖ୍ୟାନର ଉନ୍ନତି ଇତ୍ୟାଦି ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ସାମଗ୍ରିକ ଭାବରେ ପରିସଂଖ୍ୟାନ କ୍ଷେତ୍ର କାର୍ଯ୍ୟରେ ଉତ୍ତମ ପ୍ରଦର୍ଶନ ନିମନ୍ତେ ୨୦୨୪-୨୫ କୃଷି ବର୍ଷ ପାଇଁ ଯଥାକ୍ରମେ ପ୍ରଥମ, ଦ୍ୱୀତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପରିସଂଖ୍ୟାନ କ୍ଷେତ୍ର ସର୍ଭେୟର ଯଥା ଘଟଗାଁ ବ୍ଲକର ପ୍ରବୋଧ କୁମାର ଜେନା, ଆନନ୍ଦପୁର ବ୍ଲକର ମଳୟ ରଞ୍ଜନ ପରିଡା ଏବଂ ପାଟଣା ବ୍ଲକର ସାଲଖାନ ସୋରେନ ଏବଂ ସେହିପରି ୨୦୨୫-୨୬ କୃଷି ବର୍ଷ ପାଇଁ ଉତ୍ତମ ପ୍ରଦର୍ଶନ ନିମନ୍ତେ ଯଥାକ୍ରମେ ପ୍ରଥମ, ଦ୍ୱୀତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପରିସଂଖ୍ୟାନ କ୍ଷେତ୍ର ସର୍ଭେୟର ଯଥା ଘଷିପୁରାର ବ୍ଲକର ସନାତନ ସାହୁ, ଯୁଗ୍ମ ଦ୍ୱିତୀୟରେ ଝୁମ୍ପୁରା ବ୍ଲକର ତାପସ କୁମାର ପ୍ରଧାନ ଓ ହରିଚନ୍ଦନପୁର ବ୍ଲକର ପ୍ରଦୀପ କୁମାର ଜେନା ଏବଂ କେନ୍ଦୁଝର ସଦର ବ୍ଲକର ଭାଗ୍ୟଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଇ ବୈଠକ ରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ସହ ନିର୍ଦ୍ଦେଶକ ଜୟରାମ ଟୁଡୁ, ପରିସଂଖ୍ୟାନ ଅଧିକାରୀ ଚନ୍ଦ୍ରମୋହନ ସିଂହ, ପବିତ୍ର ମୋହନ ନାୟକ, ସୁଶ୍ରୀ ଅନୁପମା ପାତ୍ର ବରିଷ୍ଠ ଅର୍ଥନୀତି ଅନୁସନ୍ଧାନକାରୀ ଶ୍ରୀ ପୃଥ୍ୱୀରାଜ ସୋରେନ, ସୁଶ୍ରୀ ମାଧୁରୀ ପ୍ରିୟା ହନହଗା, ପ୍ରଶାନ୍ତ ପ୍ରଧାନ, ଅନୁସନ୍ଧାନକାରୀ ସୁଶ୍ରୀ ବିନ୍ଦିଆ ମୁଣ୍ଡା, ଦୋଳମଣି ହଂସ, ବିଷ୍ଣୁପ୍ରିୟା ଓଝା ଓ ଡିପିଏମୟୁର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଜଳସେଚନ ବିଭାଗରେ ଖାଲି ପଡିଛି ବହୁ ପଦବୀ: ଠିକାଦାରଙ୍କ ମର୍ଜିରେ ଚାଲିଛି ଉନ୍ନୟନ କାର୍ଯ୍ୟ

କାକଟପୁର, (ଡିକେ ନ୍ୟୁଜ): ନିମାପଡା ଜଳସେଚନ ବିଭାଗ ଡିଭିଜନ ଅଧିନସ୍ଥ କାକଟପୁର ଜଳସେଚନ ବିଭାଗ ସବଡ଼ିଭିଜନ ୫ଟି ସେକ୍ସନକୁ ନେଇ ଗଠିତ। ଦିନ ଥିଲା ଏହି ସବଡ଼ିଭିଜନରେ କର୍ମଚାରୀ, ଠିକାଦାର ଓ ଚାଷୀମାନଙ୍କ ଗହଳ ଚହଳ ସକାଳୁ ସଞ୍ଜ ପର୍ଯ୍ୟନ୍ତ ଲାଗି ରହୁଥିଲା। କିନ୍ତୁ ଅବସ୍ଥା ଆଜି ଅନ୍ୟ ପ୍ରକାର। ବିଗତ ୨ ବର୍ଷ ଧରି ଏହି ସବଡ଼ିଭିଜନରେ ଏସଡିଓ ପଦବୀ ଖାଲି ପଡ଼ିଥିବା ବେଳେ ସବଡ଼ିଭିଜନର ବାଉରିଆକଣ ଓ କାକଟପୁର ହେଡ଼କ୍ୱାଟର ଆଦି ୨ଟି ସେକ୍ସନର ୨ ଯନ୍ତ୍ରୀ ପଦବୀ ଆଜିକୁ ୩ ବର୍ଷ ଧରି ଖାଲି ପଡିଛି। ସବଡିଭିଜନରେ ଆବଶ୍ୟକ ମୁତାପକ ଖଲାସୀ ଓ ଅମିନ ନାହାନ୍ତି। ଯନ୍ତ୍ରୀ ଅଭାବରୁ ଜଣେ ଲେଖାଏଁ ଯନ୍ତ୍ରୀଙ୍କୁ ସେମାନଙ୍କ ସେକ୍ସନ କାର୍ଯ୍ୟ ସହ ଅନ୍ୟ ସେକ୍ସନର କୋଟି କୋଟି ଟଙ୍କାର କାର୍ଯ୍ୟଭାର ଅର୍ପଣ କରାଯାଇଛି। କିନ୍ତୁ ଏହି ସବଡ଼ିଭିଜନର ଅସ୍ତରଙ୍ଗ କେନାଲ ସେକ୍ସନର କନିଷ୍ଠ ଯନ୍ତ୍ରୀ ନିୟମିତ ଅଫିସ ଆସୁନଥିବା ବେଳେ ନିଜ ସେକ୍ସନର କାର୍ଯ୍ୟ ସହ ସେ ମହାଶୟ ଅନ୍ୟ ସେକ୍ସନର କୋଟି କୋଟି ଟଙ୍କାର କାର୍ଯ୍ୟ ତାଙ୍କ ତତ୍ୱାବଧାନରେ ଚାଲିଛି। ବିଭିନ୍ନ ସମୟରେ ଅସ୍ତରଙ୍ଗ କେନାଲ ସେକ୍ସନ ଉପରେ ନିର୍ଭର କରୁଥିବା ଚାଷୀମାନେ ସେମାନଙ୍କ ବହୁ ଆପତ୍ତି ଅଭିଯୋଗ ନେଇ ସବଡିଭିଜନକୁ ଆସୁଥିଲେ ମଧ ଅଧିକାଂଶ ସମୟ ଯନ୍ତ୍ରୀଙ୍କୁ ନପାଇ ନିରାଶ ମନରେ ଫେରିବାକୁ ପଡୁଛି ବୋଲି ବହୁ ଚାଷୀ ଅଭିଯୋଗ କରିଛନ୍ତି। ଏମିତିକି ଯନ୍ତ୍ରୀଙ୍କ



ଅବହେଳା ଏବଂ ମେରିରାୟ ନୀତି ଯୋଗୁଁ ଆଜିକୁ ୫ ବର୍ଷ ଧରି ଏହି ସେକ୍ସନ ଅଧିନରେ ଥିବା ମୋଟ ୩ଟି ପାଣିପଞ୍ଚାୟତର ନିର୍ବାଚନ ହୋଇପାରୁନଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ପାଣିପଞ୍ଚାୟତ ଗଠନ ହୋଇପାରିନଥିବା କାରଣରୁ ପ୍ରତିବର୍ଷ ଏହି ସେକ୍ସନରେ ଘାସ ତଞ୍ଚା, ଘଳିଆମରାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହେଉଥିଲେ ମଧ ଏହି ସେକ୍ସନର ମୁଖ୍ୟ କେନାଲ ସମେତ ମୁଖ୍ୟ କେନାଲରୁ ବାହାରିଥିବା ଶାଖା, ଉପଶାଖା ଓ ଅତିରିକ୍ତ ଉପଶାଖା କେନାଲରେ ବେଣା ଘାସ, ଅନାବନା ଗଛର ଘଞ୍ଚ ଜଙ୍ଗଲ ସୃଷ୍ଟି ହୋଇ ଏବେ ମହାଦ୍ରୁମରେ ପରିଣତ ହୋଇଥିବା ଦେଖିବାକୁ ମିଳୁଛି। ଏମିତିକି କେନାଲର ତଳ ମୁଣ୍ଡର ଚାଷୀ ସରକାରଙ୍କୁ ଜଳକର ଦେଉଥିଲେ ମଧ ସେମାନଙ୍କ ବିଲରେ କେନାଲ ପାଣି ପହଞ୍ଚିପାରୁନଥିବା ଅଭିଯୋଗ କରୁଛନ୍ତି। ଚାଷୀଙ୍କ ଅଭିଯୋଗରୁ ଆହୁରି ପ୍ରକାଶଯେ ଏହି ସେକ୍ସନ ଅଧିନରେ ଥିବା ବିଭିନ୍ନ କେନାଲରେ ଏବେ କଂକ୍ରିଟ ଲାଇନଙ୍ଗି କାର୍ଯ୍ୟ ଚାଲୁରହିଛି। କାର୍ଯ୍ୟକୁ ଠିକା ନେଇଥିବା ଠିକାଦାର କେନାଲ କଂକ୍ରିଟ କାର୍ଯ୍ୟ ପାଇଁ କେନାଲରୁ ବାହାରିଥିବା ମାଟିକୁ କେନାଲ ବନ୍ଧ ଉପରେ ପକାଇ ବନ୍ଧକୁ ମଜଭୁତ କରିବା ପରିବର୍ତ୍ତେ ଠିକାଦାର ବାହାରେ ବିକ୍ରି କରି ଦେଉଛି ବୋଲି ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ କେତେକ ଚାଷୀ ପ୍ରକାଶ କରିଛନ୍ତି। ବିନା ସୂଚନା ଫଳକରେ ଏହି ସେକ୍ସନରେ କୋଟି କୋଟି ଟଙ୍କାର କାର୍ଯ୍ୟ ଚାଲିଥିବା ବେଳେ କାହା ନିର୍ଦ୍ଦେଶ ଆଉ ଆଦେଶ ବଳରେ ସଂପୃକ୍ତ ଯନ୍ତ୍ରୀଙ୍କୁ ତାଙ୍କ ନିଜ ସେକ୍ସନ ସହ ଅନ୍ୟ ସେକ୍ସନର କୋଟି କୋଟି ଟଙ୍କାର କାର୍ଯ୍ୟ ତଦାରଖ ଭାର ଅର୍ପଣ କରାଯାଇଛି ତାହା ତଦନ୍ତ ସାପେକ୍ଷ। କେନାଲ କଂକ୍ରିଟ କାର୍ଯ୍ୟରେ ବ୍ୟବହୃତ ବାଲି, ମୋରମ, ଚିପ୍ସ, ସିମେଣ୍ଟ ମିଶ୍ରଣ ସଠିକ ଅନୁପାତରେ କରାଯାଉନଥିବା ବେଳେ କେନାଲ ଶଯ୍ୟାରେ ଓ ପାର୍ଶ୍ୱରେ ଅଳ୍ପ ପରିମାଣର ମୋରମ ଦେଇ ତା'ଉପରେ ନିର୍ମାଣ ହେଉଥିବା କଂକ୍ରିଟ ଲେଇର ଥିକନେସ ଅତ୍ୟନ୍ତ ପତଳା ହୋଇଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ବହୁ ଚାଷୀ ସନ୍ଦେହ ପ୍ରକାଶ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ପଚାରିବାରେ ସେ କହିଛନ୍ତି ଏବେ କେନାଲ କଂକ୍ରିଟ ଲାଇନଙ୍ଗି କାର୍ଯ୍ୟ ବର୍ଷା ଯୋଗୁଁ ବନ୍ଦ ରହିଛି ଏବଂ କେନାଲରେ ଘାସ ତଞ୍ଚା କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଆଗକୁ କାର୍ଯ୍ୟ ଆରମ୍ଭ ହେଲେ ସବୁ ଦେଖି କାର୍ଯ୍ୟ ସଂପାଦନ କରାଯିବ। ତେବେ ଏଦିଗରେ ଜଳସଂପଦ ବିଭାଗ ମୁଖ୍ୟଯନ୍ତ୍ରୀ, ସର୍ବୋଚ୍ଚ ଯନ୍ତ୍ରୀ, ବିଭାଗୀୟ ସଚିବ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେଇ କାକଟପୁର ଜଳସେଚନ ବିଭାଗରେ ଦୀର୍ଘ ଦିନ ଧରି ଖାଲି ପଡ଼ିଥିବା ପଦବୀ ପୂରଣ କରିବାକୁ ଚାଷୀ ମହଲରେ ଦୃଢ ଦାବି ହେଉଛି।

## ଜିଲ୍ଲାର ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର

# ଏଠାରେ ଖୋଜା ଚାଲିଛି ଦିନ ମଜୁରିଆ ଶିକ୍ଷୟିତ୍ରୀ

ସୁନ୍ଦରଗଡ଼, (ଡିକେ ନ୍ୟୁଜ୍): ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରାଥମିକ ବିଦ୍ୟାଳୟଠୁ ଆରମ୍ଭ କରି ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ସବୁଠି ଶିକ୍ଷକ, ଶିକ୍ଷୟତ୍ରୀଙ୍କ ଅଭାବ ରହିଛି। ଆବଶ୍ୟକ ଭିତ୍ତିଭୂମୀ ଓ ଗୁଣାତ୍ମକ ଶିକ୍ଷା ଅଭାବରୁ ସରକାରୀ ବିଦ୍ୟାଳୟ ଗୁଡିକ ବହୁ ପଛରେ ପଡ଼ି ରହିଛି। ଏସବୁ ଭିତରେ ସୁନ୍ଦରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷୟତ୍ରୀ ପଦବୀ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତିକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଛନ୍ତି। ଗଣିତ, ବିଜ୍ଞାନ ଏବଂ ଇଂରାଜୀ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଁ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି। ଶିକ୍ଷୟିତ୍ରୀମାନଙ୍କ ଶିକ୍ଷା ଗତ ଯୋଗ୍ୟତା ଗ୍ରାଜୁଏଟ ଏବଂ ବିଇଡି ହୋଇଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି। ହେଲେ ସେମାନଙ୍କ ମାସିକ ପାରିଶ୍ରମିକ ଆଠ ହଜାର ଦୁଇଶହ ପଚାଶ ଟଙ୍କା। ଦିନକୁ ମାତ୍ର ଦୁଇ ଶହ ପଞ୍ଚସ୍ତରୀ ଟଙ୍କା। ଅର୍ଥାତ ଏମାନଙ୍କ ପ୍ରତିଦିନର ପାରିଶ୍ରମିକ ଜଣେ ମନେରେଗା ଶ୍ରମିକଙ୍କ ପାରିଶ୍ରମିକ ସହ ସମାନ୍। ଏହି ନିଯୁକ୍ତିରେ ସ୍ଥାନୀୟ ଅଞ୍ଚଳର ଶିକ୍ଷୟିତ୍ରୀମାନଙ୍କୁ ଅଗ୍ରାଧିକାର ଦିଆଯିବ ଏବଂ ଶିକ୍ଷୟତ୍ରୀ ନ ମିଳିଲେ ସେହି ବ୍ଲକ କିମ୍ବା ଜିଲ୍ଲାର ଶିକ୍ଷୟିତ୍ରୀଙ୍କୁ ସୁଯୋଗ ଦିଆଯିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ସୁନ୍ଦରଗଡ଼ ଜିଲ୍ଲାରେ ଖାଲିଥିବା ବିଦ୍ୟାଳୟ ଗୁଡିକ ହେଉଛି ଗୁରୁଣ୍ଡିଆ ବ୍ଲକର ଗୁରୁଣ୍ଡିଆ କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟ, ବଣାଇ ବ୍ଲକର ଗୋବିନ୍ଦପୁର, କୁଆଁରମୁଣ୍ଡା ବ୍ଲକର ଅଣ୍ଡାଳି ଜାମବାହାଲ ବିଦ୍ୟାଳୟରେ ଜଣେ ଲେଖାଏଁ ବିଜ୍ଞାନ ଏବଂ ଗଣିତ ଶିକ୍ଷୟିତ୍ରୀ ନିଯୁକ୍ତି ପାଇବେ। ସେହିପରି ସବଡେଗା ବ୍ଲକର କିରାଲଗା, ବିଶ୍ରାମ ବ୍ଲକର ବନ୍ଧମୁଣ୍ଡା -ବି, ଲାଠି କଟା ବ୍ଲକର ଜଲଦା ଏବଂ ହାତୀ ବାରି ନୁଆ ଗାଁ ବ୍ଲକରେ ଜଣେ ଲେଖାଏଁ ଇଂରାଜୀ ଶିକ୍ଷୟିତ୍ରୀ ନିଯୁକ୍ତି ପାଇବେ। ଏହାସହିତ କୋଇଡା, କୁଆଁରମୁଣ୍ଡା ଏବଂ ଅଣ୍ଡାଳି ଜାମବାହାଲରେ ଜଣେ ଲେଖାଏଁ ସଂସ୍କୃତ ଶିକ୍ଷୟିତ୍ରୀ ନିଯୁକ୍ତି ପାଇବେ। ହେଲେ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଯେ ଏହି ବିଦ୍ୟାଳୟମାନଙ୍କରେ ନିଯୁକ୍ତି ପାଇଥିବା ଓଡେନ୍ ଏବଂ ହିସାବରକ୍ଷକମାନଙ୍କ ଦରମା ମାସକୁ ୨୩୨୯୨ ଏବଂ ୧୫୧୨୫ ଟଙ୍କା ପାଉଥିବା ବେଳେ, ବିଡ଼ମ୍ବନାର ବିଷୟ ଏହି ଯେ, ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଗଢୁଥିବା ଶିକ୍ଷୟିତ୍ରୀମାନେ ମାସିକ ୮୨୫୦ ଟଙ୍କା ଅର୍ଥାତ ଦିନକୁ ୨୭୫ ଟଙ୍କା ଦେବାକୁ ସରକାର ନିଷ୍ପତ୍ତି ନେଇଥିବା, ଏହା ବିଡ଼ମ୍ବନା ନୁହେଁ ତ ଆଉ କ'ଣ? ଅନ୍ୟପକ୍ଷରେ ଜିଲ୍ଲା ଶିକ୍ଷାଧିକାରୀ ଅମୂଲ୍ୟ ପ୍ରଧାନ କହିଛନ୍ତି ଯେ, ସ୍ଥାନୀୟ ଶିକ୍ଷୟତ୍ରୀଙ୍କୁ ପାଟ ଟାଇମ୍ ଶିକ୍ଷକତା କରିବାପାଇଁ ଏଭଳି ପାରିଶ୍ରମିକ ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସହଜ ଭାବରେ କହିଛନ୍ତି। ଯେଉଁ ଠି ଓଆଡେନ୍ ଏବଂ ହିସାବରକ୍ଷକଙ୍କୁ ୧୫/୨୩ ହଜାର ଦିଆଯାଉଛି, ସେଠି ଜଣେ ଶିକ୍ଷୟତ୍ରୀଙ୍କୁ ମନେରେଗା ଶ୍ରମିକ ଭଳି ମଜୁରୀ ଦେବା ପାଇଁ ନିଷ୍ପତ୍ତି ନେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିବା ସହିତ ରାଜ୍ୟ ବିଜେପି ସରକାରଙ୍କ ପାରିବା ପଣିଆକୁ ବୁଦ୍ଧିଜିବି ମହଲରେ ତାଛଲ୍ୟ କରାଯାଇଛି।

# ବିକାଶ ଉଇସଡମ ପାର୍କ ପରିସରରେ ସମ୍ବର୍ଦ୍ଧନା ଉତ୍ସବ

ଧର୍ମଗଡ, (ଡିକେ ନ୍ୟୁଜ): ଭବାନୀପାଟଣା ସ୍ଥିତ ବିକାଶ ଉଇସଡମ ପାର୍କ ପରିସରରେ ଚଳିତ ବର୍ଷର ସିବିଏସଇ, ସିଏଚଏସଇ, ବିବିଏ, ବିସିଏ ଓ ଡିଗ୍ରୀ ବର୍ଗରେ ଉତ୍କର୍ଷତା ଲାଭକରିଥିବା କୃତି ବିଦ୍ୟାର୍ଥୀଙ୍କୁ ନେଇ ଏକ ସମ୍ବର୍ଦ୍ଧନା ଉତ୍ସବ ହନର ରୋଲ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ଚେୟାରମ୍ୟାନ ଡି.ନାଗେଶ୍ୱର ରାଓ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଅନୁଷ୍ଠାନର ନିର୍ଦ୍ଦେଶକ ଡି.ଶ୍ୟାମ, ନିର୍ଦ୍ଦେଶକ ଡି.ରାମ କୁମାର, ଶିକ୍ଷା ପ୍ରଭାରୀ ଡି.ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି.ପଦ୍ମିନୀ, ବିକାଶ ଆବାସିକ ବିଦ୍ୟାଳୟ ଅଧକ୍ଷା ଆରତି ମିଶ୍ର, ଉପାଧକ୍ଷ ନାରାୟଣ ମହାନ୍ତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିବିଏ, ବିସିଏ ବିଭାଗ ଅଧକ୍ଷ ଡ.ସୁଦୀପ୍ତ କୁମାର ଜେନା, ବିକାଶ ଡିଗ୍ରୀ କଲେଜ ଅଧକ୍ଷ ଡ.ଆଦିତ୍ୟ ପଟ୍ଟନାୟକ, ପ୍ରବନ୍ଧକ ଗୁପ୍ତେଶ୍ୱର ଖୁଣ୍ଟିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଉପାଧକ୍ଷ ନାରାୟଣ ମହାନ୍ତି ସ୍ୱାଗତ ବକ୍ତବ୍ୟ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ବିଭାଗର ଅଧକ୍ଷ ନିଜନିଜ ବର୍ଗରେ ଚଳିତ ଶିକ୍ଷା ବର୍ଷରେ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥିବା ବିଦ୍ୟାର୍ଥୀଙ୍କ ସଫଳତା ପଛର କାହାଣୀ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ ଲକ୍ଷ୍ମୀ ବିକାଶ ଗୃପ ଅଫ ଇନଷ୍ଟିଚ୍ୟୁସନ ବିଦ୍ୟାର୍ଥୀଙ୍କ ଅନ୍ତର୍ନିହିତ ଗୁଣକୁ ଉଜ୍ଜିବିତ କରି ସଫଳତା ଦେବା ସହ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରେ ବୋଲି ମତ ପ୍ରକାଶ କରିଥିଲେ। ସିବିଏସଇ ଦଶମ ବୋର୍ଡ ପରୀକ୍ଷାରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ୧୯ଜଣ, ସିବିଏସଇ ଦ୍ୱାଦଶ ବିଜ୍ଞାନରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ୪ଜଣ, ସିବିଏସଇ ଦ୍ୱାଦଶ ବାଣିଜ୍ୟରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ଜଣେ, ସିବିଏସଇ ନିଟ ପ୍ରବେଶିକା ପରୀକ୍ଷାରେ ୫ଜଣ, ଜେଇଇ ପ୍ରବେଶିକା ପରୀକ୍ଷାରେ ୪ଜଣ, ଯୁକ୍ତଦୁଇ ବିଜ୍ଞାନରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ୧୨ଜଣ, ବିବିଏ ବିଭାଗର ବିଶ୍ୱବିଦ୍ୟାଳୟ ଟପ୍ପର ସହ ୩ ଜଣ, ବିସିଏ ବିଭାଗର ବିଶ୍ୱ ବିଦ୍ୟାଳୟ ଟପ୍ପର ସହ ୪ଜଣ ଓ ବିଏସସି ବିଭାଗର ୭ଜଣ, ସ୍କିଲ୍ ଚମ୍ପିୟାନସିପ ଘନଶ୍ୟାମ ନାୟକ, ଦୀପ କୁମାର ମଣ୍ଡଳ , ଶ୍ରେୟାଂଶ ଦତ୍ତା, ରୁଦ୍ରାନସ କୁମାର ସାହୁଙ୍କୁ ଅନୁଷ୍ଠାନ ତରଫରୁ ଉପଢୌକନ ଓ ମାନପଳକ ଦେଇ ସମ୍ବର୍ଦ୍ଧିତ କରଯାଇଥିଲା।

# ବିଧାୟକଙ୍କ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ ଶୁଣିଲେ ସାଂସଦ

ଅନୁଗୁଳ, (ଡିକେ ନ୍ୟୁଜ୍): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ପ୍ରତି ମାସ ଶେଷ ରବିବାର ଦିନ ୧୧ଟାରୁ ୧୧.୩୦ ପର୍ଯ୍ୟନ୍ତ ମନ କୀ ବାତ କାର୍ଯ୍ୟକ୍ରମ ବିଭିନ୍ନ ଗଣମାଧ୍ୟମରେ ପ୍ରଚାରିତ ହୋଇ ଆସୁଛି। ଏହାକୁ ଉତ୍ସୁକତାର ସହ ସବୁ ବର୍ଗର ଲୋକ ଦେଖୁଛନ୍ତି। ରବିବାର ପ୍ରଧାନମନ୍ତ୍ରୀଙ୍କର ୧୨୩ତମ ମନ କୀ ବାତ ସମଗ୍ର ଜିଲ୍ଲାରେ ଶତାଧିକ ସ୍ଥାନରେ ବିଭିନ୍ନ ନେତୃବର୍ଗ ମନ କୀ ବାତ କାର୍ଯ୍ୟକ୍ରମ ଆୟୋଜନ କରି ପ୍ରଧାନମନ୍ତ୍ରୀଙ୍କ କଥାକୁ ଶୁଣିଛନ୍ତି। ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ତାଙ୍କ କାର୍ଯ୍ୟାଳୟରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ମନ କୀ ବାତ



କାର୍ଯ୍ୟକ୍ରମ ଦେଖିଥିଲେ। ପ୍ରଧାନମନ୍ତ୍ରୀ ତତ୍କାଳୀନ କଂଗ୍ରେସ ସରକାର କିଭଳି ଗଣତନ୍ତ୍ରକୁ ବନ୍ଦୀ କରି ଜରୁରୀ ପରିସ୍ଥିତି ଲାଗୁ କରି ଲକ୍ଷ ଲକ୍ଷ ଲୋକଙ୍କୁ ଜେଲ ପଠାଇ ଥିଲା ସେ ବିଷୟରେ ମନ କୀ ବାତରେ ଉପସ୍ଥାପନ କରିଥିଲେ। ସାଂସଦ ଶ୍ରୀ ପାଣି ସେହି ଜରୁରୀ ପରିସ୍ଥିତିର ଶିକାର ହୋଇ ଗୋଟିଏ ବର୍ଷ କଲେଜ ପାଠ ନଷ୍ଟ ହୋଇ ସେ ସମୟରେ ତାଙ୍କୁ ଜେଲ ଭୋଗୀବାକୁ ପଡିଥିଲା। ଯାହା ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ ଶୁଣିବା ପରେ ସାଂସଦଙ୍କର ପୁରୁଣା ଅଭୁଲା ସ୍ମୃତି ମନେ ପକାଇ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଅନୁଭୂତି କଥନ କରିଥିଲେ ଏବଂ ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ ବେଶ ଲୋକପ୍ରିୟ ହୋଇ ପାରିଛି ଏବଂ ବହୁ ଶିକ୍ଷଣୀୟ ଏବଂ ବହୁ ଲୁକାୟିତ ପ୍ରତିଭାକୁ ପ୍ରଧାନମନ୍ତ୍ରୀ ଲୋକଙ୍କ ସାମ୍ନାକୁ ଆଣୁଛନ୍ତି ବୋଲି ସାଂସଦ କହିଥିଲେ। ଆଜିର ଉକ୍ତ ମନ କୀ ବାତ କାର୍ଯ୍ୟକ୍ରମରେ ସାଂସଦ, ବିଧାୟକଙ୍କ ସହ ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜିଲ୍ଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ବସନ୍ତ ମଞ୍ଜରୀ ପ୍ରଧାନ, ଶୋଭାଗିନୀ ଦାସ, ଦିଲ୍ଲିପ ଦାସ, ପ୍ରଭାତ ପ୍ରଧାନ, ମଣ୍ଡଳ ସଭାପତି ପଵନ ମାଣ୍ଡେଟିଆ, ପ୍ରାକ୍ତନ ମଣ୍ଡଳ ସଭାପତି ପ୍ରଦୀପ ରାଉତ, ସମୀର ପରିଡାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଆଡ଼ପ ମଣ୍ଡପରେ...

ଓ ଡଗସ୍କାଡ ସମେତ ୨୦୫ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଥିଲେ। ସେମାନଙ୍କ ସହିତ ବିଏସଏଫ୍ ଓ ସିଆରପିଏଫ୍, ଆରପିଏଫ ଭଳି ୮ କମ୍ପାନୀ କେନ୍ଦ୍ରୀୟ ଫୋର୍ସଙ୍କୁ ନିୟୋଜିତ କରାଯାଇଥିଲା। ସମୁଦ୍ରକୂଳ ସୁରକ୍ଷା ପାଇଁ ମେରାଇନ, କୋଷ୍ଟ ଗାର୍ଡ ଓ ନୌସେନା ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଥିଲା। ଏଆଇ ସର୍ଭେ ସାଙ୍ଗକୁ ଆକାଶ ମାର୍ଗରୁ ତୀକ୍ଷ୍ଣ ନଜର ରଖାଯାଇଥିଲା। ରେଳ ଷ୍ଟେସନ, ବସଷ୍ଟାଣ୍ଡ, ସମୁଦ୍ରକୂଳ ଭଳି ଜନଗହଳି ପୂର୍ଣ୍ଣ ସ୍ଥାନରେ ସାଧା ପୋଷକଧାରୀ ପୋଲିସଙ୍କୁ ମୁତୟନ କରଯାଇଥିଲା। ସମୁଦ୍ର ବେଳାଭୂମୀ ଅଞ୍ଚଳରେ ନିୟୋଜିତ ହୋଇଥିଲେ ଲାଇଫ୍ ଗାର୍ଡ। ଭିଡ଼ ନିୟନ୍ତ୍ରଣ ଓ ଦର୍ଶନାର୍ଥୀଙ୍କ ସୁରକ୍ଷା ପାଇଁ ଫୋର୍ସମାନଙ୍କ ସହିତ ପ୍ରାୟ ୧୦ ହଜାର ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଥିଲା। ୨୧ଜଣ ଏସପି ପାହ୍ୟା ଅଧିକାରୀ, ୪୧ ଜଣ ଅତିରିକ୍ତ ଏସପି ପାହ୍ୟା ଅଧିକାରୀ, ୯୬ଜଣ ଡିଏସପି ପାହ୍ୟା ଅଧିକାରୀ ଏବଂ ୧୭୧ଜଣ ଇନ୍ସପେକ୍ଟର ସମଗ୍ର ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ। ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହିତ ଉପସ୍ଥିତ ରହି ସମଗ୍ର ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ।

### ବିଜେପି ରାଜ୍ୟ ସଭାପତି...

ଚୟନରେ ବିଳମ୍ବକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ପ୍ରସଙ୍ଗରେ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଗତ ଫେବ୍ରୁଆରୀ ୨୫ ତାରିଖରେ କହିଥିଲେ, ମାର୍ଚ୍ଚ ୩୧ ତାରିଖ ପୂର୍ବରୁ ବିଜେପି ରାଜ୍ୟ ସଭାପତି ନାଁ ହେବ ଘୋଷଣା କରାଯିବ। ସେହି ସମୟରେ ସେ କହିଥିଲେ, ରାଜ୍ୟ ବିଜେପି ସଭାପତି କିଏ ହେବେ, ଏପର୍ଯ୍ୟନ୍ତ ଦିଲ୍ଲୀରୁ କୌଣସି ନିର୍ଦ୍ଦେଶ ଆସିନାହିଁ। ଏନେଇ ବିଜେପି ଜାତୀୟ ନେତୃତ୍ୱ ଶୀଘ୍ର ନିଷ୍ପତ୍ତି ନେବେ। ଏହା ସତ୍ତ୍ୱେ ବି ଘୋଷଣା ହୋଇପାରିନଥିଲା।

### ମହାପ୍ରଭୁ ଜଗନ୍ନାଥଙ୍କ...

କରିଦେବ। ଏହି ଉପଲବ୍ଧିଗୁଡ଼ିକ ବିଷୟରେ ବୈଶ୍ୱିକ ସଂସ୍ଥାମାନେ ଆଲୋଚନା କରୁଛନ୍ତି। 'ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ' ଏବଂ ଆଇଏଲଓ ଅର୍ଥାତ 'ଆନ୍ତର୍ଜାତୀୟ ଶ୍ରମ ସଂଗଠନ' ଦେଶର ଏହି ଉପଲବ୍ଧିଗୁଡ଼ିକୁ ଭରପୂର ପ୍ରଶଂସା କରିଛନ୍ତି। ପ୍ରଥମ ଉପଲବ୍ଧି ତ ଆମ ସ୍ୱାସ୍ଥ୍ୟ ସହ ଜଡ଼ିତ। ଆପଣମାନଙ୍କ ମଧ୍ୟରୁ ଅନେକ ଲୋକେ ଆଖିର ଗୋଟିଏ ବିଶେଷ ରୋଗ ବିଷୟରେ ଶୁଣିଥିବେ। ଯାହା ହେଉଛି - ଟ୍ରାକୋମା। ଏହି ରୋଗ ବ୍ୟାକଟେରିଆ ଦ୍ୱାରା ବ୍ୟାପିଥାଏ। ଦିନ ଥିଲା ଯେବେ ଏହି ରୋଗ ଦେଶର ଅନେକ ଅଂଶରେ ଗୋଟିଏ ସାଧାରଣ କଥା ଥିଲା। ଯତ୍ନ ନ ନେଲେ, ଏହି ରୋଗରେ ଧିରେ ଧିରେ ଦୃଷ୍ଟିଶକ୍ତି ନଷ୍ଟ ହୋଇଯାଇଥାଏ। ଟ୍ରାକୋମାର ମୂଳୋତ୍ପାଟନ କରିବା ପାଇଁ ଆମେ ସଂକଳ୍ପ ଗ୍ରହଣ କଲୁ ଏବଂ ମୁଁ ଆନନ୍ଦର ସହ ଆପଣମାନଙ୍କୁ ଜଣାଉଛି ଯେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅର୍ଥାତ ଡବ୍ଲୁଏଚ୍ଓ ଭାରତକୁ ଟ୍ରାକୋମା ମୁକ୍ତ ଘୋଷିତ କରିଛି। ଭାରତ ଏବେ ଟ୍ରାକୋମା ମୁକ୍ତ ଦେଶ ହୋଇଯାଇଛି। ଏହା ସେହି ଲକ୍ଷ ଲକ୍ଷ ଲୋକଙ୍କ ପରିଶ୍ରମର ଫଳ, ଯେଉଁମାନେ କ୍ଳାନ୍ତ ନ ହୋଇ, ଅଟକି ନ ଯାଇ ଏହି ରୋଗ ସହ ସଂଗ୍ରାମ କଲେ। ଏହି ସଫଳତାର ଶ୍ରେୟ ଆମର ସ୍ୱାସ୍ଥ୍ୟକର୍ମୀମାନଙ୍କୁ ମଧ୍ୟ ଯାଉଛି। 'ସ୍ୱଚ୍ଛଭାରତ ଅଭିଯାନ' ଦ୍ୱାରା ମଧ୍ୟ ଏହାର ଦୂରୀକରଣରେ ସହାୟତା ମିଳିଲା। 'ଜଳ ଜୀବନ ମିଶନ'ର ମଧ୍ୟ ଏହି ସଫଳତାରେ ବଡ଼ ଅବଦାନ ରହିଛି। ଆଜି ଯେତେବେଳେ ଘରେ ଘରେ ନଳ ଯୋଗେ ବିଶୁଦ୍ଧ ଜଳ ପହଞ୍ଚୁଛି ସେତେବେଳେ ଏଭଳି ରୋଗର ବିପଦ ହ୍ରାସ ପାଇଛି। 'ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ' ଡବ୍ଲୁଏଚ୍ଓ ମଧ୍ୟ ଏହାକୁ ପ୍ରଶଂସା କରି କହିଛନ୍ତି ଯେ ଭାରତ ଏହି ରୋଗ ବିରୁଦ୍ଧରେ ସଂଗ୍ରାମ କରିବା ସହ ଏହାର ମୂଳ କାରଣଗୁଡ଼ିକୁ ମଧ୍ୟ ଦୂର କରିପାରିଛି। ବନ୍ଧୁଗଣ, ଆଜି ଭାରତରେ ଅଧିକାଂଶ ଲୋକେ କୌଣସି ନା କୌଣସି ସାମାଜିକ ସୁରକ୍ଷା ଲାଭ ଉଠାଉଛନ୍ତି ଏବଂ ନିକଟ ଅତୀତରେ 'ଆନ୍ତର୍ଜାତୀ ଶ୍ରମ ସଂଗଠନ'ର ଏକ ବଡ଼ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ଆସିଛି। ଏହି ରିପୋର୍ଟରେ କୁହାଯାଇଛି ଯେ ଭାରତର ୬୪ ପ୍ରତିଶତରୁ ଅଧିକ ଲୋକଙ୍କୁ ଏବେ କୌଣସି ନା କୌଣସି ସାମାଜିକ ସୁରକ୍ଷା ଲାଭ ନିଶ୍ଚିତ ଭାବେ ମିଳୁଛି। ସାମାଜିକ ସୁରକ୍ଷା - ଏହା ବିଶ୍ୱର ସବୁଠାରୁ ବଡ଼ କଭରେଜ୍ ମଧ୍ୟରୁ ଅନ୍ୟତମ। ଆଜି ଦେଶର ପ୍ରାୟ ୯୫ କୋଟି ଲୋକ କୌଣସି ନା କୌଣସି ସାମାଜିକ ସୁରକ୍ଷା ଯୋଜନାର ଲାଭ ପାଉଛନ୍ତି, କିନ୍ତୁ, ୨୦୧୫ ପର୍ଯ୍ୟନ୍ତ ୨୫ କୋଟିରୁ ବି କମ୍ ଲୋକଙ୍କ ଯାଏଁ ସରକାରୀ ଯୋଜନାଗୁଡ଼ିକ ପହଂଚିପାରୁଥିଲା। ବନ୍ଧୁଗଣ, ଭାରତରେ ସ୍ୱାସ୍ଥ୍ୟଠାରୁ ସାମାଜିକ ସୁରକ୍ଷା ପର୍ଯ୍ୟନ୍ତ, ପ୍ରତ୍ୟେକ କ୍ଷେତ୍ରରେ ଦେଶ ପରିପ୍ରେକ୍ଷାର ଭାବନା ସହ ଆଗକୁ ବିଚାଲିଛି। ଏହା ସାମାଜିକ ନ୍ୟାୟର ମଧ୍ୟ ଏକ ଉତ୍ତମ ଛବି। ଏହି ସଫଳତାଗୁଡ଼ିକ ଏକ ନୂତନ ବିଶ୍ୱାସ ସୃଷ୍ଟି କରିଛନ୍ତି ଯେ ଆଗାମୀ ସମୟ ଆହୁରି ଉତ୍ତମ ହେବ, ପ୍ରତ୍ୟେକ ପଦକ୍ଷେପରେ ଭାରତ ଆହୁରି ସଶକ୍ତ ହେବ।

### ରଥ ସମ୍ମୁଖରେ...

ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଠେଲାପେଲାରେ ୩ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ପହୁଡ଼ ଖୋଲିବା ପରେ ହଠାତ ଭକ୍ତଙ୍କ ଭିଡ଼ ଦେଖାଦେଇଥିଲା। ଭିଡ଼ ପାଇଁ ପ୍ରାୟ ୯ଜଣ ଅଣନିଶ୍ୱାସୀ ହୋଇ ଯାଇଥିଲେ। ମେଡିକାଲ୍ ସୂଚନା ଅନୁଯାୟୀ ୬ଜଣ ଆହତ ହୋଇଛନ୍ତି ଓ ସେମାନେ ଭଲ ଥିବା ଜିଲ୍ଲାପାଳ କହିଛନ୍ତି। ଘଟଣା କିପରି ଘଟିଲା ଅନୁଧ୍ୟାନ କରିବୁ, ଏବେ ଦର୍ଶନ ବ୍ୟବସ୍ଥା ଦେଖୁଛୁ ବୋଲି ସେ କହିଥିଲେ।

### ବଦଳିଲେ ଜିଲ୍ଲାପାଳ-ଏସପି...

ତଦନ୍ତ ପାଇଁ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଏହି ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା କରିଥିବା ମୁଖ୍ୟମନ୍ତ୍ରୀ ତାଙ୍କ ଏକ୍ସରେ ସୂଚନା ଦେଇଛନ୍ତି। ଏତଦବ୍ୟତୀତ ଅରବିନ୍ଦ ଅଗ୍ରୱାଲଙ୍କୁ ରଥ ପରିଚାଳନାର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଅରବିନ୍ଦ ଅଗ୍ରୱାଲ ବର୍ତ୍ତମାନ ଉଚ୍ଚ ଶିକ୍ଷା ବିଭାଗ ସଚିବ ଦାୟିତ୍ୱ ତୁଲାଉଥିବାବେଳେ ବର୍ତ୍ତମାନ ତାଙ୍କ ଦାୟିତ୍ୱ ସହ ରଥଯାତ୍ରା ସରିବା ପର୍ଯ୍ୟନ୍ତ ରଥ ପରିଚାଳନା ଦାୟିତ୍ୱ ତୁଲାଇବେ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି। ସୂଚନା ଯୋଗ୍ୟ ମୁଖ୍ୟମନ୍ତ୍ରୀ ପୁରୀରେ ଘଟିଥିବା ଦୁଃଖଦ ଦଳାଚକଟା ଘଟଣା ପାଇଁ ପ୍ରଭୁ ଜଗନ୍ନାଥଙ୍କ ଭକ୍ତମାନଙ୍କୁ କ୍ଷମା ପ୍ରାର୍ଥନା କରିଥିଲେ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ଏହାକୁ ନେଇ ରବିବାର ମୁଖ୍ୟମନ୍ତ୍ରୀ ନିଜ ବାସଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ କରିଥିଲେ। ଏଥିସହିତ ଶରଧାବାଲି ନିକଟରେ ଭିଡ଼ ଯୋଗୁଁ ଦଳାଚକଟାରେ ପ୍ରାଣ ହରାଇଥିବା ପ୍ରତ୍ୟେକ ମୃତକଙ୍କ ପରିବାରକୁ ରାଜ୍ୟ ସରକାର ୨୫ ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି।

# ରାସ୍ତା ତଳକୁ ଓଲଟିଲା କାର : ୩ ଆହତ

କୋରେଇ, (ହି.ସ): ଏକ କାର ଭାରସାମ୍ୟ ହରାଇ ୧୧ କେଭି ବିଦ୍ୟୁତ ଖଂଟକୁ ପିଟିବାରୁ ଖୁଂଟ ଭାଙ୍ଗିବା ସହ କାରଟି ରାସ୍ତା ତଳ ପାଣିଖାଲକୁ ଓଲଟି ପଡିବାରୁ ତିନି ଯାତ୍ରୀ ଆହତ ହୋଇଛନ୍ତି । ଏହି ଦୁର୍ଘଟଣା ଫଳରେ ପାଣିକୋଇଲି ଅଂଚଳରେ ବିଦ୍ୟୁତ ସରବରାହ ବ୍ୟାହତ ହୋଇଛି । ପ୍ରକାଶଯେ, ପାଣିକୋଇଲି ପଂଚାୟତ ଅନ୍ତର୍ଗତ ମଣିପୁର ଗ୍ରାମର ଏକ କାର ନମ୍ବର ( ଓଡି୧୬ଇ ୭୦୦୮)୧୬ ନମ୍ବର ଜାତୀୟ ରାଜପଥରୁ ବଣିଆ ଗଡିଆ ରାସ୍ତାରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ୧୧ କେଭି ବିଦ୍ୟୁତ ଖୁଂଟକୁ ପିଟିଥିଲା। ଫଳରେ ବିଦ୍ୟୁତ ଖୁଂଟ ଭାଂଗିଯିବା ସହ ତାର ଛିଡିଯାଇଥିଲା। ଯାହା ଫଳରେ କଂରେଂଟ ଚାଲିଯାଇଥିଲା। ବିଦ୍ୟୁତ ଖୁଂଟକୁ ପିଟିବା ପରେ କାରଟି ରାସ୍ତା ତଳକୁ ଓଲଟି ପଡି ପାଣି ଖାଲରେ ପଡିଥିଲା। କାରର ଚାଳକ ମଣିପୁର ଗ୍ରାମର ବେଣୁଧର ମଲିକ(୩୨) ଓ ସହଯାତ୍ରୀ ଅଜୟ କୁମାର ବେହେରାଙ୍କ ସହିତ କୁଆଖିଆ ଥାନା ଅନ୍ତର୍ଗତ କରଜଂଗା ଗ୍ରାମର ବାଦଲ ମଲିକ ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ପହଂଚି ସେମାନଙ୍କୁ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ ରାଜପଥ ପେଟ୍ରୋଲିଙ୍ଗ ଗାଡି ପହଂଚି ଗୁରୁତର ଆହତ ଅଜୟ କୁମାର ବେହେରାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଅନ୍ୟ ଆହତଙ୍କୁ ପ୍ରାଥମିକ ଚିକିତ୍ସା କରାଇଥିବା ଜଣାପଡିଛି ।

# ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣା, ଚାଳକ ଗୁରୁତର

କୋରେଇ, (ହି.ସ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ମହମ୍ମଦଜମାଲପୁର କୃପାଳୁ ରାଇସ ମିଲ ସମ୍ମୁଖ ରାସ୍ତା ନିକଟରେ ଏକ ବୁଲେଟ ଆରୋହୀ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡରେ ପିଟି ହୋଇ ଗୁରୁତର ଆହତ ହୋଇଛି । ପ୍ରକାଶ ଯେ, ସୁକିନ୍ଦା ଅଂଚଳର ଜଣେ ଯୁବକ ପାଣିକୋଇଲିରୁ ଯାଜପୁରରୋଡ ଅଭିମୁଖେ ଏକ ବୁଲେଟ ନମ୍ବର ( ଓଡି୨୨ସିଟି ୪୬୨୭) ଯୋଗେ ଯାଉଥିବା ବେଳେ ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତା ମଝି ଡିଭାଇଡରରେ ପିଟି ହୋଇ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକ ଓ ରାଜପଥ ପେଟ୍ରୋଲିଂଗ ଗାଡି ପହଂଚି ଆହତକୁ ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟକୁ ପଠାଇଥିଲେ ।

# ଫଳକ ନାହିଁ କିନ୍ତୁ ଫାଟକ ଖୋଲା

ସୋରଡ଼ା, (ଡିକେ ନ୍ୟୁଜ୍): ଗଞ୍ଜାମ ଜିଲ୍ଲାର ସୋରଡ଼ା ସହରରେ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଉକ୍ତ ବିଭାଗୀୟ କାର୍ଯ୍ୟାଳୟରେ ସରକାରୀ ନିର୍ଦ୍ଦେଶନାମାକୁ ଫୁରେ ଚାଲିଛି। ରାଜ୍ୟସରକାରଙ୍କ ନିର୍ଦ୍ଦେଶକୁ ଉକ୍ତ ବିଭାଗ ବିଭାଗ କରୁଛନ୍ତି। ଅବମାନନା ଓଡ଼ିଆରେ ବିଭାଗୀୟ ଫଳକ ଲେଖିବାର ନିୟମ ଥିଲେ ମଧ ଏଠି ଉକ୍ତ ନିୟମ ହେଉନାହିଁ କାର୍ଯ୍ୟକାରୀ ଏବଂ ଏଠି ଉକ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଯନ୍ତ୍ରୀଙ୍କ କେବେମଧ ଦେଖାମିଳେନାହିଁ। ଉକ୍ତ ବିଭାଗରେ କାର୍ଯ୍ୟରତ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ସେସବୁବେଳେ ଉପସ୍ଥିତ ଥାଆନ୍ତି। କେବଳ ନିଜର କର୍ତ୍ତବ୍ୟ ଠିକ ସମୟରେ ନିର୍ବାହ କରନ୍ତି। ଉକ୍ତ ଗ୍ରାମ୍ୟଉନ୍ନୟନ କାର୍ଯ୍ୟାଳୟ ସହ ଯନ୍ତ୍ରୀଙ୍କ ବାସଗୃହ ଥିଲେ ମଧ ବାହାରୁ ତାଲା ଝୁଲୁଥାଏ। ବାସଗୃହରେ ବିଭାଗୀୟ ଅଧିକାରୀଙ୍କ ସମ୍ପର୍କରେ ପଚାରିବାରୁ ସେ କୋଉଠି କି ଯାଇଛନ୍ତି। ସେ କିଛି ଜାଣନ୍ତି ନାହିଁ ବୋଲି ଉତ୍ତର ଦିଅନ୍ତି। ଏହି ବିଭାଗରେ ଉକ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ ବେଳେ ବେଳେ ନିଜକୁ ନଶୁଣିବାର ଅଭିନୟ ମଧ କରନ୍ତି କି ପ୍ରକୃତରେ ଉକ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଶୁଣାଯାଉନି ତାହା ସୃଷ୍ଟି ନିୟନତାକୁ ହିଁ ଜଣା। ବେଳେ ବେଳେ କେହି ଦେଖା କରିବାକୁ ଗଲେ ମଧ ନିରାଶ ହୋଇ ଫେରନ୍ତି। ଉକ୍ତ ବିଭାଗୀୟ ଉପରିସ୍ଥ ଅଧିକାରୀ ଉକ୍ତ ଅନୁପସ୍ଥିତ କିମ୍ବା ଉକ୍ତ ଯନ୍ତ୍ରୀଙ୍କ ବିଭାଗରେ ଏକ ସୂଚନା ଫଳକରେ ତାଙ୍କରି କର୍ମ କ୍ଷେତ୍ରକୁ ଯିବାର ଦରଜ କରି ଫଳକର ସୁବିଧା କରିଲେ ଭେଟିବାକୁ ଯାଉଥିବା ବ୍ୟକ୍ତ୍ୟ ବିଶେଷ ତାଙ୍କ ସୂଚନା ପାଇପାରିବେ। ଉକ୍ତ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଏହାର କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ କାର୍ଯ୍ୟରତ ଯନ୍ତ୍ରୀଙ୍କୁ ଉକ୍ତ ଦିଗ ପ୍ରତି ଅବଗତି କରାନ୍ତୁ।

# ମରଣଯନ୍ତା ପାଲଟିଥିବା ପୋଲର ମରାମତି କଲେ କିଛି ଯୁବକ



ଉମରକୋଟ, (ଡିକେ ନ୍ୟୁଜ): ବର୍ଷାଦିନ ଆସିଲାଣି, ଅନେକ ଅଞ୍ଚଳରେ ସଡ଼କର ସମସ୍ୟା ଦେଖାଦେଇଥାଏ। ଅନେକ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଗୁଡିକରେ ଆଣ୍ଠୁଏ ପାଣି ଜମା ରହିବା ସହ କାଦୁଅ ପଚ ପଚରେ ଲୋକେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ନେତା ମନ୍ତ୍ରୀ ନିଜର ଭୋଟ ବ୍ୟାଙ୍କ ପାଇଁ ଲୋକଙ୍କୁ ଭୁଆଁ ବୁଲେଇ ଭୋଟ ଆଦାୟ କରିନିଅନ୍ତି। ଏଭଳି ନବରଙ୍ଗପୁର ଜିଲ୍ଲା ଉମରକୋଟ ଠାରୁ ରାଇଘରକୁ ସଂଯୋଗ କରୁଥିବା ଏକ ପୋଲ ଯାହାକି ଉମରକୋଟର ଆରଏମସି ନିକଟରେ ରହିଛି। ଏହି ପୋଲ ଉପରେ ଦିନକୁ ଶହ ଶହ ଯାନବାହାନ ଯାତାୟାତ କରୁଛି। ଏପରିକି ସରକାରୀ ବାବୁ ଠାରୁ ଆରମ୍ଭ କରି ନେତା ମନ୍ତ୍ରୀଙ୍କ ଗାଡ଼ି ଏହି ପୋଲ ଉପରେ ଯାଉଛି। ବର୍ତ୍ତମାନ ଏହି ପୋଲ ଉପରେ ବଡ଼ ବଡ଼ ଗର୍ତ୍ତ ହେଲାଣି। ଯାହାକି ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। କିନ୍ତୁ କୌଣସି ସରକାରୀ ବାବୁ କିମ୍ବା ନେତା ମନ୍ତ୍ରୀଙ୍କ ଦୃଷ୍ଟି ଉକ୍ତ ଗର୍ତ୍ତ ଉପରେ ପଡୁନାହିଁ। ସମସ୍ତେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ। କିନ୍ତୁ ପେସାରେ ଜଣେ ମିସ୍ତ୍ରୀ କିଛି ଲୋକଙ୍କ ସାହାଯ୍ୟ ନେଇଁ ନିଜସ୍ୱ ଖର୍ଚ୍ଚରେ ସେହି ପୋଲ ଉପରେ ଥିବା ଗର୍ତ୍ତ ଗୁଡିକରେ ଚିପିସ, ବାଲି, ସିମେଣ୍ଟ ଦେଇ ମରାମତି କରିଥିବା ଦେଖିବାକୁ ମିଳିଛି। ମିସ୍ତ୍ରୀ କାମ କରି ନିଜର ଘର ଚଳାନ୍ତି କିନ୍ତୁ ଆଜି ନିଜ କାମ ବନ୍ଦ କରି ପୋଲରେ ଥିବା ଗର୍ତ୍ତ ଗୁଡିକର ମରାମତି କରିଥିଲେ। ଏହା ଦେଖି ଉମରକୋଟବାସୀ ବହୁତ ପ୍ରଶଂସା କରିଛନ୍ତି।






ଇଂଲଣ୍ଡ-ଭାରତ ମହିଳା ପ୍ରଥମ ଟି-ଟ୍ୱେଣ୍ଟି

# ସ୍ମୃତି ମନ୍ଧନାଙ୍କ ବିସ୍ଫୋରକ ଶତକ, ୯୭ ରନରେ ହାରିଲା ଘରୋଇ ଟିମ୍

ନଟିଂହାମ, ୨୯।୬ (ହି.ସ): ଘରୋଇ ଇଂଲଣ୍ଡ ଓ ଭାରତ ମହିଳା ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟି-ଟ୍ୱେଣ୍ଟି ମୁକାବିଲାରେ ଭାରତ ୯୭ ରନରେ ବିଶାଳ ବିଜୟ ହାସଲ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଦଳ ୫ ୱିକେଟ୍ ବିନିମୟରେ ୨୧୦ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ୧୪.୫ ଓଭରରେ ୧୧୩ ରନ କରି ଅଲ୍ ଆଉଟ୍ ହୋଇ ଯାଇଥିଲା। ଆହତ ହରମନପ୍ରୀତ କୌରଙ୍କ ଅନୁପସ୍ଥିତିରେ ଭାରତୀୟ ଦଳର ନେତୃତ୍ୱ ନେଇଥିବା ସ୍ମୃତି ମନ୍ଧନା ଶତକ ଅର୍ଜନ କରି ବିରଳ ରେକର୍ଡ ସ୍ଥାପନ କରିବା ସହ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ପ୍ରଥମ ଭାରତୀୟ ବ୍ୟାଟର ଭାବେ ୩ଟି ଯାକ ଫର୍ମାଟରେ ଶତକ ଅର୍ଜନ କରିବାରେ ରେକର୍ଡ କରିଥିଲେ। କେବଳ ସେତିକି ନୁହେଁ, ଭାରତୀୟ ଭାବେ ସେ ଟି-ଟ୍ୱେଣ୍ଟି ଫର୍ମାଟରେ ସର୍ବବୃହତ ଇନିଂସ ଖେଳିବାରେ ହରମନପ୍ରୀତଙ୍କ ରେକର୍ଡ ଭାଙ୍ଗିଥିଲେ। ଏହାପରେ ପଦାର୍ପଣ



ମ୍ୟାଚ୍ ଖେଳିଥିବା ୨୦ ବର୍ଷୀୟା ଶ୍ରୀ ଚରଣୀ ୧୨ ରନରେ ୪ଟି ୱିକେଟ୍ ନେଇ ଇଂଲଣ୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେବା ଘରୋଇ ଦଳ ପାଇଁ ମହଙ୍ଗା ପଡ଼ିଥିଲା। ଭାରତର ଦୁଇ ଓପନର ଶେଫାଳି ବର୍ମା ଓ ମନ୍ଧନା ଆକ୍ରମଣାତ୍ମକ ବ୍ୟାଟିଂ କରି ୭୭ ରନ୍ ସଂଗ୍ରହ କରିଥିଲେ। ଶେଫାଳି ୨୦ ରନ କରି ପ୍ରଥମେ ଆଉଟ୍ ହୋଇଥିଲେ। ମାତ୍ର ମନ୍ଧନାଙ୍କୁ ଅଟକାଇବାରେ ଇଂଲଣ୍ଡ ବୋଲର ବିଫଳ ହୋଇଥିଲେ। ସେ ଚୌକା ଓ ଛକା ବର୍ଷା କରି ଶତକ ଅର୍ଜନ କରିବା ଫଳରେ ଦଳୀୟ ସ୍କୋର ୨୧୦ରେ ପହଞ୍ଚିଥିଲା। ସେ ୬୨ଟି ବଲର ସାମ୍ନା କରି ୧୫ଟି ଚୌକା ଓ ୩ଟି ଛକା ବଳରେ ୧୧୨ ରନ ସଂଗ୍ରହ କରିଥିଲେ। ସୂଚନାଯୋଗ୍ୟ, ବିଶ୍ୱର ପଞ୍ଚମ ମହିଳା ବ୍ୟାଟର ଭାବେ ମନ୍ଧନା ୩ଟି ଯାକ ଫର୍ମାଟରେ ଶତକ ଅର୍ଜନ କରିଛନ୍ତି। ତାଙ୍କ ପୂର୍ବରୁ ହିଥର ନାଇଟ୍, ଟାମି ବ୍ୟୁମୋଣ୍ଟ, ଲାଉରା ଉଲଭର୍ଟ ଓ ବେଥ ମୁନି ଏହି ସଫଳତା ଅର୍ଜନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ହର୍ଲିନ ଦେଓଲ ୭ ଚୌକା ବଳରେ ୪୩ ରନ କରିଥିବାବେଳେ ରିଚ୍ଚା ଘୋଷ ୧୨ ରନ କରିଥିଲେ। ଇଂଲଣ୍ଡ ପକ୍ଷରୁ ଲାଉରେନ ବେଲ୍ ୩ଟି ୱିକେଟ ନେଇଥିଲେ। ଜବାବରେ ଇଂଲଣ୍ଡ ପ୍ରାରମ୍ଭରୁ ବିପର୍ଯ୍ୟୟର ସାମ୍ନା କରିଥିଲା। ଓପନର ଡାନି ୱାଟ୍ ଖାତା ଖୋଲି ପାରିନଥିବାବେଳେ ଶୋଫିଆ ଡଙ୍କଲି ମାତ୍ର ୭ ରନ କରି ପାଭିଲିୟନ ଫେରିଥିଲେ। ୯ ରନରେ ଓପନିଂ ଯୋଡ଼ିଙ୍କୁ ହରାଇବା ପରେ ଇଂଲଣ୍ଡ ବିପର୍ଯ୍ୟୟରୁ ମୁକୁଳି ପାରି ନଥିଲା। କେବଳ ଅଧିନାୟିକା ନାଟାଲି ସ୍କିଭର-ବ୍ରଣ୍ଟଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ଭାରତୀୟ ବୋଲରଙ୍କ ସାମ୍ନା କରିପାରି ନଥିଲେ। ସ୍କିଭର-ବ୍ରଣ୍ଟ ୧୦ ଚୌକା ବଳରେ ସର୍ବାଧିକ ୬୬ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ ଆର୍ଲଟ୍ ୧୨ ଓ ଟାମି ବ୍ୟୁମୋଣ୍ଟ ୧୦ ରନ କରିଥିଲେ। ବାକି ୮ ବ୍ୟାଟର ୨ ଅଙ୍କ ଛୁଇଁ ପାରି ନଥିଲେ। ଭାରତ ପକ୍ଷରୁ ଶ୍ରୀ ଚରଣୀଙ୍କ ୪ ୱିକେଟ ବ୍ୟତୀତ ଦୀପ୍ତି ଶର୍ମା ଓ ରାଧା ଯାଦବ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ।

## ବିଶ୍ୱ ଆଥଲେଟିକ୍ସ ଜାଭେଲିନ ମାନ୍ୟତା; ନୀରଜ ଚୋପ୍ରା ଏକ ନମ୍ବର




ନୂଆଦିଲ୍ଲୀ, ୨୯।୬ (ହି.ସ): ଡବଲ୍ ଅଲିମ୍ପିକ୍ ପଦକ ବିଜେତା ଭାରତର ନୀରଜ ଚୋପ୍ରା ସଦ୍ୟ ଘୋଷିତ ବିଶ୍ୱ ଆଥଲେଟିକ୍ସ ଜାଭେଲିନ ମାନ୍ୟତା ତାଲିକାରେ ଶୀର୍ଷ ସ୍ଥାନ ଫେରି ପାଇଛନ୍ତି। ସେ ମୋଟ୍ ୧୪୪୫ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ପୂର୍ବରୁ ଏହି ସ୍ଥାନରେ ଥିବା ଗ୍ରେନାଡାର ଆଣ୍ଡରସନ ପିଟର୍ସ ଦ୍ୱିତୀୟକୁ ଖସିଛନ୍ତି। ସେ ୧୪୩୧ ପଏଣ୍ଟ ପାଇଛନ୍ତି। ସେହିପରି ଜର୍ମାନୀର ଜୁଲିଏନ ୱେବର ୧୪୦୧ ପଏଣ୍ଟ ସହ ତୃତୀୟ, ଅଲିମ୍ପିକ୍ ଚାମ୍ପିଅନ୍ ପାକିସ୍ତାନର ଅର୍ଶଦ ନଦୀମ ୧୩୭୦ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛନ୍ତି। ଗତ ବର୍ଷ ସେପ୍ଟେମ୍ବର ମାସରେ ପିଟର୍ସ ଡାଏମଣ୍ଡ ଲିଗ୍ ଫାଇନାଲରେ ଚାମ୍ପିଅନ୍ ହେବା ସହ ନୀରଜଙ୍କୁ ପଛରେ ପକାଇ ଶୀର୍ଷ ମାନ୍ୟତା ଦଖଲ କରିଥିଲେ। ଚଳିତ ସିଜନରେ ନୀରଜଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଛି। ସେ ପୋଏଷ୍ଟ୍ରମ୍ ଠାରେ ଅନୁଷ୍ଠିତ ମିଟରେ ସ୍ୱର୍ଣ୍ଣ ପଦକ ଜିତି ସିଜନ ଆରମ୍ଭ କରିଥିଲେ। ଏହି ମିଟରେ ସେ ୮୪.୫୨ମିଟର ଥ୍ରୋ କରିଥିଲେ। ଏହାପରେ ଦୋହା ଡାଏମଣ୍ଡରେ ପ୍ରଥମ ଭାରତୀୟ ଭାବେ ୯୦ମିଟର ଦୂରତା ଅତିକ୍ରମ କରି ଇତିହାସ ରଚିଥିଲେ। ସେ ୯୦.୨୩ମିଟର ଥ୍ରୋ ସହ ଦ୍ୱିତୀୟରେ ରହିଥିଲେ। ପରେ ନୀରଜ ଜାନୁଜ କୁସୋସିନସ୍କି ମେମୋରିଆଲ୍ ଇଭେଣ୍ଟରେ ୮୪.୧୪ମିଟର ସହ ଦ୍ୱିତୀୟ, ପ୍ୟାରିସ୍ ଡାଏମଣ୍ଡ୍ ଲିଗରେ ୮୮.୧୬ମିଟର ସହ ପ୍ରଥମ ଏବଂ ଓଷ୍ଟ୍ରାଭା ଗୋଲ୍ଡେନ ସ୍ପାଇକ୍ ଇଭେଣ୍ଟରେ ୮୫.୨୯ମିଟର ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରଦର୍ଶନ ବଳରେ ସେ ମାନ୍ୟତା ତାଲିକାରେ ଶୀର୍ଷ ସ୍ଥାନ ଫେରିପାଇଛନ୍ତି।

# ଯଶ ଦୟାଲଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଲେ ଯୁବତୀ

ନୂଆଦିଲ୍ଲୀ, ୨୯।୬ (ହି.ସ): ଇଣ୍ଡିଆନ୍ ପ୍ରିମିୟର ଲିଗରୁ ଲୋକପ୍ରିୟତା ପାଇଥିବା ଭାରତୀୟ କ୍ରିକେଟର ଯଶ୍ ଦୟାଲ୍ ବିବାଦରେ ଫସିଛନ୍ତି। ଆଇପିଏଲ୍ ୨୦୨୫ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ଚାମ୍ପିଅନ୍ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଯଶ୍ ଦୟାଲଙ୍କ ବିରୋଧରେ ଜଣେ ମହିଳା ଯୌନ ଶୋଷଣ, ହିଂସା ଏବଂ ଠକେଇର ଅଭିଯୋଗ ଆଣିଛନ୍ତି। ପୀଡିତା ସୋସିଆଲ ମିଡିଆରେ ଏକ ପୋଷ୍ଟ ମାଧ୍ୟମରେ ଏହି ବାମହାତୀ ଦ୍ରୁତ ବୋଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପୀଡିତା ଏହି ମାମଲାରେ ନ୍ୟାୟ ପାଇଁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ରାଜ୍ୟ ପୋଲିସକୁ ଆବେଦନ କରିଛନ୍ତି। ଯଶ ଦୟାଲ ଘରୋଇ କ୍ରିକେଟରେ ଉତ୍ତରପ୍ରଦେଶ ପାଇଁ ଏବଂ ଆଇପିଏଲରେ ବେଙ୍ଗାଲୁରୁ ପାଇଁ ଖେଳୁଛନ୍ତି। ସେ ନିକଟ ଅତୀତରେ ଏହି ଲିଗରୁ ବହୁତ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ଗତ ବର୍ଷ ତାଙ୍କୁ ପ୍ରଥମ ଥର ପାଇଁ ଭାରତର ଟି-୨୦ ଦଳରେ ସାମିଲ କରାଯାଇଥିଲା।




ସେ ଭାରତ ଏ ଦଳ ପାଇଁ କିଛି ମ୍ୟାଚ୍ ମଧ୍ୟ ଖେଳିଛନ୍ତି। ଜୁନ୍‌ରେ ଦୟାଲ ଆରସିବିକୁ ଆଇପିଏଲ ଚାମ୍ପିଅନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। କିନ୍ତୁ ବର୍ତ୍ତମାନ ତାଙ୍କ ବିରୋଧରେ ଆସିଥିବା ସଙ୍ଗୀନ ଅଭିଯୋଗ ଦୟାଲଙ୍କ ସଫଳତାର ଚମକକୁ ଫିକା କରି ଦେଇପାରେ। ପୀଡିତା ହେଲ୍ପଲାଇନ୍ ପୋର୍ଟାଲରେ ତାଙ୍କର ଅଭିଯୋଗ ଦାଖଲ କରିଛନ୍ତି। ଏହାର ସ୍କ୍ରିନସଟ୍ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ମହିଳା ଜଣଙ୍କ ଏହି ପୋଷ୍ଟରେ ଦୟାଲଙ୍କ ସହିତ ତାଙ୍କର ଫଟୋ ମଧ୍ୟ ସେୟାର କରିଥିବା ଦେଖିବାକୁ ମିଳିଛି। ମହିଳା ଜଣଙ୍କ ଦାବି କରିଛନ୍ତି ଯେ, ସେ ଗତ ୫ ବର୍ଷ ଧରି କ୍ରିକେଟରଙ୍କ ସହ ସମ୍ପର୍କରେ ଥିଲେ। କିନ୍ତୁ ସଂପୃକ୍ତ କ୍ରିକେଟର ତାଙ୍କୁ ବିବାହର ପ୍ରଲୋଭନ ଦେଖାଇ ମାନସିକ ଏବଂ ଶାରୀରିକ ଶୋଷଣ କରିଥିଲେ। କ୍ରିକେଟର ତାଙ୍କ ପରିବାର ସହ ତାଙ୍କୁ ପରିଚିତ କରାଇଥିଲେ ଏବଂ ଭବିଷ୍ୟତର ବୋହୂ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ସେ ଠକି ଦେଇଛନ୍ତି ବୋଲି ପୀଡ଼ିତା ଅଭିଯୋଗ କରିଛନ୍ତି। ସେହିଭଳି ଯଶ ଦୟାଲ ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇଛନ୍ତି। ଅନ୍ୟ ଯୁବତୀମାନଙ୍କ ସହ ମଧ୍ୟ ସେ ସଂପର୍କ ରଖିଥିବା ନେଇ ପୋଷ୍ଟରେ କହିଛନ୍ତି ପୀଡ଼ିତା। ସେପଟେ ଏଭଳି ଅଭିଯୋଗ ଉପରେ କ୍ରିକେଟର ଯଶ ଦୟାଲଙ୍କ ପ୍ରତିକ୍ରିୟା ମିଳିନାହିଁ।

# ୪୮ ଘଣ୍ଟାରେ ୱେଷ୍ଟଇଣ୍ଡିଜକୁ ଲାଗିଲା ଆଉ ଏକ ଝଟ୍‌କା

ନୂଆଦିଲ୍ଲୀ, ୨୯।୬ (ହି.ସ): ବାରବାଡୋସର ବ୍ରିଜଟାଉନରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆ ୱେଷ୍ଟଇଣ୍ଡିଜକୁ ୧୫୯ ରନରେ ପରାସ୍ତ କରି ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ୧-୦ରେ ଆଗୁଆ ରହିଛି। ଏହି ଟେଷ୍ଟ ମ୍ୟାଚରେ ଅନେକ ବିବାଦୀୟ ନିଷ୍ପତ୍ତି ହୋଇଥିଲା, ଯାହା ୱେଷ୍ଟଇଣ୍ଡିଜ ଦଳକୁ କ୍ଷତି ପହଞ୍ଚାଇଛି। ଦଳର ମୁଖ୍ୟ ପ୍ରଶିକ୍ଷକ ଡାରେନ ସାମିଙ୍କୁ ଥାର୍ଡ ଅମ୍ପାୟରଙ୍କ ଏହି ନିଷ୍ପତ୍ତି ଉପରେ ଅସନ୍ତୋଷ ପ୍ରକାଶ କରିବା ପାଇଁ ଦଣ୍ଡିତ କରାଯାଇଛି। ମୁଖ୍ୟ ପ୍ରଶିକ୍ଷକ ଭାବରେ ତାଙ୍କର



ପ୍ରଥମ ଟେଷ୍ଟ ମ୍ୟାଚ ସମୟରେ, ସାମି ଅନେକ ନିଷ୍ପତ୍ତି ଉପରେ ଆପତ୍ତି କରିଥିଲେ, ଯେଉଁଥିପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତାଙ୍କ ଉପରେ ଜରିମାନା ଲଗାଇଛି। ଏହା ୪୮ ଘଣ୍ଟା ମଧ୍ୟରେ ୱେଷ୍ଟଇଣ୍ଡିଜ ଦଳକୁ ଦୁଇଗୁଣ ଝଟକା ଦେଇଛି। ୱେଷ୍ଟଇଣ୍ଡିଜ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚରେ, ତୃତୀୟ ଅମ୍ପାୟର ଆଡ୍ରିଆନ ହୋଲ୍ଡଷ୍ଟକ ଦ୍ୱାରା ମୋଟ ୫ ଏପରି ନିଷ୍ପତ୍ତି ଦିଆଯାଇଥିଲା, ଯାହାକୁ ନେଇ ପ୍ରଶ୍ନ କରାଯାଇଥିଲା। ଏହି ନିଷ୍ପତ୍ତି ମଧ୍ୟରୁ ଚାରୋଟି ୱେଷ୍ଟଇଣ୍ଡିଜ ବିରୁଦ୍ଧରେ ଦିଆଯାଇଥିଲା। ୱେଷ୍ଟଇଣ୍ଡିଜ ମୁଖ୍ୟ ପ୍ରଶିକ୍ଷକ ଡାରେନ ସାମି ଏକ ଖବରଦାତା ସମ୍ମିଳନୀରେ ତୃତୀୟ ଅମ୍ପାୟରଙ୍କ ନାମ ନେଇ ଏହି ନିଷ୍ପତ୍ତିଗୁଡ଼ିକୁ ଟାର୍ଗେଟ କରିଥିଲେ। ଏହା ପରେ ଆଇସିସି ସାମିଙ୍କ ଉପରେ ୧୫ ପ୍ରତିଶତ ମ୍ୟାଚ ଫି ସହିତ ଡିମେରିଟ ପଏଣ୍ଟ ଜରିମାନା ଲଗାଇଛି। ଏହା ବ୍ୟତୀତ, ଆଇସିସି ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲର ଜାଡେନ ସିଲ୍ସଙ୍କ ଉପରେ ମଧ୍ୟ ମ୍ୟାଚ୍ ଫିର ୧୫% ଜରିମାନା ଲଗାଇଛି। ସୂଚନାଯୋଗ୍ୟ, ମ୍ୟାଚ ପରେ, ଆୟୋଜକ ଦଳର ପ୍ରଶିକ୍ଷକ ଡାରେନ ସାମି ଖବରଦାତା ସମ୍ମିଳନୀରେ କହିଥିଲେ ଯେ ଭୁଲ ନିଷ୍ପତ୍ତି ଯୋଗୁ ମ୍ୟାଚର ଫଳାଫଳ ଆମ ବିପକ୍ଷରେ ଗଲା। ଯେତେବେଳେ କୌଣସି ବିଷୟରେ ସନ୍ଦେହ ଥାଏ, ସେତେବେଳେ ଏହା ଉପରେ ସ୍ୱର ଉଠାଇବା ଉଚିତ। ଯେତେବେଳେ ଆପଣ ଗୋଟିଏ ପରେ ଗୋଟିଏ ଏପରି ନିଷ୍ପତ୍ତି ଦେଖନ୍ତି, ସେତେବେଳେ ପ୍ରଶ୍ନ ଉଠିବା ନିଶ୍ଚିତ। ସାମିଙ୍କ ବ୍ୟତୀତ ୱେଷ୍ଟଇଣ୍ଡିଜ ଅଧିନାୟକ ରୋଷ୍ଟନ ଚେଜ ମଧ୍ୟ ଅମ୍ପାୟରଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଥିଲେ।

# ଦ୍ୱିତୀୟ ଥର ମାଆ ହେଲେ ଇଲିଆନା ଡି'କ୍ରୁଜ୍



ମୁମ୍ବାଇ, ୨୯।୬ (ହି.ସ): ପୁଣି ଥରେ ମାଆ ହୋଇଛନ୍ତି ଇଲିଆନା ଡି'କ୍ରୁଜ୍। ଅଭିନେତ୍ରୀ ତାଙ୍କର ସୋସିଆଲ ମିଡିଆ ପୋଷ୍ଟରେ ଦ୍ୱିତୀୟ ଥର ପାଇଁ ମାଆ ହେବାର ଖୁସି ଖବର ଦେଇଛନ୍ତି। ଅଭିନେତ୍ରୀ ତାଙ୍କର ଦ୍ୱିତୀୟ ସନ୍ତାନର ଫଟୋ ମଧ୍ୟ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ଇଲିଆନା ଏକ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି। ପୋଷ୍ଟରେ ଅଭିନେତ୍ରୀ ତାଙ୍କ ପୁଅର ନାମ ଏବଂ ତାଙ୍କ ଜନ୍ମ ତାରିଖ ମଧ୍ୟ ପ୍ରକାଶ କରିଛନ୍ତି। ତେବେ ୨୭ ଜୁନ ରାତିରେ ଇଲିଆନା ତାଙ୍କ ଇନଷ୍ଟାଗ୍ରାମ ପୋଷ୍ଟରେ ଦ୍ୱିତୀୟ ସନ୍ତାନ ଜନ୍ମ ହେବାର ଖୁସି ଖବର ଦେଇଥିଲେ। ଅଭିନେତ୍ରୀ ତାଙ୍କ ଦ୍ୱିତୀୟ ସନ୍ତାନର ଏକ ଝଲକ ମଧ୍ୟ ସେୟାର କରିଛନ୍ତି। ଅଭିନେତ୍ରୀ ତାଙ୍କ ପୁଅର ଏକ ବ୍ଲାକ ଆଣ୍ଡ ହ୍ୱାଇଟ ଫଟୋ ସେୟାର କରିଛନ୍ତି। ଏହା ସହିତ, ଅଭିନେତ୍ରୀ କହିଛନ୍ତି ଯେ ତାଙ୍କର ଦ୍ୱିତୀୟ ସନ୍ତାନ ୧୯ ଜୁନ୍ ୨୦୨୫ରେ ଜନ୍ମ ହୋଇଥିଲା। ଇଲିଆନା ଏହି ଖୁସି ଖବର ପୋଷ୍ଟରେ ଲାଲ ହାର୍ଟ ଇମୋଜି ସହ କ୍ୟାପସନରେ ଲେଖିଛନ୍ତି, 'ଆମେ ବହୁତ ଖୁସି'। ଅଭିନେତ୍ରୀ ତାଙ୍କ ପୁଅର ନାମ କିନୁ ମାଇକେଲ୍ ଡୋନାଲ୍ ରଖିଛନ୍ତି। ତେବେ ଏହି ଖବର ଆସିବା ପରେ ଇଲିଆନାଙ୍କୁ ଛୁଟୁଛି ଶୁଭେଚ୍ଛାର ସୁଅ। ଫ୍ୟାନ୍ସ ସମେତ ତମାମ ସେଲିବ୍ରିଟି ଅଭିନେତ୍ରୀଙ୍କୁ ଶୁଭକାମନା ଜଣାଇଛନ୍ତି। ପ୍ରିୟଙ୍କା ଚୋପ୍ରା ଏବଂ ଅନେକ ସେଲିବ୍ରିଟି ଇଲିଆନାଙ୍କ ମାଆ ହେବା ପାଇଁ ଅଭିନେତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶ ଥାଉକି, ୨୦୨୩ ମସିହାର ଆରମ୍ଭରେ ରଣବୀର କପୁରଙ୍କ ସହ ଫିଲ୍ମ ବର୍ଫିରେ କାମ କରିଥିବା ଅଭିନେତ୍ରୀ ଇଲିଆନା ଗତ ବର୍ଷ ପ୍ରଥମ ଥର ପାଇଁ ମାଆ ହୋଇଥିଲେ। ସେ ତାଙ୍କର ପ୍ରଥମ ପୁଅ କୋଆ ଫୋନିକ୍ସ ଡୋଲାନଙ୍କୁ ଜନ୍ମ ଦେଇଥିଲେ।

# ଶେଫାଳିଙ୍କ ଅସମୟ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁ ନାହାଁନ୍ତି ସ୍ୱାମୀ ପରାଗ

ମୁମ୍ବାଇ, ୨୯।୬ (ହି.ସ): ବଲିଉଡରେ 'କାଣ୍ଟା ଲଗା ଗାର୍ଲ' ଭାବରେ ପ୍ରସିଦ୍ଧ ଶେଫାଳି ଜରିୱାଲାଙ୍କ ୪୨ ବର୍ଷ ବୟସରେ ମୃତ୍ୟୁ ଘଟିଛି। ଅଭିନେତ୍ରୀଙ୍କ ଶେଷକୃତ୍ୟ ମୁମ୍ବାଇରେ କରାଯାଇଥିଲା। ଯେଉଁଠାରେ ତାଙ୍କ ପରିବାର ବ୍ୟତୀତ ଅନେକ ଟିଭି ଷ୍ଟାର ଯୋଗ ଦେଇଥିଲେ। ଅଭିନେତ୍ରୀଙ୍କୁ ଶେଷ ବିଦାୟ ଦେବା ପରେ ସମସ୍ତଙ୍କ ଆଖିରୁ ଲୁହ ଝରି ପଡ଼ିଥିଲା। ରିପୋର୍ଟ ଅନୁସାରେ, ଶୁକ୍ରବାର ରାତି ୧୦ରୁ ୧୧ଟା ମଧ୍ୟରେ ଶେଫାଳି ଜରିୱାଲାଙ୍କ ମୃତ୍ୟୁ ହୋଇଥିଲା। ଘରେ ଅଭିନେତ୍ରୀଙ୍କର ହୃଦଘାତ ହୋଇଥିଲା। ଏହା ପରେ ତାଙ୍କ ସ୍ୱାମୀ ପରାଗ ତ୍ୟାଗୀ ଏବଂ ଅନ୍ୟ କେତେଜଣ ଅଭିନେତ୍ରୀଙ୍କୁ ହସ୍ପିଟାଲକୁ ନେଇଯାଇଥିଲେ। ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହି ସମୟରେ, ଶେଫାଳିଙ୍କ ମୃତ୍ୟୁ ପରେ, ପ୍ରାୟ ରାତି ୧ଟାରେ ପୋଲିସକୁ ଏ ବିଷୟରେ ସୂଚନା ଦିଆଯାଇଥିଲା। ସୂଚନା ପାଇବା ମାତ୍ରେ ପୋଲିସ ତୁରନ୍ତ ଅଭିନେତ୍ରୀଙ୍କ ଘରେ ପହଞ୍ଚିଥିଲା। ଯେଉଁଠାରେ ତଦନ୍ତ ପରେ, ତାଙ୍କ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ମୁମ୍ବାଇର କୁପର ହସ୍ପିଟାଲକୁ ପଠାଯାଇଥିଲା। ଯାହାଦ୍ୱାରା ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ। ପତ୍ନୀ ଶେଫାଳି ଜରିୱାଲାଙ୍କୁ ଶେଷ ବିଦାୟ ଦେବା ପରେ, ପରାଗ ତ୍ୟାଗୀ ପ୍ରବଳ କାନ୍ଦୁଥିବାର ଦେଖାଯାଇଥିଲା। ଅଭିନେତ୍ରୀଙ୍କ ଶେଷକୃତ୍ୟ



ପରେ, ସେ ଗଣମାଧ୍ୟମ ସହିତ କଥା ହୋଇଥିଲେ ଏବଂ ହାତ ଯୋଡ଼ି ସେମାନଙ୍କୁ ଶେଫାଳିଙ୍କ ପାଇଁ ପ୍ରାର୍ଥନା କରିବାକୁ ଅନୁରୋଧ କରିଥିଲେ। ପରାଗ କହିଥିଲେ, 'ତୁମେମାନେ ଦୟାକରି ମୋ ପରୀଙ୍କ ପାଇଁ ପ୍ରାର୍ଥନା କର' ତାଙ୍କ କଥା ଶୁଣି ସମସ୍ତେ ଭାବପ୍ରବଣ ହୋଇଯାଉଥିବା ଦେଖାଯାଇଥିଲା। ତେବେ ମୃତ୍ୟୁର ସଠିକ୍ କାରଣ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ କୁହାଯାଇ ନାହିଁ, କିନ୍ତୁ ହୃଦଘାତକୁ ପ୍ରାଥମିକ କାରଣ ଭାବରେ ବିବେଚନା କରାଯାଉଛି। ତେବେ ଏହାରି ଭିତରେ ତାଙ୍କର ପୋଷ୍ଟମର୍ଟମ ରିପୋର୍ଟ ସାମ୍ନାକୁ ଆସିଛି। ଯେଉଁ ରିପୋର୍ଟରେ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ପୋଲିସ ଶେଫାଳି ଜାରିୱାଲାଙ୍କ ସ୍ୱାମୀ ପରାଗ ତ୍ୟାଗୀଙ୍କ ବୟାନ ରେକର୍ଡ କରିଛି, ଯାହା ପ୍ରକାଶ କରୁଛି ଯେ, ଅଭିନେତ୍ରୀ ପୂର୍ବରୁ ଚିକିତ୍ସାଧୀନ ଥିଲେ। ତାଙ୍କ ଡାକ୍ତର କହିଛନ୍ତି ଯେ, ଅଭିନେତ୍ରୀ ଗ୍ଲାମର ଦେଖାଯିବା ପାଇଁ ଗତ ୫-୬ ବର୍ଷ ଧରି ଚିକିତ୍ସା ନେଉଥିଲେ। ତଥାପି, ଡାକ୍ତର ଦାବି କରିଛନ୍ତି, ଯେ ଏହି ଔଷଧର ହାର୍ଟ ସହିତ କୌଣସି ସମ୍ପର୍କ ନାହିଁ। ଏହି ଔଷଧଗୁଡ଼ିକ ଚର୍ମର ସୁନ୍ଦରତା ପାଇଁ ନିଆଯାଏ ଏବଂ ଏହାର ପ୍ରଭାବ କେବଳ ଚର୍ମ ଉପରେ ପଡ଼ିଥାଏ। ଶେଫାଳିଙ୍କ ମୃତ୍ୟୁ ଖବର ସାମ୍ନାକୁ ଆସିବା ପରେ ବଲିଉଡରେ ଅନେକ ପ୍ରସିଦ୍ଧ ବ୍ୟକ୍ତିତ୍ୱ ସୋସିଆଲ ମିଡିଆରେ ଶୋକ ପ୍ରକାଶ କରିଛନ୍ତି। ଶେଫାଳି ଜାରିୱାଲା ୧୫ ବର୍ଷ ବୟସରେ ମୃଗୀ ରୋଗରେ ଆକ୍ରାନ୍ତ ହୋଇଥିଲେ। ଏକ ପୁରୁଣା ସାକ୍ଷାତକାରରେ ସେ କହିଥିଲେ ଯେ, ଏହି ରୋଗ ତାଙ୍କ ଆତ୍ମବିଶ୍ୱାସକୁ ପ୍ରଭାବିତ କରିଥିଲା ଏବଂ କ୍ୟାରିୟରରେ ଅନେକ ସୁଯୋଗ ଗ୍ରହଣ କରିବାରେ ବାଧା ସୃଷ୍ଟି କରିଥିଲା। ତଥାପି, ସେ ଚିକିତ୍ସା ଓ ପରିବାରର ସମର୍ଥନ ମାଧ୍ୟମରେ ନଅ ବର୍ଷ ଧରି ମୃଗୀରୁ ମୁକ୍ତ ରହିଥିଲେ। ସେ ମାନସିକ ସ୍ୱାସ୍ଥ୍ୟ ସଚେତନତା ଓ ମହିଳା ସଶକ୍ତିକରଣ ପାଇଁ ମଧ୍ୟ ସର୍ବଦା କାର୍ଯ୍ୟ କରୁଥିଲେ।

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik